

ଜାତୀୟ ବ୍ୟାଡ୍‌ମିଣ୍ଟନ୍ ସେମିରେ ତନ୍‌ଭୀ


▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-159 ◆FRIDAY ◆5 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୫୯ ◆ଶୁକ୍ରବାର ◆୫ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଭାରତରେ ରୁଷ ରାଷ୍ଟ୍ରପତି ପୁତିନ

# ଆଜି ଦିଲ୍ଲୀ ଶିଖର ବୈଠକ

■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଦୁଇ ଦିନିଆ ଭାରତ ଗସ୍ତରେ ଆସି ଦିଲ୍ଲୀରେ ପହଞ୍ଚିଛନ୍ତି। ଆଜି ସନ୍ଧ୍ୟାରେ ତାଙ୍କ ବିମାନ ପାଲମ ବିମାନବନ୍ଦରରେ ଅବତରଣ କରିଥିବା ବେଳେ ସେଠାରେ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି। ୟୁକ୍ରେନ ଯୁଦ୍ଧ ପରେ ଏହା ହେଉଛି ପୁତିନଙ୍କ ପ୍ରଥମ ଭାରତ ଗସ୍ତ। ପୁଣି ଏହି ଯୁଦ୍ଧକୁ ନେଇ ରୁଷ ଉପରେ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ର କଟକଣା ଲଗାଇଥିବାରୁ ତାଙ୍କର ଭାରତ ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି।



### ସାମରିକ, ବାଣିଜ୍ୟ, ଶକ୍ତି ସହଯୋଗ ଉପରେ ହେବ ଆଲୋଚନା

ଆଜି ସନ୍ଧ୍ୟାରେ ପାଲମ ବିମାନବନ୍ଦରରେ ପୁତିନଙ୍କୁ ସ୍ୱାଗତ କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ଏହାପରେ ସେଠାରୁ ଗୋଟିଏ କାରରେ ବସି ବାହାରିଥିଲେ ଦୁଇ ନେତା। ପ୍ରଧାନମନ୍ତ୍ରୀ ମୋଦୀ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ପୁତିନଙ୍କ ସମ୍ମାନରେ ନୈଶ ଭୋଜିର ଆୟୋଜନ କରିଛନ୍ତି। ୪ ବର୍ଷ ପରେ ପୁତିନ ଭାରତ ଆସିଛନ୍ତି ଏବଂ ସେ ୨୩ତମ ଭାରତ-ରୁଷ ବାର୍ଷିକ ଶୀର୍ଷ ସମ୍ମିଳନୀରେ ଭାଗ ନେବେ। ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ୫ ଥର ଫୋନରେ କଥାବାର୍ତ୍ତା ହୋଇଥିବା ବେଳେ ଗତ ସେପଟେମ୍ବର ପହିଲାରେ ଚୀନରେ ହୋଇଥିବା ଏସ୍‌ସିଓ ଶୀର୍ଷ ସମ୍ମିଳନୀରେ ସାକ୍ଷାତ ଆଲୋଚନା ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ଦିନ ୧୧ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରୁଷ ରାଷ୍ଟ୍ରପତି ପୁତିନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇବେ। ସେଠାରୁ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ପୁତିନ। ଏହାପରେ ହାଇଦ୍ରାବାଦ ହାଉସରେ ଦୁଇ ଦେଶ ମଧ୍ୟରେ ଶିଖର ବୈଠକ ଅନୁଷ୍ଠିତ ହେବ। ଦୁଇ ଦେଶ ମଧ୍ୟରେ ସାମରିକ, ବାଣିଜ୍ୟ ଓ ଶକ୍ତି ସହଯୋଗ ନେଇ ଆଲୋଚନା ହେବ।

ଆଗାମୀ ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ଶହେ ବିଲିଅନ୍ ଡଲାର୍‌ର ବାଣିଜ୍ୟିକ କାରବାରର ପାଇଁ ଆଲୋଚନାରେ ଖସଡ଼ା ପ୍ରସ୍ତୁତ ହେବ। ଏହାଛଡ଼ା ଭାରତକୁ ଏସୟୁ-୫୭ ଯୁଦ୍ଧ ବିମାନ ଓ ଏସ୍ ୪୦୦/୫୦୦ ଏୟାର୍ ଡିଫେନ୍ସ ସିଷ୍ଟମ୍ ଯୋଗାଣ ଓ ଆଣବିକ ଶକ୍ତି ସମ୍ପର୍କିତ ଆଲୋଚନା ହେବ। ଆସନ୍ତାକାଲି ରାତି ୯ଟାରେ ପୁତିନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ।

# ବିଧାନସଭାରେ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ

## ତାତିଲେ ବିରୋଧୀ | ଗୃହରେ ହୋହଲ୍ଲା, ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି-କଂଗ୍ରେସ ସଭ୍ୟଙ୍କ ମୌନ ଧାରଣା

■ ଭୁବନେଶ୍ୱର, ୪।୧୨ (ସମିସ): ବିଧାନସଭାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶାସକ ଦଳ ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଛି। ବିରୋଧୀ ବିଜେଡି ଓ କଂଗ୍ରେସ ବିଜେପି ବିଧାୟକଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଛନ୍ତି। ବିଧାନସଭା ଓ ବାହାରେ ଉଭୟ ବିରୋଧୀ ସରକାର ଏବଂ ବିଜେପି ଉପରେ ପ୍ରଚଣ୍ଡ ବର୍ଷିଛନ୍ତି। ଇତିହାସକୁ କଦର୍ଥ କରାଗଲେ ଆଦୌ ବରଦାସ୍ତ କରାଯିବନି ବୋଲି ବୋଲି ବିଜେଡି ଚେତାବନୀ ଦେଇଥିବାବେଳେ କଂଗ୍ରେସ ମଧ୍ୟ ଏହାକୁ କଟୁ ଶବ୍ଦରେ ନିନ୍ଦା କରିଛି। ବିଜେପିର ଅସଲ ମାନସିକତା ପଦାରେ ପଡ଼ିଛି ବୋଲି କଂଗ୍ରେସ କହିଛି।

ଗୃହ ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ମହାତ୍ମା ଗାନ୍ଧୀଙ୍କ ପ୍ରତି କିଛି ଅପଶବ୍ଦ ପ୍ରୟୋଗ କରିଥିଲେ। ଯାହାକୁ ତୁରନ୍ତ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ। ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ ଦେବା ପାଇଁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ଦାବି କରିବା ସହ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ଆଗରେ ହୋହଲ୍ଲା କରିଥିଲେ। ବାଚସ୍ପତି ବାରମ୍ବାର ଅନୁରୋଧ ପରେ ଉଭୟ ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିବା ପରେ ଏହି ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦେବା ପାଇଁ ନିର୍ଦ୍ଦେଶ ସେ ଦେଇଥିଲେ। ଏହା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ବିଧାୟକଙ୍କ ନିଜ ମନ୍ତବ୍ୟ ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଦାବି କରି ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ମୌନ ଧାରଣା ଦେଇଥିଲେ।

▶ପୃଷ୍ଠା-୭



- ଇତିହାସକୁ ବିକଳାଙ୍ଗ କରିବାକୁ ଚେଷ୍ଟା କଲେ କ୍ଷମା ନାହିଁ: ବିଜେଡି
- ପଦାରେ ପଡ଼ିଛି ବିଜେପିର ଅସଲ ମାନସିକତା: କଂଗ୍ରେସ
- ବିଧାୟକ ମନ୍ତବ୍ୟକୁ ସରକାର ନାପସନ୍ଦ କରୁଛନ୍ତି: ମନ୍ତ୍ରୀ

# ହଟିବ ସବୁ ଟୋଲ୍ ଗେଟ୍

■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ଆସନ୍ତା ବର୍ଷ ମଧ୍ୟରେ ଦେଶର ଜାତୀୟ ରାଜପଥଗୁଡ଼ିକରେ ରହିଥିବା ସମସ୍ତ ଟୋଲ୍ ଗେଟ୍ ହଟିବ। ରାଜପଥରେ ପ୍ରଚଳିତ ବର୍ତ୍ତମାନର ଟୋଲ୍ ଆଦାୟ ବ୍ୟବସ୍ଥା ଉଚ୍ଛେଦ ହେବ। ଏହାକୁ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍, ପ୍ରତିବନ୍ଧକ-ମୁକ୍ତ ଟୋଲ୍ ବ୍ୟବସ୍ଥା ଦ୍ୱାରା ବଦଳାଯିବ ବୋଲି ଗୁରୁବାର ଲୋକସଭାରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନୂତନ ବ୍ୟବସ୍ଥା ୧୦ଟି ସ୍ଥାନରେ ପାଇଲଟ୍ ଭିତ୍ତିରେ ଆରମ୍ଭ କରାଯାଇଛି। ଆଉ ଏକ ବର୍ଷ ମଧ୍ୟରେ ଏହାକୁ ଦେଶବ୍ୟାପୀ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ରହିଛି। ପୂର୍ବରୁ, ଯାନବାହାନଗୁଡ଼ିକୁ ଟୋଲ୍ ପ୍ଲାଜାରେ ଅଟକି ନଗଦ କିମ୍ବା କାର୍ଡ ସହିତ ଦେୟ ଦେବାକୁ ପଡୁଥିଲା। ଫାସ୍‌ଟ୍ୟାଗ୍ ପ୍ରଚଳନ ଦ୍ୱାରା ଟୋଲ୍ ପ୍ଲାଜାରେ ଯାନବାହାନ ରହିବା ସମୟ ହ୍ରାସ ପାଇଛି। ବର୍ତ୍ତମାନ, ପରବର୍ତ୍ତୀ ପଦକ୍ଷେପ ହେଉଛି ହାଇ-ଟେକ୍, ପ୍ରତିବନ୍ଧକ-ମୁକ୍ତ ଟୋଲ୍ ପ୍ଲାଜା ଆଡକୁ ଅଗ୍ରସର ହେବା। ବର୍ତ୍ତମାନ ଟୋଲ୍ ପ୍ଲାଜାରେ ଗାଡ଼ି ଅଟକିବାର ▶ପୃଷ୍ଠା-୭

## ତୃତୀୟ ଦିନ ଧରି ଇଣ୍ଡିଗୋ ବିଭ୍ରାଟ

# ଆଉ ୩୦୦ ବିମାନ ବାତିଲ

■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ପାଇଲଟ ଏବଂ ବିମାନ କର୍ମଚାରୀଙ୍କ ଅଭାବ ଯୋଗୁଁ ଆଜି ତୃତୀୟ ଦିନ ଧରି ଇଣ୍ଡିଗୋ ବିମାନ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଦେଶର ସବୁଠାରୁ ବଡ଼ ବିମାନ ସେବା ଯୋଗାଣକାରୀ ଇଣ୍ଡିଗୋ ଆଜି ୩୦୦ ବିମାନ ବାତିଲ କରିଛି। ଏଥିରେ ଉଭୟ ଦେଶ ଓ ଆନ୍ତର୍ଜାତିକ ବିମାନ ସେବା ସାମିଲ ରହିଛି। ଫଳରେ ଦେଶବ୍ୟାପୀ ପ୍ରାୟ ସମସ୍ତ ବିମାନ ବନ୍ଦରରେ ଯାତ୍ରୀ ଭୀଷଣ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦିଲ୍ଲୀ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ସମେତ ବଡ଼ ବଡ଼ ବିମାନ ବନ୍ଦରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶତାଧିକ ବିମାନ ସେବା ବିଳମ୍ବିତ ହୋଇଥିବା ବେଳେ ୩୦୦ ବିମାନ ବାତିଲ ଯୋଗୁଁ ହଜାର ହଜାର ଯାତ୍ରୀ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି। ଏହି ଅସୁବିଧା ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିଛନ୍ତି। କିନ୍ତୁ ସ୍ଥିତି ସୁଧାରିବା ଲାଗି ଆଉ କେତେ ସମୟ ଲାଗିବ, ତାହା ସ୍ପଷ୍ଟ କରୁନାହାନ୍ତି। ବେସାମରିକ ବିମାନ ଚଳାଚଳ ସେବା ନିୟନ୍ତ୍ରଣ କରୁଥିବା ଡିଜିସିଏ ଆଜି ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିବା ▶ପୃଷ୍ଠା-୭



ବିମାନବନ୍ଦରରେ ଯାତ୍ରୀ ଅଣନିଶ୍ୱାସୀ

## ଅନୈତିକ ସଂପର୍କର କରୁଣ ପରିଣତି

# ବିଧବାଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଲା

■ ବେତନଟୀ, ୪।୧୨ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ କେସିପୁର ଫାଣ୍ଡି ମଶିଣାକାଟି ଜଙ୍ଗଲରୁ ପୁଲିସ ଆଜି ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ମହିଳାଜଣଙ୍କ ହେଲେ, ଟୁଙ୍ଗାଧୂଆ ନିକଟ ଶାଗବାଡ଼ିଆ ଗ୍ରାମର ପାନୀ ମୁର୍ମୁ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ଜାଣିବାକୁ ପାଇଛି। ପାନୀଙ୍କ ପୁତୁରା ରେଙ୍ଗଟା ମୁର୍ମୁଙ୍କ ଏତଲା ଆଧାରରେ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରିବା ସହ ସଠିଲୋ ଗ୍ରାମର ସୁରେନ୍ଦ୍ର ଜେନା (୫୫)ଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି। ଅନୈତିକ ସଂପର୍କରୁ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ପାନୀଙ୍କ ସ୍ୱାମୀ ଲୁସା ମୁର୍ମୁଙ୍କ ଦୀର୍ଘ ଦିନରୁ ମୃତ୍ୟୁ ହୋଇଛି। ଲୁସା ଜୀବିତ ଥିବା ବେଳେ ସଠିଲୋ ଗ୍ରାମର ଏକ ହତ୍ୟା ଘଟଣାରେ ଅଭିଯୁକ୍ତ ସୁରେନ୍ଦ୍ର ଜେନାଙ୍କ ବାପା ମୃତ ବଂଶୀଧର ଜେନାଙ୍କ ପାଖରେ କାମ କରୁଥିଲେ। ପାନୀଙ୍କ ସ୍ୱାମୀ ଲୁସାଙ୍କ ମୃତ୍ୟୁ ପରେ ସୁରେନ୍ଦ୍ର ଜେନାଙ୍କ ସହ ତାଙ୍କର ଅନୈତିକ ▶ପୃଷ୍ଠା-୭

### ପ୍ରେମିକ ଗିରଫ

# ହୀରାକୁଦର ଜଳଧାରଣ କ୍ଷମତା ୨୭% ହ୍ରାସ

■ ଭୁବନେଶ୍ୱର, ୪।୧୨ (ସମିସ): ହୀରାକୁଦରେ ବାଲି, ମାଟି ଓ ପଟୁ ଜମିବା କାରଣରୁ ବନ୍ଧର ଜଳଧାରଣ କ୍ଷମତା କମୁଛି। ଜଳଧାରଣା କ୍ଷମତା ପ୍ରାୟ ୨୫.୫୭ ପ୍ରତିଶତ ହ୍ରାସ ପାଇଥିବା ବେଳେ ସ୍ପିଲ ୱେ ଗୁଡ଼ିକ ଖରାପ ହୋଇଗଲାଣି। ଯାହା ରାଜ୍ୟ ପାଇଁ ମହାବିପଦ ଡାକିଆଣିବାର ଆଶଙ୍କା ସୃଷ୍ଟି କରିଛି। ଗୁରୁବାର ଶୂନ୍ୟକାଳରେ ଏ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ଏହାସହ ହୀରାକୁଦ ବନ୍ଧ କୂଳରେ ରାଜ୍ୟ ସରକାର ହୋଟେଲ ଖୋଲିବାକୁ ବଡ଼ ବଡ଼ କମ୍ପାନୀକୁ ଜମି ଦେଉଥିବା ବେଳେ ଏହାକୁ ମଧ୍ୟ ଶ୍ରୀ ଆଚାର୍ଯ୍ୟ ନାପସନ୍ଦ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ହୀରାକୁଦର ଜଳଧାରଣା କ୍ଷମତାକୁ ନେଇ ଶ୍ରୀ ଆଚାର୍ଯ୍ୟଙ୍କ ସହ ସ୍ୱର ମିଳାଉଥିବାର ଦେଖିବାକୁ ମିଳିଛି।

ଗୁରବାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ହୀରାକୁଦ ବନ୍ଧ ଏସିଆର ଦୀର୍ଘତମ ମାଟି ବନ୍ଧ। ୧୯୫୭ ମସିହାରେ ଡ୍ୟାମ ନିର୍ମାଣ ହୋଇଥିବା ବେଳେ ବନ୍ୟା ନିୟନ୍ତ୍ରଣ, ଜଳସେଚନ ଏବଂ ବିଦ୍ୟୁତ୍ ଉତ୍ପାଦନ ଏହାର ବହୁମୁଖୀ ଲକ୍ଷ୍ୟ ଥିଲା। ନିର୍ମାଣ ବେଳେ ଏହି ଜଳଭଣ୍ଡାରର ଜୀବନ କାଳ ୧୦୦ ବର୍ଷ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୦୫୭ରେ ୧୦୦ ବର୍ଷ ପୂରିବାକୁ ଥିବାବେଳେ ଏବେଠାରୁ ହୀରାକୁଦର ଜଳଧାରଣ କ୍ଷମତା ପ୍ରାୟ ୨୭ ପ୍ରତିଶତ କମିଗଲାଣି। ବାଲି, ମାଟି ଓ ପଟୁ ଜମିବା କାରଣରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ପୂର୍ବରୁ ଏହାକୁ ସଫା କରିବା ପାଇଁ ମାତ୍ର ଥରେ ଉଦ୍ୟମ ହୋଇଥିଲା। ତାହା ଫେଲ ମାରିବା ପରେ ସେବେଠାରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ହୀରାକୁଦ ବନ୍ଧରେ ଆବଶ୍ୟକୀୟ ବୈଷୟିକ ଏବଂ ଅଣ ବୈଷୟିକ କର୍ମଚାରୀର ଘୋର ଅଭାବ ରହିଛି। ବନ୍ଧର ସ୍ପିଲ ୱେ ମଧ୍ୟ ଖରାପ ହୋଇଗଲାଣି। ଯାହା ବନ୍ଧ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରୁଛି। ଏହା ଆଗକୁ ଘୋର ବିପଦ ଡାକିଆଣିବାର ଆଶଙ୍କା ▶ପୃଷ୍ଠା-୭

- ବଡ଼ ଅଘଟଣ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ: ପ୍ରସନ୍ନ
- ସ୍ୱୀକାର କଲେ ସରକାର: ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର



## ମହାନଦୀ ଜଳ ବିବାଦ ମାମଲା

# ଆଜି ବୈଷୟିକ କମିଟି ବୈଠକ, ୨୦ରେ ଟ୍ରିବ୍ୟୁନାଲରେ ଶୁଣାଣି

■ ଭୁବନେଶ୍ୱର, ୪।୧୨ (ସମିସ): ମହାନଦୀ ଜଳ ବିବାଦ ମାମଲାର ସମାଧାନ ପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଉଦ୍ୟମ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୬ଟି ବୈଠକ ଅନୁଷ୍ଠିତ ହୋଇସାରିଛି। ଆସନ୍ତାକାଲି ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ଆଜି ପ୍ରଶ୍ନକାଳରେ ଅତିରିକ୍ତ ପ୍ରଶ୍ନକର୍ତ୍ତା ଦୁର୍ଗାପ୍ରସନ୍ନ ନାୟକ ମହାନଦୀ ଜଳବିବାଦ ମାମଲାରେ ସମାଧାନ ପାଇଁ ରାଜ୍ୟ ସରକାର କି' ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଏହାର ସ୍ଥିତାବସ୍ଥା ସଂପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ଡ. ମହାଲିଙ୍ଗ କହିଥିଲେ ଯେ ଟ୍ରିବ୍ୟୁନାଲରେ ଏବେ ମହାନଦୀ ବିବାଦ ମାମଲା ବିଚାରାଧୀନ ରହିଛି। ଆପୋଷ ସମାଧାନ ପାଇଁ ଉଭୟ ରାଜ୍ୟ ଏବେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ସହ ▶ପୃଷ୍ଠା-୭

# ସଂରକ୍ଷଣ ସଂକଳ୍ପ ଦାବିରେ ଗୃହ ଅଚଳ

■ ଭୁବନେଶ୍ୱର,୪।୧୨ (ସମିସ): ଚଳିତ ଶୀତ ଅଧିବେଶନ ଆରମ୍ଭରୁ ସୁରୁଖୁରୁରେ ଚାଲିଆସିଥିବା ବେଳେ ଗୁରୁବାର କଂଗ୍ରେସ ପ୍ରଶ୍ନକାଳରେ ଗୃହ ଅଚଳ କରିଛି। ବୁଧବାର ବେସରକାରୀ କାର୍ଯ୍ୟ ଦିବସରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କୁ ସଂକଳ୍ପ ଉପସ୍ଥାପନ କରିବା ପାଇଁ ସୁଯୋଗ ଦିଆ ନ ଯିବା ପ୍ରତିବାଦରେ ବିଧାୟକମାନେ ପ୍ରବଳ ହଙ୍ଗଗୋଳ କରିଥିଲେ। ଫଳରେ ପ୍ରଶ୍ନକାଶ ସ୍ୱାଭାବିକ ଭାବେ ଚାଲିପାରି ନ ଥିଲା। ଶୂନ୍ୟକାଳରେ କଂଗ୍ରେସ ବିଧାୟକମାନେ ସଂକଳ୍ପ ଆଲୋଚନା ପାଇଁ ନିର୍ଦ୍ଧାରିତ ତାରିଖ ଦାବିରେ ଅଡ଼ି ବସିଥିଲେ। ଆସନ୍ତା ୧୨ ତାରିଖରେ ସଂକଳ୍ପ ଆଲୋଚନା ହେବା ନେଇ ବାଚସ୍ପତି ଘୋଷଣା କରିବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ଗୁରୁବାର ପ୍ରଶ୍ନକାଳ ଆରମ୍ଭରୁ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି ସ୍ଲୋଗାନ ଦେଇଥିଲେ। ଅପରାହ୍ନରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ରାଜ୍ୟରେ ଓବିସି, ଏସ୍‌ସିବିସି ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ସଂଖ୍ୟାନୁପାତିକ ଆଧାରରେ ସମସ୍ତ ପ୍ରକାର ଉଚ୍ଚଶିକ୍ଷା (ବୈଷୟିକ/ମେଡିକାଲ/ ବୃତ୍ତିଗତ) ଏବଂ ସରକାରୀ ନିଯୁକ୍ତିରେ ସଂରକ୍ଷଣ ସମ୍ପର୍କିତ ସଂକଳ୍ପ ଉପସ୍ଥାପନ ଓ ଆଲୋଚନା ପାଇଁ ଅନୁମତି ମାଗିଥିଲେ। କିନ୍ତୁ ତାଙ୍କୁ ଏହି ସୁଯୋଗ ଦିଆ ନ ଯିବାରୁ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ନାରାବାଜି କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୦ଟା ୪୬ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।



- ପ୍ରଶ୍ନକାଳ ଅଚଳ, ଶୂନ୍ୟକାଳ ବାଧାପ୍ରାପ୍ତ
- ବାଚସ୍ପତିଙ୍କ ରୁଲିଂ ପରେ ଗୃହ ସ୍ୱାଭାବିକ

ଶୂନ୍ୟକାଳରେ ମଧ୍ୟ କଂଗ୍ରେସ ବିଧାୟକଗଣ ସମାନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡ଼ାମ୍ କହିଥିଲେ ଯେ ରାଜ୍ୟରେ ୪୦ ପ୍ରତିଶତ ଏସ୍‌ସି/ ଏସ୍‌ଟି ଏବଂ ୫୪ ପ୍ରତିଶତ ପଛୁଆ ବର୍ଗ ଅଛନ୍ତି। ମାତ୍ର ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ଏସ୍‌ସି/ ଏସ୍‌ଟିଙ୍କୁ ୨୦ ପ୍ରତିଶତ ସଂରକ୍ଷଣ ମିଳୁଥିବା ବେଳେ ପଛୁଆ ବର୍ଗଙ୍କୁ ଆଦୌ ସଂରକ୍ଷଣ ଦିଆଯାଇ ନାହିଁ। ସରକାର ସବୁବେଳେ ୫୦ ପ୍ରତିଶତ ସୀମାର ବାହାନା ନେଉଛନ୍ତି। ମାତ୍ର ତାମିଲନାଡୁ ସରକାର ନିଜ ବିଧାନସଭାରେ ୬୯ ପ୍ରତିଶତ ସଂରକ୍ଷଣ ସଂକଳ୍ପ ପାରିତ କରି କେନ୍ଦ୍ରକୁ ପଠାଇଥିଲେ। କେନ୍ଦ୍ର ସରକାର ଏହାକୁ ଅନୁମୋଦନ ଦେବା ପରେ ଏହା ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ ହୋଇସାରିଛି। ତେଣୁ ଏଥିରେ ଆଉ ଆଇନଗତ ସମସ୍ୟା ନାହିଁ। ସମାନ ଭାବେ ଓଡ଼ିଶା ବିଧାନସଭା ଏପରି ସଂକଳ୍ପ ପାରିତ କରିବାର ଆବଶ୍ୟକତା ଅଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ସି/ ଏସ୍‌ଟିଙ୍କୁ ୪୦ ପ୍ରତିଶତ ଓ ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ଦିଆଯାଉ ବୋଲି ସେ ଦାବି କରିଥିଲେ।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରୁଲ୍ ୨୫ ନିୟମକୁ ଉଦ୍ଧାର କରି ବାଚସ୍ପତି ଏନେଇ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହାପରେ ବାଚସ୍ପତି ୩ଟି ପର୍ଯ୍ୟାୟରେ ଗୃହକୁ ୨୪ ମିନିଟ ପାଇଁ ମୁଲତବୀ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଆଣିଥିବା ସଂକଳ୍ପ ଉପରେ ଆସନ୍ତା ୧୨ ତାରିଖ ଦିନ ଆଲୋଚନା ହେବ ବୋଲି ବାଚସ୍ପତି ଘୋଷଣା କରିବା ପରେ ଗୃହ ସ୍ୱାଭାବିକ ହୋଇଥିଲା।

## ସୈତାନ ପୁଅର ବର୍ବର କାଣ୍ଡ

# ମଦ ପାଇଁ ମା'କୁ ଜାଳିଦେଲା

■ ଭଦ୍ରକ/ତିହିଡ଼ି/ଦୋଳସାହି, ୪।୧୨ (ସମିସ): ମଦ ପିଇବାକୁ ଟଙ୍କା ନ ଦେବାରୁ ମା'କୁ ଜାଳିଦେଲା ପୁଅ। ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ବିଲଣା ପଞ୍ଚାୟତ ଗଳଗଣ୍ଡପୁର ଗାଁରେ ଗୁରୁବାର ଏଭଳି ଏକ ବର୍ବରୋଚିତ ଘଟଣା ଘଟିଛି। ମହିଳାଜଣଙ୍କ ହେଲେ, ଜ୍ୟୋତ୍ସ୍ନାରାଣୀ ନାୟକ (୬୫)। ତିହିଡ଼ି ପୁଲିସ ଅଭିଯୁକ୍ତ ପୁଅ ଦେବାଶିଷ ନାୟକ(୩୫) ଓରଫ୍ ବଳିଆକୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଆଜି ସକାଳେ ବଳିଆ ମଦ ପିଇବା ପାଇଁ ଜ୍ୟୋତ୍ସ୍ନାରାଣୀଙ୍କୁ ଟଙ୍କା ମାଗିଥିଲା। ଜୋତ୍ସ୍ନାରାଣୀ ଟଙ୍କା ଦେବାକୁ ମନା କରିଦେବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ବଳିଆ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲା। ଜ୍ୟୋତ୍ସ୍ନାରାଣୀ ପ୍ରତିବାଦ କରିବାରୁ ତାଙ୍କୁ ଏକ ଘର ଭିତରେ ପୂରାଇ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲା। ଯନ୍ତ୍ରଣାରେ ଛଟପଟ ଜ୍ୟୋତ୍ସ୍ନାରାଣୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଯିବାରୁ ବଳିଆ ସେଠାରୁ ଫେରାର୍ ହୋଇଯାଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜ୍ୟୋତ୍ସ୍ନାଙ୍କ ଶରୀରର ୭୦ ଭାଗରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିବାରୁ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଜ୍ୟୋତ୍ସ୍ନାଙ୍କ ସ୍ୱାମୀ ରବୀନ୍ଦ୍ର ଜଣେ ଚାଷୀ ଓ ସେ କିଛି ଦିନ ହେବ ପକ୍ଷାଘାତରେ ପୀଡ଼ିତ ହୋଇ ▶ପୃଷ୍ଠା-୭

୫ମ ସ୍ୱନକ୍ଷତ୍ର
ସକାଳ THE SAKALA
www.sakalaepaper.com



## ଗାଜାରେ ପୁଣି ଇସ୍ରାଏଲର ଆକ୍ରମଣ; ୭ ମୃତ

ଗାଜା, ୪।୧୨(ଏଜେନ୍ସି): ଇସ୍ରାଏଲ ଗାଜାରେ ପୁଣିଥରେ ଆକ୍ରମଣ କରିଛି। ହାମାସ ଇସ୍ରାଏଲ ସୈନ୍ୟଙ୍କ ଉପରେ ଆକ୍ରମଣ କରିବା ପରେ ଇସ୍ରାଏଲ ଏହି ପଦକ୍ଷେପ ନେଇଛି। ହମାସର ଏହି ଆକ୍ରମଣରେ ଇସ୍ରାଏଲର ୫ ସୈନ୍ୟ ଆହତ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଇସ୍ରାଏଲ ବୁଧବାର ବିଳମ୍ବିତ ରାତିରେ ଦକ୍ଷିଣ ଗାଜାରେ ଆକାଶ ମାର୍ଗରୁ ଆକ୍ରମଣ କରିଛି ଓ ଏଥିରେ ୭ ଜଣ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୩୨ ଜଣ ଲୋକ ଆହତ ହୋଇଛନ୍ତି ବୋଲି କୁହାଯାଇଛି। ମୃତକଙ୍କ ମଧ୍ୟରେ ୮ ଓ ୧୦ ବର୍ଷର ଦୁଇଜଣ ଛୋଟପିଲା ସାମିଲ ରହିଛନ୍ତି। ଆହତ ହୋଇଥିବା କେତେଜଣ ଗୁରୁତର ଅଛନ୍ତି। ଇସ୍ରାଏଲ ଓ ହମାସ ପରସ୍ପର ଉପରେ ଯୁଦ୍ଧବିରତି ଉଲ୍ଲଂଘନ କରିବାର ଅଭିଯୋଗ ଆଣିଛନ୍ତି। ଅକ୍ଟୋବର ୧୦ରେ ଏହି ଯୁଦ୍ଧବିରତି ଲାଗୁ ହୋଇଥିଲା। ଏହା ସତ୍ତ୍ୱେ ଇସ୍ରାଏଲ ଗାଜା ଉପରେ ଏକାଧିକବାର ବିଭିନ୍ନ ଆଳ ଦେଖାଇ ଆକ୍ରମଣ କରିଛି। ତେବେ ଅସ୍ତ୍ରବିରତି ଘୋଷଣା କରାଯିବା ପରେ ଇସ୍ରାଏଲ ଓ ହମାସ ତରଫରୁ କୌଣସି ବଡ଼ ଧରଣର ଆକ୍ରମଣ କରାଯାଇନାହିଁ।

## ମଦିନା- ହାଇଦରାବାଦ ବିମାନରେ ଯାତ୍ରୀଙ୍କ ବୋମା ଧମକ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ସାଉଦି ଆରବର ମଦିନାରୁ ହାଇଦରାବାଦ ଆସୁଥିବା ଇଣ୍ଡିଗୋ ବିମାନରେ ଗୁରୁବାର ଏକ ଅଜବ କାଣ୍ଡ ଘଟିଥିଲା। ଜଣେ ଯାତ୍ରୀ ନିଜ ପାଖରେ ବୋମା ଅଛି ବୋଲି ଧମକ ଦେବା ପରେ ବିମାନରେ ଆତଙ୍କ ଖେଳିଯାଇଥିଲା। ଫଳରେ ବିମାନକୁ ଅହମଦାବାଦ୍‌ରେ ଜରୁରୀକାଳୀନ ଅବତରଣ କରାଯାଇଥିଲା। ମିଳିଥିବା ସୂଚନା ଅନଯାୟୀ ଏହି ବିମାନକୁ ଅଲଗା ଆଇସୋଲେସନ ୱେରେ ଛିଡ଼ା କରାଯିବା ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇ ସେମାନଙ୍କ ଯାଞ୍ଚ କରାଯାଇଥିଲା। ବିମାନ ଜଣେ ଯାତ୍ରୀ କେବିନ କ୍ରୁଙ୍କୁ ନିଜର ପାଖରେ ବମ୍ ଅଛି ଓ କିଛି ମିନିଟ ମଧ୍ୟରେ ଏହାର ବିସ୍ଫୋରଣ ହେବ ବୋଲି କହିଥିଲେ। ଏହାପରେ ପାଇଲଟ ତୁରନ୍ତ ସୁରକ୍ଷା ପ୍ରୋଟୋକଲ ଅନୁସାରେ ନିକଟସ୍ଥ ସୁରକ୍ଷିତ ବିମାନ ବନ୍ଦର ଅହମଦାବାଦରେ ବିମାନର ଅବତରଣ କରାଇଥିଲେ। ଏହି ସଂଦିଗ୍ଧ ଯାତ୍ରୀଙ୍କୁ ସୁରକ୍ଷା ଏଜେନ୍ସିର ଅଧିକାରୀମାନେ ଧରିବା ସହ ତାଙ୍କୁ ପଚରାଉଚରା କରୁଛନ୍ତି।

## ଆଜମୀର୍ ଦରଘା, ଜିଲ୍ଲାପାଳ କାର୍ଯ୍ୟାଳୟକୁ ବୋମା ଧମକ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ପ୍ରସିଦ୍ଧ ଆଜମୀର ଦରଘା ଓ ଜିଲ୍ଲା କଲେକ୍ଟରେଟ୍‌କୁ ବୋମା ବିସ୍ଫୋରଣରେ ଉଡାଇ ଦେବାକୁ ଧମକ ମିଳିଛି। ଗୁରୁବାର ଅପରାହ୍ଣରେ ଏକ ଇ-ମେଲ ଜରିଆରେ ଏହି ଧମକ ମିଳିଥିଲା। ଆଜମୀର କୁଦାନକୁଲମ ନ୍ୟୁକ୍ଲିୟାର ପ୍ଲାଣ୍ଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଦରଘା ଗରିବ ନୱାଜରେ ୪ଟି ଆରଡିଏକ୍ସ ଆଇଇଡି ଲଗା ଯାଇଛି ବୋଲି ଇ-ମେଲ୍‌ରେ ଉଲ୍ଲେଖ କରାଯାଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଭାରତ ପହଞ୍ଚିବା ମାତ୍ରେ ହିଁ ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଓ ଗୁଇନ୍ଦା ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମେଟାଲ ଡିକ୍ଟେଟର ଓ ଡଗ୍ ସ୍କ୍ୱାଡ୍ ମାଧ୍ୟମରେ ଯାଞ୍ଚ ଆରମ୍ଭ କରିଥିଲେ। ଜିଲ୍ଲାପାଳଙ୍କ କର୍ଯ୍ୟାଳୟରୁ ସବୁ କର୍ମଚାରୀଙ୍କୁ ଖାଲି କରାଯାଇଥିଲା। ସେହିପରି ଦରଘାରୁ ମଧ୍ୟ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ବାହର କରାଯାଇଥିଲା। ୪ଟି ଥାନାର ପୁଲିସ ଟିମ୍ ସମେତ ସିଆଇଡି ଓ ଏଟିଏସ୍ ଯାଞ୍ଚ କରିଥିଲେ। ତେବେ ଏହି ଦୁଇଟି ସ୍ଥାନରୁ କୌଣସି ଆପତ୍ତିଜନକ ଜିନିଷ ମିଳିନାହିଁ ବୋଲି ସ୍ଥାନୀୟ ଏସ୍‌ପି ବନ୍ଦୀତା ରାଣା କହିଛନ୍ତି। ଏହି କାରଣରୁ ଦରଘାରେ ଅଢେଇ ଘଣ୍ଟାଧରି କାହାକୁ ଛଡ଼ା ଯାଇ ନଥିଲା।

## ସୁଷମା ସ୍ୱରାଜଙ୍କ ପତିଙ୍କ ପରଲୋକ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ପୂର୍ବତନ ବିଜେପି ନେତ୍ରୀ ତଥା ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ପତି ସ୍ୱରାଜ କୌଶଲ ଗୁରୁବାର ପରଲୋକଗମନ କରିଛନ୍ତି। ଦିଲ୍ଲୀ ବିଜେପି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ତାଙ୍କ ପରଲୋକ ନେଇ ସୂଚନା ଦେଇଛନ୍ତି। ଡିସେମ୍ବର ୪ରେ ୭୩ ବର୍ଷ ବୟସରେ ସ୍ୱାରାଜ କୌଶଲଙ୍କ ଦେହାନ୍ତ ହୋଇଛି ବୋଲି ପୋଷ୍ଟରେ ଉଲ୍ଲେଖ କରାଯାଇଛି। କୌଶଲ ଓ ସୁଷମାଙ୍କ ଝିଅ ବାଂଶୁରୀ ସ୍ୱରାଜ ମଧ୍ୟ ବିଜେପିର ସାଂସଦ ରହିଛନ୍ତି। ପିତାଙ୍କ ଦେହାନ୍ତରେ ଅତ୍ୟନ୍ତ ମର୍ମାହତ ବୋଲି ବାଂଶୁରୀ କହିଛନ୍ତି। ସ୍ଥାନୀୟ ଲୋଧୀ ରୋଡ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଭାରତ ଇତିହାସରେ କୌଶଳ ସର୍ବକନିଷ୍ଠ ରାଜ୍ୟପାଳ ଭାବେ ନିଯୁକ୍ତି ହୋଇଥିଲେ। ସେ ମାତ୍ର ୩୭ ବର୍ଷ ବୟସରେ ୧୯୯୦ରେ ମିଜୋରାମ୍‌ର ରାଜ୍ୟପାଳ ନିଯୁକ୍ତ ହୋଇଥିଲେ। ସେ ମଧ୍ୟ ୧୯୯୮ରୁ ୨୦୦୪ ମଧ୍ୟରେ ହରିୟାଣାରୁ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ସୁପ୍ରିମକୋର୍ଟରେ ଜଣେ ବରିଷ୍ଠ ଓକିଲ ଭାବେ ସଫଳତା ହାସଲ କରିଥିଲେ। ଆଇନଜୀବୀ ଭାବେ ସେ ନିଜ କ୍ୟାରିଅରରେ ଏକାଧିକ ହାଇପ୍ରୋଫାଇଲ ମାମଲାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ।

## ବିଏସ୍‌ଏଫ୍ ଗୁଳିରେ ଚାଲାଣକାରୀ ନିହତ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ସୀମାରେ ନିୟୋଜିତ ବିଏସ୍‌ଏଫ୍ ଯବାନଙ୍କ ଗୁଳିରେ ଜଣେ ବାଂଲାଦେଶ ଚୋରା ଚାଲାଣକାରୀ ନିହତ ହୋଇଛନ୍ତି। ମୃତକ ବେଆଇନ ଭାବେ ଭାରତ ସୀମାରେ ପ୍ରବେଶ କରିବାକୁ ପ୍ରୟାସ କରୁଥିଲେ। ମୃତକ ଜଣକ ୩୦ ବର୍ଷୀୟ ସବୁଜ ମିୟା ବୋଲି କୁହାଯାଇଛି। ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ୮ରୁ ୧୦ ଜଣ ବାଂଲାଦେଶୀ ଚୋରା ଚାଲଣକାରୀ ବେଆଇନ ଭାବେ ଭାରତୀୟ ଅଞ୍ଚଳରେ ପ୍ରବେଶ କରିଥିଲେ। ବିଏସ୍‌ଏଫ୍‌ର ଚେନାକୋଟା ଟିମ୍ ସେମାନଙ୍କୁ ରୋକିବାକୁ ପ୍ରୟାସ କରିଥିଲେ। ଫଳରେ ବିଏସ୍‌ଏଫ୍ ଯବାନମାନେ ଗୁଳି କରିଥିଲେ। ଏଥିରେ ସବୁଜ ମିୟା ମୃତ୍ୟୁବରଣ କରିଥିଲେ। କିନ୍ତୁ ବାକି ଲୋକ ଦୌଡ଼ି ବାଂଲାଦେଶ ଫେରିଯାଇଥିଲେ। ବିଏସ୍‌ଏଫ୍ ମୃତଦେହକୁ ନେଇ ଆଣିଛନ୍ତି। ବିଜିବି ଇତିମଧ୍ୟରେ ମୃତଦେହ ଫେରିପାଇବାକୁ ବିଏସ୍‌ଏଫ୍ ସହ ଫ୍ଲାଗ ମିଟିଂ ପାଇଁ ଦାବି କରିଛି ଓ ଏଥିପାଇଁ ବିଏସ୍‌ଏଫ୍‌କୁ ଚିଠି ଲେଖିଛି।

# ବିଏଲ୍‌ଓ ମୃତ୍ୟୁକୁ ନେଇ ବର୍ଷିଲେ ସୁପ୍ରିମକୋର୍ଟ

## ସରକାରୀ କର୍ମଚାରୀଙ୍କୁ ମଧ୍ୟ ଏସ୍‌ଆଇଆର୍ କାର୍ଯ୍ୟରେ ଲଗାଅ

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କାର୍ଯ୍ୟ ଭାର କମାଇବା ପାଇଁ ଯଦି ଆବଶ୍ୟକ ହୁଏ ଅଧିକ ସଂଖ୍ୟକ କର୍ମଚାରୀଙ୍କୁ ନିୟୋଜିତ କରିବାକୁ କୋର୍ଟ ରାଜ୍ୟ ସରକାରଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଗୁରୁବାର କହିଛନ୍ତି ଯେ, ରାଜ୍ୟ ସରକାର କିମ୍ବା ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ନିଯୁକ୍ତ କର୍ମଚାରୀଙ୍କୁ ଏସ୍‌ଆଇଆର କାର୍ଯ୍ୟ କରିବାକୁ ହେବ। ଯଦି କୌଣସି କର୍ମଚାରୀଙ୍କୁ ଛୁଟିର ନିହାତି ଆବଶ୍ୟକତା ରହିଛି ତେବେ, ରାଜ୍ୟ ସରକାର ତାଙ୍କ ଆବେଦନକୁ ବିଚାର କରିବା ସହ ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେଇପାରିବେ ବୋଲି କୋର୍ଟ କହିଛନ୍ତି। ପଶ୍ଚିମବଙ୍ଗ, ତାମିଲନାଡୁ ଓ ଅନ୍ୟ ରାଜ୍ୟଗୁଡିକ ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ଆବେଦନ କରିଥିଲେ। ଏହାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କ ଖଣ୍ଡପୀଠ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ କର୍ମଚାରୀ ଏସ୍‌ଆଇଆର୍ ସମେତ ଅନ୍ୟ ବୈଧାନିକ କାର୍ଯ୍ୟ କରିବାକୁ ବାଧ୍ୟ। ସେହିପରି ନିର୍ବାଚନ କମିଶନଙ୍କ ପାଇଁ କର୍ମଚାରୀ ଉପଲବ୍ଧ କରାଇବା ମଧ୍ୟ ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ। ପୁଣି ଯଦି ଏସ୍‌ଆଇଆର କାର୍ଯ୍ୟ ପାଇଁ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ଉପରେ କାର୍ଯ୍ୟଭାର ଅତ୍ୟଧିକ ଥାଏ, ତେବେ ସରକାରଙ୍କ ଅନ୍ୟ କର୍ମଚାରୀଙ୍କୁ ଏହି କାର୍ଯ୍ୟରେ

**୭ଟି ରାଜ୍ୟରେ ୨୯ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି**

ନିୟୋଜିତ କରାଯାଇପାରିବ ବୋଲି କୋର୍ଟ କହିଛନ୍ତି। ଏହା ଦ୍ୱାରା ବିଏଲ୍‌ଓଙ୍କ ଉପରେ କାର୍ଯ୍ୟ ନେଇ ଚାପ କମ୍ ହେବ। ଉଲ୍ଲେଖଥାଉ କି, ଏସ୍‌ଆଇଆର୍ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ୭ଟି ରାଜ୍ୟରେ ଏପର୍ଯ୍ୟନ୍ତ ୨୯ ଜଣ ବିଏଲ୍‌ଓଙ୍କ ମୃତ୍ୟୁ ହୋଇଛି। ଏହିକ୍ରମରେ ମଧ୍ୟପ୍ରଦେଶରେ ୯, ଉତ୍ତରପ୍ରଦେଶରେ ୮, ଗୁଜରାଟରେ ୪, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ୩ ଲେଖାଏ ଏବଂ କେରଳ ଓ ତାମିଲନାଡୁରେ ଜଣେ ଲେଖାଏ ବିଏଲ୍‌ଓ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୩୦ରେ ନିର୍ବାଚନ କମିଶନ ଏସ୍‌ଆଇଆରର ଶେଷ ତାରିଖକୁ ୭ ଦିନ ବୃଦ୍ଧି କରିଥିଲେ। ଏହାପରେ ଡିସେମ୍ବର ୨ରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ, ତାମିଲନାଡୁ ଓ ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍‌କୁ ନେଇ ହୋଇଥିବା ଆବେଦନର ଶୁଣାଣି କରିଥିଲେ। କେରଳରେ ନଗର ନିଗମ ନିର୍ବାଚନ ଚାଲୁ ରହିବା କାରଣରୁ ଏସ୍‌ଆଇଆର୍ ଫର୍ମ ଜମା କରିବା ସମୟସୀମା ବଢ଼ାଇବାକୁ କୋର୍ଟ ନିର୍ବାଚନ କମିଶନକୁ କହିଥିଲେ। ଏବେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍‌ଆଇଆର ପ୍ରକ୍ରିୟା ଚାଲୁ ରହିଛି। ୫୧ କୋଟି ଭୋଟରଙ୍କ ପାଇଁ ଜାରି କରାଯାଇଥିବା ଫର୍ମ ୯୯.୫ ପ୍ରତିଶତ ଲୋକଙ୍କ ନିକଟରେ ପହଞ୍ଚାଯାଇଛି। ଏଥିମଧ୍ୟରୁ ୭୯ ପ୍ରତିଶତ ଫର୍ମକୁ ଡିଜିଟାଲ ରୂପ ଦିଆଯାଇସାରିଛି। ଅର୍ଥାତ ଘର ଘର ବୁଲି ବିଏଲ୍‌ଓ ଯେଉଁ ଫର୍ମ ଦେଉଛନ୍ତି, ସେଥିରେ ଲେଖା ହୋଇଥିବା ନାମ, ଠିକଣା ଓ ଅନ୍ୟ ବିବରଣୀକୁ ଅନ୍‌ଲାଇନ୍ ସିଷ୍ଟମରେ ଅପଲୋଡ କରାଯାଇଛି।



ଏସ୍‌ଆଇଆର୍ ପ୍ରକ୍ରିୟା ଚାଲୁଥିବା ରାଜ୍ୟଗୁଡିକରେ ଆଗକୁ ନିର୍ବାଚନ ହେବ। ଏହିକ୍ରମରେ ୨୦୨୬ରେ ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ ଓ ପୁଡୁଚେରୀରେ ନିର୍ବାଚନ ହେବ। ସେହିପରି ୨୦୨୭ରେ ଗୋଆ, ଗୁଜରାଟ ଓ ଉତ୍ତରପ୍ରଦେଶରେ ଏବଂ ୨୦୨୮ରେ ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନିର୍ବାଚନ ଆୟୋଜନ ହେବ।




ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀର ପାଲମ ବିମାନ ବନ୍ଦରରେ ଅବତରଣ କରୁଛନ୍ତି।

## କେନ୍ଦ୍ରକୁ ରାହୁଲଙ୍କ ସମାଲୋଚନା

ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ଗୁରୁବାର ସଂସଦର ଶୀତକାଳୀନ ଅଧିବେଶନ ଚତୁର୍ଥ ଦିନ ଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତରେ ଆସିଥିବା ବେଳେ ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ବରିଷ୍ଠ ସାଂସଦ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବାହାରୁ ଆସିଥିବା ନେତାଙ୍କ ସହ ମୁଁ ସାକ୍ଷାତ କରିବା କେନ୍ଦ୍ର ସରକାର ଚାହୁଁନାହାନ୍ତି ବୋଲି ସେ କହିଥିଲେ। ପୁଟିନଙ୍କୁ ମୁଁ ସାକ୍ଷାତ କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବୈଦେଶିକ ମନ୍ତ୍ରଣାଳୟ ଚାହୁଁନାହାନ୍ତି ଓ ସେମାନେ ନିୟମ ପାଳନ କରୁନାହାନ୍ତି। ଏମାନେ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଆମର ସମସ୍ତଙ୍କ ସହ ସମ୍ପର୍କ ରହିଛି। ବିରୋଧୀ ଦଳ ନେତା ମଧ୍ୟ ଏକ ଭିନ୍ନ ଦୃଷ୍ଟିକୋଣ ଅବଲମ୍ବନ କରିଥାନ୍ତି। ଆମେ ମଧ୍ୟ ଭାରତ ପାଇଁ ପ୍ରତିନିଧିତ୍ୱ କରୁଛୁ। କେବଳ ସରକାର ହିଁ ଭାରତକୁ ପ୍ରତିନିଧିତ୍ୱ କରନ୍ତି ନାହିଁ ବୋଲି ସେ କହିଛନ୍ତି। ସାଧାରଣତଃ ବିଦେଶୀରୁ ଯେଉଁ ନେତା ବା ବ୍ୟକ୍ତି ଆସିଥାନ୍ତି, ସେ ବିରୋଧୀ ଦଳ ନେତାଙ୍କୁ ଭେଟିଥାନ୍ତି ଓ ଏହା ଏକ ପରମ୍ପରା ରହିଆସିଛି। ପୂର୍ବରୁ ଅଟଳ ବିହାରୀ ବାଜପେୟୀ ଓ ମନମୋହନ ସିଂଙ୍କ ସରକାରଙ୍କ କର୍ଯ୍ୟକାଳ ବେଳେ ଏହି ପରମ୍ପରାର ପାଳନ ହେଉଥିଲା। କିନ୍ତୁ ଏବେ ସେକଥା ଆଉ ନାହିଁ। ଯେଉଁ ନେତାମାନେ ବାହାରୁ ଆସୁଛନ୍ତି, ସେମାନଙ୍କୁ ବିରୋଧୀ ଦଳ ନେତାଙ୍କୁ ଭେଟିବା ନେଇ ବାରଣ କରାଯାଉଛି ବୋଲି ରାହୁଲ ପାର୍ଲାମେଣ୍ଟ ବାହାରେ ସମ୍ବାଦିକଙ୍କ ସହ କଥା ହେବା ବେଳେ କହିଛନ୍ତି।

**'ପୁଟିନଙ୍କ ସହ ମୋର ସାକ୍ଷାତ୍ ଚାହୁଁନାହାନ୍ତି ସରକାର'**

## ଆମେରିକାରେ ପୁଣି ଏଫ୍-୧୬ ବିମାନ ଦୁର୍ଘଟଣାଗ୍ରସ୍ତ




ୱାସିଂଟନ, ୪।୧୨(ଏଜେନ୍ସି): ଆମେରିକାରେ ଗୁରୁବାର ଆଉଏକ ଏଫ୍-୧୬ ଲଢୁଆ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଆମେରିକା ବାୟୁସେନାର ଏହି ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ମାତ୍ର କିଛି ସେକେଣ୍ଡ ପରେ ପାଇଲଟ ପାରାଚ୍ୟୁଟ ଜରିଆରେ ସୁରକ୍ଷିତ ଭାବେ ବାହରକୁ ବାହରିଛନ୍ତି। ଫଳରେ ତାଙ୍କର ଜୀବନ ବଞ୍ଚିଯାଇଛି। ଭାରତୀୟ ସମୟ ରାତି ୧୨.୩୦ରେ ଦକ୍ଷିଣ କାଲିଫର୍ଣ୍ଣିଆର ଟ୍ରୋନା ନିକଟସ୍ଥ ମରୁଭୂମିରେ ଓ ଟ୍ରୋନ ବିମାନ ବନ୍ଦରଠାରୁ ୩ କିମି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ବିମାନ ଦ୍ରୁତ ଗତିରେ ତଳକୁ ଖସୁଥିବା ବେଳେ ପାଇଲଟ ପାରାସୁଟ୍ ସହିତ ବିମାନରୁ ଲମ୍ଫ ଦେଉଥିବାର ଭିଡିଓରେ ଦେଖାଯାଇଛି। ବାୟୁସେନାର ଏହି ବିମାନ ଏହି ଅଞ୍ଚଳରେ ବରାବର ଘୁରି ବୁଲିଥାଏ ବୋଲି ବିମାନ ବନ୍ଦର ପରିଚାଳକ କହିଛନ୍ତି। ବିମାନଟି ତଳେ ପଡ଼ିବା ପରେ ଏକ ବଡ଼ ଧରଣର ବିସ୍ଫୋରଣ ହେବା ସହ କଳା ଧୂଆଁ ଉପରକୁ ଉଠିଥିଲା। ତେବେ କେଉଁ କାରଣରୁ ଏହି ଦୁର୍ଘଟଣା ଘଟିଛି ସେ ନେଇ ସୂଚନା ମିଳିନାହିଁ। ଏଥିସହ ଚଳିତ ବର୍ଷ ଅଷ୍ଟମଥର ପାଇଁ ଏଫ୍-୧୬ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ନିକଟରେ ୟୁକ୍ରେନରେ ୩ଟି ଓ ଆମେରିକାର ୨ଟି ଏଫ୍-୧୬ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ସେହିପରି ପୋଲାଣ୍ଡ, ଜାପାନ ଓ ଦକ୍ଷିଣ କୋରିଆରେ ମଧ୍ୟ ଏହି ବିମାନର ଦୁର୍ଘଟଣା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗୋଟିଏ ଏଫ୍-୧୬ ବିମାନର ମୂଲ୍ୟ ୧୭, ୦୦୦ କୋଟି ଟଙ୍କା ଓ ଏହାକୁ ଏକ ଅତ୍ୟାଧୁନିକ ଫାଇଟର ଜେଟ୍ ବୋଲି ବିବେଚନା କରାଯାଏ।

**■ ପାଇଲଟ ସୁରକ୍ଷିତ, ଚଳିତ ବର୍ଷରେ ୮ମ ଦୁର୍ଘଟଣା**

## ପୁଣି ନାଗରିକତା ଅଟକାଇଲେ ଟ୍ରମ୍ପ

ୱାସିଂଟନ, ୪।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୯ଟି ଦେଶର ନାଗରିକଙ୍କୁ ଆମେରିକାର ନାଗରିକତା ଓ ଗ୍ରୀନ୍ କାର୍ଡ ଦେବା ପ୍ରକ୍ରିୟାକୁ ଯଥାଶୀଘ୍ର ରୋକିବାକୁ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ଶେଷ ଆଡକୁ ହ୍ୱାଇଟ୍ ହାଉସ୍ ନିକଟରେ ଜଣେ ଆଫଗାନ ଶରଣାର୍ଥୀ ନ୍ୟାସନାଲ ଗାର୍ଡଙ୍କ ଉପରେ ଗୁଳି ମାରିବା ଘଟଣା ଘଟଣା ପରେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି। ନାଗରିକତା ପ୍ରକ୍ରିୟାକୁ ରୋକା ଯାଇଥିବା ଦେଶଗୁଡିକ ହେଲା ଆଫଗାନିସ୍ତାନ, ମିଆଁମାର, ବୁରୁଣ୍ଡି, ଚାଦ, କଙ୍ଗୋ, କ୍ୟୁବା, ଇକ୍ୱେଟୋରିଆଲ ଗିନି, ଇରିଟ୍ରିଆ, ହାଇତି, ଇରାନ, ଲାଓସ, ଲିବିୟା, ସିଏରା ଲିଓନ, ସୋମାଲିଆ, ସୁଦାନ, ଟୋଗୋ, ତୁର୍କମେନିସ୍ତାନ, ଭେନେଜୁଏଲା ଓ ୟେମେନ। ଏହି ୧୯ଟି ଦେଶର ସବୁ ଇମିଗ୍ରେସନ ଅର୍ଥାତ ପ୍ରବାସନ, ନାଗରିକତା ଓ ଗ୍ରୀନକାର୍ଡ ସହିତ ଜଡିତ ଆବେଦନକୁ ରୋକା ଯାଇଛି ବୋଲି ଆମେରିକା ନାଗରିକତା ଓ ପ୍ରବାସ ସେବା (ୟୁଏସ୍‌ସିଆଏସ୍) ତରଫରୁ କୁହାଯାଇଛି। ଟ୍ରମ୍ପ ମଧ୍ୟ ପୂର୍ବରୁ ଏହି ଦେଶଗୁଡିକ ଉପରେ ଯାତ୍ରା ପ୍ରତିବନ୍ଧକ ଲାଗୁ କରିସାରିଛନ୍ତି। ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁସାରେ ୨୦୨୧ ଜାନୁଆରୀ ୨୦ ପରେ ଆମେରିକା ଆସିଥିବା ଲୋକଙ୍କୁ ପୁଣିଥରେ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ ଓ ସାକ୍ଷାତକାର ଦେବାକୁ ହେବ। ପ୍ରବାସନ ନୀତି କାରଣରୁ ଆଜି ଆମେରିକୀୟଙ୍କ ଜୀବନ ଖରାପ ହୋଇଛି ବୋଲି ଟ୍ରମ୍ପ କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକାରେ ଏଭଳି ସାମାଜିକ ସମସ୍ୟା ନଥିଲା। କିନ୍ତୁ ଏବେ ଭୁଲ ପ୍ରବାସନ ନୀତି ଯୋଗୁଁ ଆମେରିକାର ବିଭିନ୍ନ ସାମଜିକ ସମସ୍ୟା, ଅପରାଧ ଓ ଅବ୍ୟବସ୍ଥା ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ଗ୍ରୀନକାର୍ଡ ମିଳୁଥିବା ଲୋକଙ୍କୁ ଆମେରିକାର ସ୍ଥାୟୀ ଭାବେ ରହିବାର ଓ କାମ କରିବାର ସୁଯୋଗ ମିଳିଥାଏ। ୨୦୧୩ରୁ ୨୦୨୨ ମଧ୍ୟରେ ଆମେରିକାର ୭.୧୬ ଲକ୍ଷ ଭାରତୀୟଙ୍କୁ ଗ୍ରୀନ୍‌କାର୍ଡ ମିଳିଛି।

**୧୯ଟି ଦେଶର ଲୋକଙ୍କୁ ମିଳିବନି ଗ୍ରୀନ କାର୍ଡ**



## ଦିଲ୍ଲୀ ସରକାର ୯ଟି ପ୍ରଦୂଷଣ 'ହଟ୍‌ସ୍ପଟ୍'ରେ ୩୦୫ ମିଷ୍ଟ ସ୍ପ୍ରେୟର ଲଗାଇବେ



ନୂଆଦିଲ୍ଲୀ, ୪।୧୨(ଏଜେନ୍ସି): ପ୍ରଦୂଷଣକୁ ରୋକିବା ପାଇଁ ଦିଲ୍ଲୀ ସରକାର ଏବେ ଏକ ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ରାଜଧାନୀର ୯ଟି ପଲ୍ୟୁସନ ହଟ୍‌ସ୍ପଟ୍‌ରେ ୩୦୫ଟି ମିଷ୍ଟ ସ୍ପ୍ରେୟର ଲଗାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ଏହିକ୍ରମରେ ଆୟକର କାର୍ଯ୍ୟଳୟ (ଆଇଟିଓ)ରେ ଲଗାଯାଇଥିବା ମିଷ୍ଟ ସ୍ପ୍ରେୟରକୁ ରେଖା ନୀରିକ୍ଷଣ କରିଥିଲେ। ଦିଲ୍ଲୀ ନଗର ନିଗମ ଅଞ୍ଚଳରେ ମିଷ୍ଟ ସ୍ପ୍ରେୟରର କାର୍ଯ୍ୟକ୍ଷମତାରେ ସକାରାତ୍ମକ ଫଳାଫଳ ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି। ଏହା ଦ୍ୱାରା ମୁଖ୍ୟତଃ ଧୂଳି ଓ ପ୍ରଦୂଷଣକୁ ରୋକିବା ପାଇଁ ପାଣିର ଛିଞ୍ଚନ ପ୍ରକ୍ରିୟାକୁ ବ୍ୟବହାର କରାଯାଇଥାଏ। ଦିଲ୍ଲୀରେ ପ୍ରଦୂଷଣ ରୋକିବା ପାଇଁ ଭିନ୍ନ ଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି ବୋଲି ସେ କହିଛନ୍ତି। ଏହି କମିଟିରେ ଆଇଆଇଟିର ବିଶେଷଜ୍ଞ ଓ ପରିବେଶବିତ୍‌ଙ୍କ ବ୍ୟତୀତ ଭିନ୍ନ ଭିନ୍ନ ସରକାରୀ ବିଭାଗର ବିରଷ୍ଠ ଅଧିକାରୀଙ୍କୁ ସାମିଲ କରାଯାଇଛି।

## ବାବ୍‌ରୀ ମସଜିଦ୍ ନିର୍ମାଣ ଘୋଷଣା କରି ବିଧାୟକ ଟିଏମ୍‌ସିରୁ ନିଲମ୍ବିତ

କୋଲକାତା, ୪।୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ସିଦାବାଦ୍‌ରେ ବେଲଡାଙ୍ଗାରେ ବାବରୀ ମସଜିଦ୍ ନିର୍ମାଣ କରିବାକୁ ଘୋଷଣା କରିଥିବା ବିଧାୟକ ହୁମାୟୁନ କବୀରଙ୍କୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିଲମ୍ବିତ କରିଛି। ଏନେଇ କୋଲକାତା ମେୟର ଫିରହାଦ ହାକିମ ସୂଚନା ଦେଇଛନ୍ତି। ପାର୍ଟି ସାମ୍ପ୍ରଦାୟିକ ରାଜନୀତିରେ ବିଶ୍ୱାସ କରେ ନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ହୁମାୟୁନଙ୍କୁ ଏନେଇ ଏକାଧିକବାର ଚେତାବନୀ ଦିଆଯାଇଥିଲେ ମଧ୍ୟ ସେ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିନାହାନ୍ତି। ତେଣୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଉଛି ବୋଲି ସେ କହିଛନ୍ତି। ସେପଟେ ଟିଏମ୍‌ସିରୁ ନିଲମ୍ବିତ ହେବା ପରେ ହୁମାୟୁନ କହିଛନ୍ତି ଯେ, ମୁଁ ମୋ ବୟାନକୁ ବଜାୟ ରଖୁଛି। ଡିସେମ୍ବର ୨୨ରେ ମୋର ନୂଆ ପାର୍ଟି ଗଠନ କରିବି ଓ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ବିଧାନସଭା ନିର୍ବାଚନରେ ୧୩୫ଟି ଆସନରେ ପ୍ରାର୍ଥୀ ଛିଡ଼ା କରାଇବି ଏବଂ ବିଜେପି ଓ ଟିଏମ୍‌ସି ବିରୋଧରେ ନିର୍ବାଚନ ଲଢିବି ବୋଲି ସେ କହିଛନ୍ତି।

ମୁର୍ସିଦାବାଦ୍‌ରେ ନଭେମ୍ବର ୨୮ରେ ଏକାଧିକ ସ୍ଥାନରେ ବାବରୀ ମସଜିଦ ଶିଳାନ୍ୟାସ ନେଇ ପୋଷ୍ଟର ଲଗାଯାଇଥିଲା। ଡିସେମ୍ବର ୬ରେ ବେଲଡାଙ୍ଗାରେ ବାବ୍‌ରୀ ମସ୍‌ଜିଦ୍‌ର ଶୀଳନ୍ୟାସ ସମାରୋହ ହେବ। ହୁମାୟୁନଙ୍କୁ ଆୟୋଜକ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଥିଲା। ଏହାପରେ ହିଁ ଏ ନେଇ ବିବାଦ ବଢ଼ିବାରେ ଲାଗିଛି। ଉଲ୍ଲେଖଥାଉ କି, ୧୯୯୨ ଡିସେମ୍ବର ୬ରେ ବାବରୀ ମସଜିଦକୁ ଭାଙ୍ଗି ଦିଆଯାଇଥିଲା। ତେଣୁ ଡିସେମ୍ବର ୬ରେ ଶିଳାନ୍ୟାସ ନେଇ ସେ ଘୋଷଣା କରିଛନ୍ତି। ଏ ନେଇ କୋଲକାତା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର କରାଯାଇଛି। ହୁମାୟୁନଙ୍କ ଘୋଷଣା ତଥା ପ୍ରସ୍ତାବ ସମ୍ବିଧାନର ବିପକ୍ଷରେ ଯାଉଛି ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଡିଭିଜନ ବେଞ୍ଚ୍ ଏହି ମାମଲାର ଶୁଣାଣି କରିପାରନ୍ତି। ୬୨ ବର୍ଷୀୟ ହୁମାୟୁନ୍ ପଶ୍ଚିମବଙ୍ଗର ଭରତପୁରରୁ ଟିଏମ୍‌ସି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।

## କର୍ଣ୍ଣାଟକରେ ମହିଳା କର୍ମଚାରୀଙ୍କୁ ଗୋଟିଏ ଦିନ 'ପିରିଅଡ୍ ଲିଭ୍'

ବେଙ୍ଗାଲୁରୁ, ୪।୧୨(ଏଜେନ୍ସି): କର୍ଣ୍ଣାଟକରେ ସରକାରୀ ମହିଳା କର୍ମଚାରୀଙ୍କୁ ଗୋଟିଏ ଦିନର ପ୍ୟାଡ୍ ପିରିଅଡ ଲିଭ୍ ଅର୍ଥାତ ମାସିକ ଋତୁସ୍ରାବ ଜନିତ ଛୁଟି ଦିଆଯିବ। ଏ ନେଇ ନିର୍ଦ୍ଦେଶ ଜାରି କରାଯାଇଛି। ଗୋଟିଏ ବର୍ଷରେ ଏପରି ୧୨ଟି ଛୁଟି ମିଳିବ ବୋଲି କୁହାଯାଇଛି। ରାଜ୍ୟ ସରକାର ଅକ୍ଟୋବର ୯ରେ ମ୍ୟୁଚୁଆଲ ଲିଭ୍ ପଲିସି (ଏମ୍‌ଏଲ୍‌ପି) ୨୦୨୫କୁ ମଞ୍ଜୁରୀ ପ୍ରଦାନ କରିଥିଲେ। ସରକାରୀ ମହିଳା କର୍ମଚାରୀଙ୍କ ସମେତ ଘରୋଇ କମ୍ପାନୀ ଓ ଇଣ୍ଡଷ୍ଟ୍ରିଆଲ ସେକ୍ଟରରେ କାର୍ଯ୍ୟକରୁଥିବା ମହିଳାଙ୍କୁ ଏହାର ଲାଭ ମିଳିପାରିବ। ୧୮ରୁ ୫୨ ବର୍ଷର ମହିଳାଙ୍କୁ ଏହି ପିରିଅଡ ଲିଭ୍ ମିଳିପାରିବ। କର୍ଣ୍ଣାଟକ ହାଇକୋର୍ଟରେ ଏନେଇ ଆବେଦନ କରାଯିବା ପରେ ସରକାର ଏହି ନିୟମ ଲାଗୁ କରିଛନ୍ତି। ତେବେ ଏଥିପାଇଁ ମେଡିକାଲ ପ୍ରମାଣପତ୍ରର ଆବଶ୍ୟକତା ନାହିଁ। କାଜୁଆଲ ଲିଭ୍ ମଞ୍ଜୁର କରୁଥିବା ଅଧିକାରୀମାନେ ଏହି ଛୁଟି ଦେଇପାରିବେ ବୋଲି କୁହାଯାଇଛି। ଏହାକୁ କୌଣସି ଅନ୍ୟ ଛୁଟି ବା ଲିଭ୍ ସହିତ ଜଡିତ କରାଯିବ ନାହିଁ। ଏହା ଦ୍ୱାରା ରାଜ୍ୟରେ ୬୦ ଲକ୍ଷ ମହିଳା ଉପକୃତ ହେବେ। ଗତ ଏକବର୍ଷ ହେବ ଏ ନେଇ କାର୍ଯ୍ୟ କରାଯିବା ପରେ ଏହି ନିୟମକୁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି।

# ବରଗଡ଼ ଧନୁଯାତ୍ରା ପାଇଁ ୧ କୋଟି ଅନୁଦାନ

ଭୁବନେଶ୍ୱର/ବରଗଡ଼, ୪।୧୨(ସମିସ): ବରଗଡ଼ ଧନୁଯାତ୍ରା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଧନୁଯାତ୍ରାରେ ଭାଗ ନେଉଥିବା ପ୍ରାୟ

- ୨୦୦ କଳାକାରମାନଙ୍କୁ ୧୦ହଜାର ଟଙ୍କା ଲେଖାଏଁ ସମ୍ମାନସୂଚକ ରାଶି
- ଧନୁଯାତ୍ରା ପାଇଁ ନିର୍ମିତ ହେବ ସ୍ୱତନ୍ତ୍ର ୱେବସାଇଟ୍
- ଭୁବନେଶ୍ୱର ଓ ପୁରୀରୁ ବରଗଡ଼କୁ ଗଡ଼ିବ ସ୍ୱତନ୍ତ୍ର ଟୁରିଷ୍ଟ ବସ୍

୨୦୦କଳାକାରଙ୍କୁ ୧୦ହଜାର ଟଙ୍କା ଲେଖାଏଁ ସମ୍ମାନସୂଚକ ରାଶି ପ୍ରଦାନ କରାଯିବ। ଏହାସହ, ଧନୁଯାତ୍ରାର ବ୍ୟାପକ ପ୍ରଚାରପ୍ରସାର ନିମନ୍ତେ ଏଲ୍‌ଇଡି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ କରାଯିବ। ଏହାବ୍ୟତୀତ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ବାହାରର ବିଭିନ୍ନ ରାଜ୍ୟରେ ମଧ୍ୟ ଏଲ୍‌ଇଡି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ ହେବ। ଗୁରୁବାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ଭବନରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଚଳିତବର୍ଷ ଡିସେମ୍ବର ୨୪ତାରିଖରୁ ଜାନୁଆରୀ ୩ତାରିଖ ପର୍ଯ୍ୟନ୍ତ ବରଗଡ଼ରେ ଧନୁଯାତ୍ରା ମହୋତ୍ସବର ଆୟୋଜନ କରାଯିବ। ଏଥିପାଇଁ ବରଗଡ଼ ସହରର ମୁଖ୍ୟ ପ୍ରବେଶ ଦ୍ୱାରମାନଙ୍କରେ ଧନୁଯାତ୍ରା ଥିମ୍ ସମ୍ବନ୍ଧୀୟ ଗେଟ୍ ନିର୍ମାଣ କରାଯିବ। ସେହିପରି ଧନୁଯାତ୍ରା ସମୟରେ ପୁରୀ ଏବଂ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଇବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଧନୁଯାତ୍ରା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ କରାଯିବ। ସେଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ୍ ସିଷ୍ଟମକୁ ମଧ୍ୟ ସ୍ଥାନିତ କରାଯିବ।

ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ କୁମାର ଗର୍ତିଆ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟକ ବର୍ଷାସିଂ ବରିହା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବାକିରେ ଚାଲିଛି 'ମୁଖ୍ୟମନ୍ତ୍ରୀ ପୋଷଣ' ଯୋଜନା

ବାରିପଦା,୪।୧୨(ସମିସ): ରାଜ୍ୟରେ ତଥା ମୟୂରଭଞ୍ଜ ଜିଲ୍ଲାରେ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ସ୍କୁଲରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ବାକିରେ ଚାଲିଛି। ଗତ ୩ ମାସ ଧରି ଅନୁଦାନ ମିଳି ନ ଥିବାରୁ ଏହି ଯୋଜନା ଅଧୀନରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଦିଗହରା ହୋଇଛି। ଫଳରେ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ମଧ୍ୟାହ୍ନଭୋଜନ ଯୋଜନାରେ ଯୋଡ଼ି ହୋଇଥିବା ମୟୂରଭଞ୍ଜ ଜିଲ୍ଲାର ୬୨୬ଟି ସ୍କୁଲର ୬୯ହଜାର ୩୨୮ ଜଣ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନ ଶିକ୍ଷକମାନେ ଧାର ଉଧାରରେ ଖାଦ୍ୟ ପରିବେଷଣ କରୁଛନ୍ତି। ଏହି ସମସ୍ୟା ଯୋଗୁଁ କେତେକ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକମାନେ ନିଜ ପକେଟରୁ ଖର୍ଚ୍ଚ କରି ଭୋଜନ ଯୋଗାଉଥିବା ବେଳେ ଏବେ ଅସମ୍ଭାଳ ପରିସ୍ଥିତି ପାଇଁ ନୂଆ ସମସ୍ୟା ସୃଷ୍ଟି ହୋଇଛି।

ରାଜ୍ୟ ସରକାର ପିଏମ୍ ପୋଷଣ ଯୋଜନାକୁ ବିସ୍ତାର କରି ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଜନାରେ ସାମିଲ୍ କରିଥିଲେ। ଫଳରେ ରାଜ୍ୟରେ ପ୍ରାୟ ୪୫ଲକ୍ଷ ଓ ମୟୂରଭଞ୍ଜ ଜିଲ୍ଲାର ୭୦ହଜାର

- ୩ ମାସ ହେଲା ମିଳିନି ଅନୁଦାନ
- ନବମ ଓ ଦଶମ ପିଲାଙ୍କୁ ଖାଦ୍ୟ ଯୋଗାଇବାରେ କଷ୍ଟ
- ନୂଆ ସ୍କୁଲରେ ଉପକରଣ ନାହିଁ

ଛାତ୍ରଛାତ୍ରୀଙ୍କୁ ଉପକୃତ ହେବା ନେଇ ଲକ୍ଷ୍ୟ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଘୋଷଣା ଅନୁଯାୟୀ ଏହି ଯୋଜନା ନିମ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପୋଷଣ, ଉପସ୍ଥିତି ଓ ଶିକ୍ଷା ଗ୍ରହଣରେ ସୁଧାର ଆଣିବ। କିନ୍ତୁ ବାସ୍ତବରେ ଗତ ସେପ୍ଟେମ୍ବରରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଅନୁଦାନ ନ ଆସିବା ଫଳରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଦିଗହରା ହୋଇଯାଇଛି।

ଜିଲ୍ଲାର ଏକ ସରକାରୀ ସ୍କୁଲର ପ୍ରଧାନଙ୍କ କହିବା ଅନୁଯାୟୀ, 'ଆମେ ୯ମ ଓ ୧୦ମ ଶ୍ରେଣୀର ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ଭୋଜନ ଯୋଗାଇବାକୁ ଚେଷ୍ଟା କରିଛୁ। ଚାଉଳ ସିନା ମିଳିଯାଉଛି, କିନ୍ତୁ ଅର୍ଥ ନ ଆସିବା ଫଳରେ ରୋଷେଇ, ସଉଦା, ତେଲ ମସଲା, ପନିପରିବା, ଅଣ୍ଡା ଖର୍ଚ୍ଚ ପାଇଁ ନିଜ ପକେଟରୁ ଟଙ୍କା ଦେଉଛୁ। ସେହିପରି ନୂତନ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଆବଶ୍ୟକ ସ୍ଥଳେ ସ୍କୁଲ ପିଛା ନିର୍ଦ୍ଧାରିତ ୨୦ ହଜାର ଟଙ୍କା ବାସନ କୁସନ, ରୋଷେଇ ଉପକରଣ କିଣିବା ପାଇଁ ଅନୁଦାନ ମଧ୍ୟ ମିଳି ନ ଥିବାରୁ ସ୍କୁଲରେ ଭୋଜନ ପ୍ରସ୍ତୁତିରେ ବଡ଼ ଅସୁବିଧା ହେଉଛି ବୋଲି କହିଛନ୍ତି।

କେନ୍ଦ୍ରୀୟ ପିଏମ୍ ପୋଷଣ ଯୋଜନା ଅଧୀନରେ ୨୦୨୫-୨୬ ବଜେଟ୍‌ରେ ରାଜ୍ୟକୁ ୩୯୨ କୋଟି ଟଙ୍କା ବରାଦ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ୭୧ କୋଟି ଟଙ୍କା ଅନ୍ତର୍ଭୁକ୍ତ। କିନ୍ତୁ ଏହି ଅର୍ଥ ସ୍କୁଲସ୍ତରରେ ପହଞ୍ଚିନାହିଁ, ଯାହା ରାଜ୍ୟ ସମେତ ମୟୂରଭଞ୍ଜ ଜିଲ୍ଲାର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମର ସମର୍ଥନରେ ବାଧା ସୃଷ୍ଟି କରୁଛି। ରାଜ୍ୟରେ ୫୦ ହଜାର ୪୮୫ଟି ସ୍କୁଲରେ ଏହି ଯୋଜନା ଚାଲୁଛି ଏବଂ ନିୟମିତ ଭୋଜନ ଯୋଗାଇବା ଦ୍ୱାରା ଛାତ୍ରଛାତ୍ରୀଙ୍କ ପୋଷଣସ୍ତର ଉନ୍ନତ ହେବା ଉଦ୍ଦିଷ୍ଟ। କିନ୍ତୁ ଅର୍ଥ ବିଳମ୍ବ ଯୋଗୁଁ ଯୋଜନା ରୂପାୟନରେ ବାଧା ସୃଷ୍ଟି କରୁଛି। ଏହି ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ କହନ୍ତି, ଆଗାମୀ କିଛି ସପ୍ତାହ ଭିତରେ ଅନୁଦାନପ୍ରାପ୍ତ ହେଲେ ସମସ୍ୟା ସମାଧାନ ହୋଇଯିବ। ସେହିପରି ଉପକରଣ ଅନୁଦାନ ବାବଦରେ ଜିଲ୍ଲାର ୩୫୭ଟି ସ୍କୁଲ ପାଇଁ ଅର୍ଥ ଆସିଛି। ତେବେ ୨୬ଜଣ ବିଇଓଙ୍କୁ ସ୍କୁଲୱାରୀ ହିସାବ ମଗାଯାଇଛି। ତାହା ଆସିଲେ ସ୍କୁଲ ଆକାଉଣ୍ଟକୁ ଅର୍ଥ ଟ୍ରାନ୍ସଫର କରାଯିବ ବୋଲି କହିଛନ୍ତି।

# ମାଓଗଡ଼ରେ ଦେଶୀ ବନ୍ଧୁକ କାରଖାନା ଠାବ

## ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ, ଜଣେ ଗିରଫ

ଫିରିଙ୍ଗିଆ, ୪।୧୨ (ସମିସ): କନ୍ଧମାଳ ଜିଲ୍ଲା, ଗୋଛାପଡ଼ା ପୁଲିସକୁ ବଡ଼ ସଫଳତା ମିଳିଛି। ଫିରିଙ୍ଗିଆ ବ୍ଲକ୍ ଅଞ୍ଚଳରୁ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିବା ସହ ବିପୁଳ ପରିମାଣର ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ଦେଶୀ ବନ୍ଧୁକ ତିଆରି ବିଭିନ୍ନ ସରଞ୍ଜାମ ସହ ଏକ ଦେଶୀ ପିସ୍ତଲ, କଟର୍ ଓ ୱେଲଡିଙ୍ଗ ମେସିନ ରହିଛି। ଏହି ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲା, ବାଞ୍ଛାନିଧି ବିଧାଣି। ୨୦୧୬ ମସିହାରେ ମଧ୍ୟ ବାଞ୍ଛାନିଧି ଏଭଳି ବନ୍ଧୁକ ତିଆରି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା। କନ୍ଧମାଳ ଏସ୍‌ପି ହରୀଶ ବିଶି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।





ସୂଚନାନୁସାରେ, ବୁଧବାର ଥାନାଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ କଟ୍ରିଙ୍ଗିଆ ଅଞ୍ଚଳରେ ଏକ ବେଆଇନ ଦେଶୀ ବନ୍ଧୁକ ତିଆରି ଚାଲିଥିବା ସୂଚନା ମିଳିଥିଲା। ପୁଲିସ ଟିମ କଟ୍ରିଙ୍ଗିଆ ପଞ୍ଚାୟତ ପାଙ୍ଗାପାଜୁ ଗାଁରେ ଚାଲିଥିବା ଏହି ଦେଶୀ ବନ୍ଧୁକ କାରଖାନା ଉପରେ ଅତର୍କିତ ଚଢ଼ଉ କରିଥିଲା।

ଗୋଛାପଡ଼ା ଥାନା ଅଞ୍ଚଳ ମାଓପ୍ରବଣ ଏବଂ ଗଞ୍ଜେଇ ଚାଷ ଓ ମାଫିଆଙ୍କ ଚରାଭୂଇଁ ଭାବେ ପରିଚିତ। ଏଠାରୁ ବନ୍ଧୁକ ତିଆରି କାରଖାନା ଠାବ ହେବା ପରେ ପୁଲିସର ଚିନ୍ତା ବଢ଼ିଯାଇଛି। ଏହି କାରଖାନାରୁ କେତେ ଓ କାହାକୁ ବନ୍ଧୁକ ଚାଲାଣ କରାଯାଇଛି, ସେ ସଂପର୍କରେ ପୁଲିସ ଖୋଳତାଡ଼ ଚଳାଇଛି। ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି ଯେ ବନ୍ଧୁକଗୁଡ଼ିକୁ ଶିକାରୀଙ୍କୁ ବିକ୍ରି କରାଯାଉଥିଲା। ଜଙ୍ଗଲରେ ପଶୁ ଶିକାର ପାଇଁ ଶିକାରୀମାନେ ଏଠାରୁ ବନ୍ଧୁକ କିଣୁଥିଲେ। ଏ ସଂକ୍ରାନ୍ତରେ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କନ୍ଧମାଳ ଏସ୍‌ପି ଶ୍ରୀ ବିଶି କହିଛନ୍ତି।

# ପଣ୍ଡୁ ନୃସିଂହଙ୍କ ଚାରିଆଶ୍ରମ ବିଜେ

ପୁରୀ,୪।୧୨(ସମିସ): ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ପଣ୍ଡୁନୃସିଂହ ଶ୍ରୀକ୍ଷେତ୍ରର ଚାରିଆଶ୍ରମ ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ପୁଷ୍ପାଳକ ସେବକମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ବେଶ କରାଇଥିଲେ। ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡେ ଆଜ୍ଞାମାଳ ଲାଗି କରାଯାଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଦକ୍ଷିଣୀ ଘରେ ଭୋଗ ସରିଥିଲା। ମହାଜନ ଦକ୍ଷିଣୀ ଘରୁ ପଣ୍ଡୁ ନୃସିଂହଙ୍କୁ ରତ୍ନସିଂହାସନକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଇଥିଲେ। ଏହାପରେ ନୃସିଂହ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ ହୋଇଥିଲେ। ରୁନ୍ଧା ବଢ଼ିବା ପରେ ବିମାନବଡୁ ସେବକମାନେ ବିମାନକୁ ସିଂହଦ୍ୱାର ଦେଇ ଶ୍ରୀକ୍ଷେତ୍ରର ପ୍ରାଚୀନ ୪ ଆଶ୍ରମ (ଅଙ୍ଗିରା, କଣ୍ଡୁ, ମାର୍କଣ୍ଡ ଓ ଭୃଗୁ)କୁ ବିଜେ କରାଇଥିଲେ। ସେଠାରେ ଶୀତଳ ଭୋଗ, ବନ୍ଦାପନା ନୀତି ଅନୁଷ୍ଠିତ ହେବା ପରେ ନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସ୍ୱୟଂ ବିଘ୍ନହର୍ତ୍ତା ଶ୍ରୀନୃସିଂହ ଆଶ୍ରମସ୍ଥ ଋଷିମାନଙ୍କର ବିଘ୍ନ ହରଣ କରିବାକୁ ଯାଇଥାନ୍ତି ବୋଲି ବିଶ୍ୱାସ ରହିଛି।

# କଳିଙ୍ଗା ଘାଟିରେ ଲାଗିଲା ସେନ୍ସର୍

## ଚାଳକଙ୍କୁ କରିବ ସତର୍କ; କମିବ ଦୁର୍ଘଟଣା

ଜି.ଉଦୟଗିରି, ୪।୧୨(ସମିସ): ଏଣିକି କଳିଙ୍ଗା ଘାଟିରେ ଗାଡ଼ି ଚାଳକଙ୍କୁ ସତର୍କ କରିବ ସେନ୍ସର୍। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର କଳିଙ୍ଗା ଘାଟିରେ ପ୍ରଥମଥର ପାଇଁ ଭୁବନେଶ୍ୱର ଆଇଆଇଟି ପକ୍ଷରୁ ଓଡ଼ିଶାର ପ୍ରଥମ ଘାଟି ଭାବେ କଳିଙ୍ଗା ଘାଟିକୁ ନେଇ ପରୀକ୍ଷାମୂଳକ ଭାବରେ 'ଭେଇକଲ ସେନ୍ସର୍ ଆଲର୍ଟ ମେସିନ' ଲଗାଯାଉଥିବା ଜଣାଯାଇଛି। ଏହା ସୌର ଚାଳିତ। ନିଜେ ପରିଚାଳିତ ହେବା ସହିତ ସେନ୍ସର ଓ କ୍ୟାମେରା ଦ୍ୱାରା ଗାଡ଼ି ଚାଳକଙ୍କୁ ସତର୍କ ସୂଚନା ଦେବ। ଏହା ଦୁଇଟି ପାର୍ଶ୍ୱରେ ଲାଗିବ। ଏହାଦ୍ୱାରା ଗୋଟିଏ ପାର୍ଶ୍ୱରେ ଗାଡ଼ି ଆସିଲେ ଅନ୍ୟପାର୍ଶ୍ୱରେ ନାଲିବତି ଜଳିବା ସହ ହର୍ଣ୍ଣ ବାଜିବ। ଫଳରେ ଅନ୍ୟପାର୍ଶ୍ୱରେ ଆସୁଥିବା ଗାଡ଼ି ଚାଳକ ଏହାର ସୂଚନା ପାଇପାରିବେ ଏବଂ ଆଗୁଆ ସତର୍କ ହୋଇଯିବେ। ଏହି ଅବସରରେ ପରିବହନ ବିଭାଗ ଅଧିକାରୀ ଶିବାନୀ ମାଝୀ ଓ ଟିମ୍ ସହ ଜି.ଉଦୟଗିରି ପୁଲିସ ଏବଂ ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ ଓ ଅନ୍ୟ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଏହି ଭେଇକିଲ ସେନ୍ସର୍ ଆଲର୍ଟ ମେସିନ ରାଜ୍ୟରେ



ପ୍ରଥମଥର କଳିଙ୍ଗା ଘାଟିରେ ଲାଗୁଥିବା ବେଳେ ଏହା ଠିକ୍ ଭାବେ କାମ କଲେ, ଆସନ୍ତା ଦିନମାନଙ୍କରେ ଅନ୍ୟ ସ୍ଥାନମାନଙ୍କରେ ଲଗାଯିବ ବୋଲି ଭୁବନେଶ୍ୱର ଆଇଆଇଟି ପକ୍ଷରୁ ଆସିଥିବା ଅଧିକାରୀ କହିଛନ୍ତି।

# ମହିଳା ନିଶା ବେପାରୀଙ୍କ ଘରେ ବୁଲିଲା ବୁଲ୍‌ଡୋଜର୍

ପୁରୀ,୪।୧୨(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ଚକ୍ର' ଜାରି ରହିଛି। ବିଶେଷକରି ବ୍ରାଉନସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ, ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ଏହି କ୍ରମରେ ଗୁରୁବାର ମହିଳା ନିଶା ବେପାରୀ ସୁକାନ୍ତି ପଣ୍ଡାଙ୍କ ଘରେ ବୁଲିଛି ବୁଲ୍‌ଡୋଜର। ମାଟିରେ ମିଶିଛି ଗୋଟିଏ ଦୋକାନ ଓ ୪ଟି ଘର। ଭୁବନେଶ୍ୱର ପରେ ପୁରୀରେ ପ୍ରଥମଥର ପାଇଁ ପୁଲିସ ଏପରି ବଡ଼ ପଦକ୍ଷେପ ନେଇଛି। କିଛି ଦିନ ତଳେ ସୁକାନ୍ତିଙ୍କ ଘରେ ଚଢ଼ଉ କରାଯାଇ ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା। ଧଳା ଜହର ବିକ୍ରି ଅଭିଯୋଗରେ ଏବେ ଜେଲ୍‌ରେ ଅଛନ୍ତି ସୁକାନ୍ତି। ସରକାରୀ ଜାଗାରେ ଜୋର୍‌ଜବରଦସ୍ତ ଘର କରି ନିଶା କାରବାର କରୁଥିବା ଅଭିଯୋଗରେ ପୁଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ପୁରୀର ପ୍ରବେଶପଥ ଅଠରନଳା ନିକଟ ନୀଳଚକ୍ର ନଗରରେ ସରକାରୀ ଜାଗା ଜବରଦଖଲ କରି ଦୀର୍ଘ ଦିନ ହେବ ଧଳାଜହର କାରବାର କରୁଥିଲେ ସୁକାନ୍ତି। ଝ୍ୱାଇଁ ଟିକି ଖାଁଙ୍କ ସହ ମିଶି ସୁକାନ୍ତି ଏହି ବେଆଇନ କାରବାର କରିଆସୁଥିଲେ। ଶେଷରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କର ଗୋଟିଏ ଦୋକାନ ସହ ୪ଟି ଘର ଭଙ୍ଗାଯାଇଛି। ନିଶା ବେପାରୀଙ୍କ ଘର ଉପରେ ବୁଲିଛି ବୁଲ୍‌ଡୋଜର। ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସଦର ଥାନା ଅଧିକାରୀଙ୍କ ସହ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଛି।

ପୁରୀ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ନିଶା ବେପାରୀଙ୍କ ବିରୋଧରେ ପୁଲିସ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବ। ଏଥିପାଇଁ ସମସ୍ତ ଥାନା ଅଞ୍ଚଳର ତାଲିକା ପ୍ରସ୍ତୁତ କରାଯାଇଛି। ଆଗକୁ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନ ବଳବତ୍ତର ରହିବ।

# ବିଜେଡିର ଅଭିଯୋଗ: ଆଦିବାସୀଙ୍କଠାରୁ ଜଙ୍ଗଲ ଜମି ଅଧିକାର ଛଡ଼ାଇ ନେଇଛନ୍ତି ସରକାର

ଭୁବନେଶ୍ୱର,୪।୧୨(ସମିସ): ଜଙ୍ଗଲ ଜମି, ଆଦିବାସୀମାନଙ୍କର ସାମ୍ବିଧାନିକ ଅଧିକାର। ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୋ ଜଙ୍ଗଲ ଜମି' ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଓଡ଼ିଶାର ବିଜେପି ସରକାର ଏହାକୁ ବନ୍ଦ କରିଦେଲେ। ଲକ୍ଷ ଲକ୍ଷ ଭୂମିହୀନ ଆଦିବାସୀଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରିଛନ୍ତି। ଏହି ପ୍ରତାରଣା ପ୍ରତିବାଦରେ ୨୩ ଜିଲ୍ଲାର ଆଦିବାସୀମାନେ ବିଜୁ ଜନତା ଦଳ ନେତୃତ୍ୱରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ରାଜ୍ୟ ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ କହିଥିଲେ ଯେ ଆବହମାନ କାଳରୁ ଆଦିବାସୀମାନେ ଜଙ୍ଗଲରେ ବସବାସ କରୁଛନ୍ତି। ଏବେ ସେମାନଙ୍କ ସଂଖ୍ୟା ୧ କୋଟିରୁ ଅଧିକ ହେବ। ଜଳ, ଜଙ୍ଗଲ, ଜମି ହେଉଛି ଆଦିବାସୀ ମାନଙ୍କ ଐତିହାସିକ ଦାବି। ସେମାନଙ୍କ ନ୍ୟାଯ୍ୟ ଦାବିକୁ ସମ୍ମାନ ଜଣାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୮

- ଟଙ୍କା ନାହିଁ କହି ବନ୍ଦ କରିଦେଲେ 'ମୋ ଜଙ୍ଗଲ ଜମି' ଯୋଜନା
- ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ବି ମାନିଲେନି
- ଆନ୍ଦୋଳନକୁ ଓହ୍ଲାଇବେ ୨୩ ଜିଲ୍ଲାର ଆଦିବାସୀ, ନେତୃତ୍ୱ ନେବ ବିଜେଡି

ମସିହାରେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା ସହ ଆଦିବାସୀମାନଙ୍କୁ ଜମି ପଟ୍ଟା ପ୍ରଦାନ ଆରମ୍ଭ କରିଥିଲେ। ଏହା ଏକ ଐତିହାସିକ ନିଷ୍ପତ୍ତି ଥିଲା। ସାରା ଦେଶରେ ଓଡ଼ିଶା ଏକ ମାଇଲ ଖୁଣ୍ଟ ସ୍ଥାପନ କଲା। ଏହି ଯୋଜନାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବିଜେଡି ସରକାର ୨୦୨୩ ବିଶ୍ୱ ଆଦିବାସୀ ଦିବସରେ 'ମୋ ଜଙ୍ଗଲ ଜମି' ଯୋଜନାର ଶୁଭାରମ୍ଭ କରିଥିଲେ। ପ୍ରତି ତହସିଲ ଓ ଆଇଟିଡିଏ କାର୍ଯ୍ୟାଳୟରେ ଏଫଆର୍‌ଏ ସେଲ୍ ଖୋଲାଯାଇ କାମକୁ ତ୍ୱରାନ୍ୱିତ କରାଯାଇଥିଲା। ଏଥିପାଇଁ ସେହି ବର୍ଷ ୩୮ କୋଟି ୭୬ ଲକ୍ଷ ଟଙ୍କା



ବ୍ୟୟବରାଦ ବି କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଇତିମଧ୍ୟରେ ୪ ଲକ୍ଷ ୭୩ ହଜାର ୩୬୪ଟି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ଆବଣ୍ଟନ କରାଯାଇଛି। ଦୁର୍ଗମ, ଅପହଞ୍ଚ ଇଲାକାରେ ରହୁଥିବା ଜଙ୍ଗଲ ଅଧିବାସୀ ନବୀନ ବାବୁଙ୍କଠାରୁ ଜମି ପଟ୍ଟା ପାଇ ନିଜକୁ ଧନ୍ୟ ମନେ କରିଥିଲେ। କିନ୍ତୁ ଟଙ୍କା ନାହିଁ ବୋଲି କହି ବିଜେପି ସରକାର ଏହି ଯୋଜନାକୁ ଗତ ତିନି ମାସ ହେଲା ବନ୍ଦ କରି ଦେଇଛନ୍ତି। ଜମି ପଟ୍ଟା ନ ଥିବା ଆଦିବାସୀମାନେ ସବୁ ପ୍ରକାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ଡ. ମାଝୀ କହିଥିଲେ ଯେ ଗତ ମେ' ମାସରେ ରାଜ୍ୟପାଳ ଏସ୍‌ସି/ଏସ୍‌ଟି ବିଭାଗର ସମୀକ୍ଷା କରିବା ସମୟରେ ଜଙ୍ଗଲ ଜମି ପଟ୍ଟା ଆବଣ୍ଟନକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ ପାଇଁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାର ମଧ୍ୟ ତାଗିଦ୍ କଲେ। କିନ୍ତୁ ଏପରି ଏକ ଆଦିବାସୀ କଲ୍ୟାଣକାରୀ ଯୋଜନାକୁ ଆଗକୁ ନେବା ପରିବର୍ତ୍ତେ ରାଜ୍ୟ ବିଜେପି ସରକାର ତାକୁ ବନ୍ଦ କରିଦେଲେ। ଏହି ଆଦିବାସୀ ମାରଣ ନୀତି ବିରୁଦ୍ଧରେ ସାରା ରାଜ୍ୟର ଆଦିବାସୀ ଏକାଠି ହେବେ ବୋଲି ଚେତାବନୀ ଦେଇଛନ୍ତି। ବିଜୁ ଜନତା ଦଳ ଆଦିବାସୀମାନଙ୍କ ଏହି ପ୍ରତିବାଦ ଆନ୍ଦୋଳନର ନେତୃତ୍ୱ ନେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନ: କେତେ ଆଉ ସହିବା?

ପୁରୀ, ୪।୧୨(ସମିସ): ପୂର୍ବରୁ ଶ୍ରୀମନ୍ଦିର ଉପରେ ଅନେକଥର ଆକ୍ରମଣ ହୋଇଛି। ଏଥିପାଇଁ ଶ୍ରୀବିଗ୍ରହମାନଙ୍କୁ ଅନେକବାର ରତ୍ନସିଂହାସନ ଛାଡ଼ିବାକୁ ପଡ଼ିଛି। ସେବାୟତମାନେ ଚତୁର୍ଦ୍ଧା ବିଗ୍ରହଙ୍କୁ ଅନେକ ଜାଗାକୁ ନେଇ ଲୁଚାଇ ରଖିଛନ୍ତି। ଇତିହାସର ଏହି କଥା ସେତେବେଳେ ପ୍ରତ୍ୟକ୍ଷ ଭାବେ ଘଟୁଥିଲା। ହେଲେ ଏବେ ପରୋକ୍ଷ ଭାବେ ଏହି ଧାରା ଅବ୍ୟାହତ ରହିଛି। ଶ୍ରୀମନ୍ଦିର ଆଉ ଶ୍ରୀଜଗନ୍ନାଥଙ୍କୁ ବାରମ୍ବାର ଅପମାନିତ କରାଯାଉଛି, ଯାହାକି କୌଣସି ଆକ୍ରମଣଠାରୁ କମ୍ ନୁହେଁ। ନିକଟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରା ଶ୍ରୀମନ୍ଦିରକୁ ନେଇ ଏକ ବିବାଦୀୟ ଟିପ୍ପଣୀ ଦେଇଥିଲେ। ପରେ କ୍ଷମା ମାଗିବା ସହ ଉକ୍ତ ଭିଡିଓକୁ ଡିଲିଟ୍ କରିଥିଲେ ବି ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଲାଗି ରହିଛି। ଖାଲି ଏହି ଗୋଟିଏ ଉଦାହରଣ ନୁହେଁ, ଏମିତି ପୁଳାପୁଳା ଉଦାହରଣ ରହିଛି। ରାଜ୍ୟ ସମେତ ଦେଶବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରାଯାଉଛି। ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ କଦର୍ଥ କରାଯାଉଥିବା ବେଳେ ଏହା ଉପରେ କ'ଣ ପୂର୍ଣ୍ଣଚ୍ଛେଦ ପଡ଼ିପାରିବ ନାହିଁ? ଏହି ପ୍ରଶ୍ନ ଏବେ ବିଭିନ୍ନ ମହଲରେ ଉଙ୍କି ମାରୁଥିବା ବେଳେ ସମସ୍ତଙ୍କ ମୁହଁରେ ଗୋଟିଏ କଥା - ଆଉ କେତେ ସହିବା?

ଶ୍ରୀଜଗନ୍ନାଥ ସଂସ୍କୃତିକୁ ଇସ୍କନ ବାରମ୍ବାର ଅପମାନିତ କରୁଛି। ଅଦିନରେ ଦେଶ, ବିଦେଶରେ ବିଭିନ୍ନ ଜାଗାରେ ଆୟୋଜନ କରୁଛି ରଥଯାତ୍ରା। ଏହି ବିବାଦ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଥମିନାହିଁ। ନିକଟରେ ଇସ୍କନ ଭାରତ ଏବଂ ବିଦେଶର ସମସ୍ତ ମନ୍ଦିରରେ ଶାସ୍ତ୍ରୋକ୍ତ ତିଥି (ଜ୍ୟେଷ୍ଠ ପୂର୍ଣ୍ଣିମା)ରେ ସ୍ନାନଯାତ୍ରା ପାଳନ କରିବାକୁ ସମ୍ମତ ହୋଇଥିଲେ ମଧ୍ୟ ଶାସ୍ତ୍ର ଓ ପାରମ୍ପରିକ ନିର୍ଦ୍ଧାରିତ ତିଥି ଅନୁଯାୟୀ ଅର୍ଥାତ୍ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହେଉଥିବା ନଅଦିନ ମଧ୍ୟରେ ଭାରତ ବାହାରେ ରଥଯାତ୍ରା ପାଳନ କରିବା ନିଷ୍ପତ୍ତି ସହିତ ସହମତ ହୋଇପାରିନାହିଁ। ଏହାକୁ ନେଇ ବିବାଦ ରହିଥିବା ବେଳେ ଇସ୍କନ ବାରମ୍ବାର ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଅବମାନନା କରିଆସୁଛି। ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ ଇସ୍କନର ମନମାନିକୁ ବିରୋଧ କରୁଛନ୍ତି। ପ୍ରତ୍ୟେକ ଧାର୍ମିକ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ତିଥି ଓ ତାରିଖ ରହିଛି। ଏହାକୁ ସମସ୍ତେ ମାନିବା ଦରକାର। ରଥଯାତ୍ରା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ପାଳିତ ହୋଇଥାଏ। ଏହା ସ୍କନ୍ଦ ପୁରାଣରେ ମହାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ। ଅଦିନରେ ଏବଂ ଅତିଥିରେ ରଥଯାତ୍ରା ଆୟୋଜନ କରାଯାଇ ଶ୍ରୀଜଗନ୍ନାଥ ସଂସ୍କୃତି, ସନାତନ ହିନ୍ଦୁ ସମାଜ, ଭକ୍ତ ଏବଂ ଦେଶର ଘୋର ଅପମାନ ସହ ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରାଯାଉଛି। ତେଣୁ ଏଭଳି ମନମୁଖୀ କାର୍ଯ୍ୟରୁ ଇସ୍କନ ଦୂରେଇ ରହିବାକୁ ଦାବି କରିଆସୁଛନ୍ତି ଭକ୍ତ ଓ ସେବାୟତ।

ସେହିପରି ମହାପ୍ରଭୁ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଭିନ୍ନ ଉପାୟରେ ଅପମାନିତ କରାଯାଉଛି। ପୂର୍ବରୁ ମହାପ୍ରଭୁଙ୍କ ଚିତ୍ରକୁ ନେଇ ଅନେକ ବ୍ୟଙ୍ଗାତ୍ମକ ଢଙ୍ଗରେ ଚିତ୍ରଣ କରାଯାଇଛି। କାର୍ ଏବଂ ଅନ୍ୟ ଗାଡ଼ିରେ ଠାକୁରଙ୍କୁ ବସାଇ ରଥଯାତ୍ରା କରିବା,



ରଥରେ ସୁଖୋଇ ବିମାନର ଟାୟାର ଲାଗାଯିବା, ମହିଳାଙ୍କ ବିଭିନ୍ନ ପୋଷାକରେ ଜଗନ୍ନାଥଙ୍କ ଫଟୋ ରହିବା, ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ଉପୁଜିଥିବାର ନଜିର ରହିଛି। ଏଭଳି ସ୍ଥିତିରେ ଏବେ ପୁଣି ଶୁଭଙ୍କର ମିଶ୍ରାଙ୍କ ବିବାଦୀୟ ଟିପ୍ପଣୀ ଭକ୍ତ ଓ ସେବାୟତଙ୍କ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଛନ୍ତି ଯେ ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି, ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ପ୍ରଭୁ ଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବା ବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ସେମାନେ କହିଥିଲେ ଯେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଏଥିରେ କ୍ରୋଧିତ ହୋଇ ମା' ରାଧାରାଣୀ ଅଭିଶାପ ଦେଇଥିଲେ ଯେ ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କର ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବ ନାହିଁ। ଶୁଭଙ୍କରଙ୍କ ଏହି ବିବାଦୀୟ ଟିପ୍ପଣୀ ପାଇଁ ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ସେବାୟତ ଏତଲା ଦେଇଥିବା ବେଳେ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅବଶ୍ୟ ବିରୋଧ ବଢ଼ିବା ପରେ ଶୁଭଙ୍କର କ୍ଷମା ପ୍ରାର୍ଥନା କରିଛନ୍ତି।

ଜଗନ୍ନାଥ ସଂସ୍କୃତିକୁ ଜାଣିଶୁଣି ଅପମାନିତ କରାଯାଉଛି ଏବଂ ଏହା ପଛରେ ଷଡ଼ଯନ୍ତ୍ର ଥିବା ଅନେକ ଶ୍ରଦ୍ଧାଳୁ ଅଭିଯୋଗ କରୁଛନ୍ତି। ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରାଯାଉଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେବାକୁ ଭକ୍ତମାନେ ଦାବି କରିଛନ୍ତି।

# କିଟ୍‌କୁ 'ବେଷ୍ଟ ଇମର୍ଜିଂ ୟୁନିଭର୍ସିଟି' ପୁରସ୍କାର




ଭୁବନେଶ୍ୱର, ୪।୧୨ (ସମିସ): ପୁଡୁଚେରୀରେ ଅନୁଷ୍ଠିତ ୫୫ତମ ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍ନିକାଲ୍ ଏଜୁକେସନ୍(ଆଇଏସ୍‌ଟିଇ) ଜାତୀୟ ଅଧ୍ୟାପକ ସମ୍ମିଳନୀରେ କିଟ୍ ବିଶ୍ୱବିଦ୍ୟାଳୟକୁ ଶ୍ରେଷ୍ଠ ଉଦୀୟମାନ ବିଶ୍ୱବିଦ୍ୟାଳୟ (ବେଷ୍ଟ ଇମର୍ଜିଂ ୟୁନିଭର୍ସିଟି') ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନ ଭାରତର ସବୁଠାରୁ କ୍ରିୟାଶୀଳ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବେ କିଟ୍ ବିଶ୍ୱବିଦ୍ୟାଳୟର ନିରନ୍ତର ବୃଦ୍ଧିକୁ ସୂଚାଉଛି। ଦୀର୍ଘ ବର୍ଷ ଧରି କିଟ୍ ଶୈକ୍ଷିକ ଉତ୍କର୍ଷତା, ଅନ୍ତର୍ଭୁକ୍ତୀମୂଳକ ଅଭିବୃଦ୍ଧି, ସଂପ୍ରଦାୟ ସେବା ଓ ସ୍ଥାୟୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତା ପାଇଁ ପ୍ରଶଂସା ଅର୍ଜନ କରି ମୂଲ୍ୟବୋଧ ଓ ସାମାଜିକ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇ ଆସିଛି। ବୈଷୟିକ ଶିକ୍ଷା ଓ ପ୍ରତିଷ୍ଠାନ ବିକାଶରେ କିଟ୍‌ର ଅବଦାନକୁ ସ୍ୱୀକୃତି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଇଏସଟିଇକୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହାସହ ଅକ୍ଲାନ୍ତ ପରିଶ୍ରମ ଓ ନିଷ୍ଠାର ସହ ଏହି ସଫଳତାକୁ ସମ୍ଭବ କରିଥିବାରୁ ଶ୍ରୀ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ଅନଳିଆ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ୪ ଶିକ୍ଷକରେ ଚାଲିଛି ୯ ଟି ଶ୍ରେଣୀ





ଭୋଗରାଇ, ୪।୧୨ (ସମିସ)

ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତରେ ଥିବା ଅନଳିଆ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ ଶିକ୍ଷକରେ ଚାଲିଛି ୯ ଟି ଶ୍ରେଣୀ ସୂଚନା ଏହିକି ଅନଳିଆ ପଞ୍ଚାୟତରେ ଥିବା ଅନଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୮୮୩ ମସିହାରେ ଆରମ୍ଭ ହୋଇଥିଲା। ସେହି ବିଦ୍ୟାଳୟଟି ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ସରକାରଙ୍କ ନିୟମ ଅନୁସାରେ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକା ନାମରେ ଆଉ ଗୋଟିଏ ଶ୍ରେଣୀ ବର୍ଦ୍ଧିତ କରାଯାଇଛି। ତେଣୁ ସେହି ବିଦ୍ୟାଳୟରେ ୯ ଶ୍ରେଣୀରେ ୨୨୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। କିନ୍ତୁ ଦୁଃଖ ପରିତାପର ବିଷୟ ଏହିକି ଯେ ସେହି ବିଦ୍ୟାଳୟରେ ମାତ୍ର ୩ ଜଣ ଶିକ୍ଷକ ଓ ଜଣେ ଶିକ୍ଷୟତ୍ରୀ ଶିକ୍ଷାଦାନ କରୁଛନ୍ତି। ସରକାରଙ୍କ ନିୟମ ଅନୁସାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୫ ଜଣ ପିଲାରେ ଏକ ଜଣ ଶିକ୍ଷକ ରହିବା ଅନୁସାରେ ୬ ଜଣ ଶିକ୍ଷକ ରହିବା କଥା ମାତ୍ର ଏଠାରେ ୪ ଜଣ ଶିକ୍ଷକ ଓ ଜଣେ ଖେଳ ଶିକ୍ଷକ ରହିଅଛି ଏବଂ ଜଣେ ଶିକ୍ଷକ ଦହମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରହିଥିବାରୁ ସେ ବିଦ୍ୟାଳୟରେ ଶିକ୍ଷାଦାନ କରୁନାହାନ୍ତି। ତେଣୁ ମାତ୍ର ୪ ଜଣ ଶିକ୍ଷକରେ ଏହି ବିଦ୍ୟାଳୟ ଚାଲୁଅଛି ଏବଂ ଗୋଟିଏ ଶ୍ରେଣୀରେ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ପାଠ ପଢୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ଶ୍ରେଣୀ ଗୃହଗୁଡିକ ମରାମତି ନ ହେବାରୁ ବିପଦ ସଙ୍କୁଳ ଅବସ୍ଥାରେ ପିଲାମାନେ ପାଠ ପଢୁଛନ୍ତି। ସମସ୍ତ ଶ୍ରେଣୀ ପାଇଁ ବିଦ୍ୟାଳୟର ଗୃହ ନିର୍ମାଣ ଓ ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ସେଠୀ ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସଙ୍କୁ ଲିଖିତ ଓ ମୌଖିକ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଆଗାମୀ ଦିନରେ ଯଦି ସରକାର ବିଦ୍ୟାଳୟ ଗୃହ ମରାମତି ଓ ଶିକ୍ଷକ ନିଯୁକ୍ତି ନ କରନ୍ତି ତେବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ସେଠୀ, ରଞ୍ଜନ ଜେନା, ସରତ ଜେନା, ଦୁର୍ଗାଶଙ୍କର ଗିରି, ରିତା ପାଳ, ଅନିତା ଗିରି, ଗୀତାଞ୍ଜଳି ବେହେରା, ମଧୁମିତା ଗିରି, ଆଦି ବିଦ୍ୟାଳୟ ଗେଟ୍ ବନ୍ଦ କରିବା ସହିତ ରାଜ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବାବଦରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନି।

**ଗୋଟିଏ ଗୃହରେ ଚାଲିଛି ଦୁଇଟି ଶ୍ରେଣୀର ଶିକ୍ଷାଦାନ**

● ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ଗୋଡ଼ରେ ବେଡି ପକାଇବା ଘଟଣା

# ବିଦ୍ୟାଳୟରେ ପହଞ୍ଚି ତଦନ୍ତକଲେ ଉପଜିଲ୍ଲାପାଳ



ନୀଳଗିରି, ୪।୧୨ (ସମିସ): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ବେଗୁନିଆ ୟୁଜିୟୁପି ବିଦ୍ୟାଳୟରେ ୪୦ ସିଟ୍ ଥାଇ ଏକ ହଷ୍ଟେଲରେ ଆଖପାଖ ଅଞ୍ଚଳର ପିଲା ପାଠପଢ଼ିଥାନ୍ତି। ଉକ୍ତ ହଷ୍ଟେଲରେ ନିକଟବର୍ତ୍ତୀ କମାରଖାଲିଆ ଗ୍ରାମର ଚତୁର୍ଥଶ୍ରେଣୀର ଛାତ୍ର ଏକ ଲୁହା ଜଞ୍ଜିରରେ ବନ୍ଧା ହୋଇଥିବାର ଗତ ବୁଧବାର ଦିନ ଭିଡିଓ ଭାଇରାଲ ହେବା ପରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହାର ତଦନ୍ତ ପାଇଁ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲାମଙ୍ଗଳ ଅଧିକାରୀ ଏବଂ ନୀଳଗିରି ଉପଜିଲ୍ଲାପାଳଙ୍କୁ ଅବଗତ କରି ଏଭଳି ନିନ୍ଦନୀୟ, ଜଘନ୍ୟ କାଣ୍ଡ ପାଇଁ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

ଏ ନେଇ ଗୁରୁବାର ଉପ-ଜିଲ୍ଲାପାଳଙ୍କ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି। ନୀଳଗିରି ଉପ ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାଏ, ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରି ତଲୁଆର ଜେନା, ନୀଳଗିରି ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ଏବିଇଓ ଲମ୍ବୋଧର ସିଂ ବିଦ୍ୟାଳୟରେ ପହଞ୍ଚି ଛାତ୍ରର ବାପା, ପ୍ରଧାନ ଶିକ୍ଷକ ରଘୁନାଥ ବୁଗୁଡାଇ, ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଯତୀନ କୁମାର ପରିଡ଼ାଙ୍କ ଉପସ୍ଥିତିରେ ତଦନ୍ତ କରିବା ସହ ବେଡି ପକା ଘଟଣାକୁ ଘୋର ନିନ୍ଦା କରିବା ପରେ ଏହି ଘଟଣା ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଆଦିବାସୀ ଜନଜାତି ଓ ଜାତି ତଥା ପଛୁଆବର୍ଗର ପିଲାମାନଙ୍କୁ ସରକାରଙ୍କ ତରଫରୁ ରହିବା, ଖାଇବା ଏବଂ ମାଗଣାରେ ପାଠପଢ଼ାଇ ମୁଖ୍ୟସ୍ରୋତରେ ସାମିଲ କରିବାକୁ ବିଭିନ୍ନ ଆଶ୍ରମ, ସେବାଶ୍ରମ ଏବଂ ଅନ୍ୟାନ୍ୟ ଦେୟମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାକରି ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ପ୍ରୋତ୍ସାହନ ଯୋଗାଇଦେଉଥିବା ବେଳେ ନୀଳଗିରି ବ୍ଲକରେ ଜଣେ ଆଦିବାସୀ ଛାତ୍ରକୁ ଲୁହା ଶିକୁଳିରେ ବାନ୍ଧି ରଖିବା ଭଳି ଅଭାବନୀୟ ଘଟଣା ସମସ୍ତଙ୍କୁ ଚକିତ କରିଛି।

## ମଦ ଜବତ, ଅଭିଯୁକ୍ତ ଗିରଫ

ସୋର, ୪।୧୨(ସମିସ): ସୋର ଥାନା ବାଳଙ୍ଗ ଗ୍ରାମରୁ ମଦ ଜବତ କରିବା ସହିତ ଜଣକୁ ଗିରଫ କରି ଅନନ୍ତପୁର ଫାଣ୍ଡି ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଏହି ଗ୍ରାମର ଲକ୍ଷ୍ମଣ ହାଂସଦା ଦୀର୍ଘଦିନ ଧରି ଗ୍ରାମରେ ମଦ ବିକ୍ରିକରୁଥିବା ନେଇ ଫାଣ୍ଡିରେ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଥିଲା। ଫଳରେ ପୁଲିସ ଗତକାଲି ରାତିରେ ଲକ୍ଷ୍ମଣଙ୍କ ଘରେ ଚଢ଼ଉ କରି ୯.୩୦୦ ଲିଟର ବିଦେଶୀ ମଦ ଏବଂ ୫.୪୦୦ ଲିଟର ଆସ୍କା ଫର୍ଟି ମଦ ଜବତ କରି ତାକୁ ଥାନାରେ ଅଟକ ରଖିଥିଲେ। ଆଜି ଏ ବାବଦରେ ସୋର ଥାନାରେ ଏକ ମାମଲା ରୁଜୁ କରି ଲକ୍ଷ୍ମଣକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

## ବିଲରେ ଧାନବିଡ଼ା ଜାଳିଦେଲେ ଦୁର୍ବୃତ୍ତ

କାଳିପଦା, ୪।୧୨(ସମିସ): ପୂର୍ବ ଶତୃତାକୁ କେନ୍ଦ୍ରକରି ବିଲରେ ଧାନବିଡା ଜାଳିଦେଲେ ଦୁର୍ବୃତ୍ତ। ସିଂଲା ଥାନା ସାଉଡି ପଞ୍ଚାୟତର ଛୟାଳିୟା ଗ୍ରାମରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଘଟଣା। ଛୟାଳିୟା ଗ୍ରାମର ପ୍ରଦୀପ୍ ମାଇତୀ ଓ ତାଙ୍କ ସ୍ତ୍ରୀ ମୀନତି ନିଜ ଜମିରୁ ଧାନ ବିଡା ଆଣିବାକୁ ଗତକାଲି ଯାଇଥିବା ବେଳେ ପୂର୍ବ ଶତୃତାକୁ କେନ୍ଦ୍ରକରି କିଛି ଗ୍ରାମବାସୀ ମୀନତି ଓ ପ୍ରଦୀପଙ୍କୁ ଅଟକ ରଖିବା ଓ ଆକ୍ରମଣ କରିଥିବା ନେଇ ସିଂଲା ଥାନାରେ ଅଭିଯୋଗ ହୋଇଥିଲା। ତେବେ ଗତକାଲି ସିଂଲା ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରେ ସମାଧାନ ହୋଇ ପାରିନଥିଲା। ଆଜି ସକାଳୁ ପ୍ରଦୀପ ଓ ମୀନତି ନିଜ ଜମିରୁ ଧାନବିଡା ଆଣିବାକୁ ଯାଇଥିବାବେଳେ ଧାନଗଦାରୁ ଧୂଆଁ ବାହାରୁଥିଲା। ସ୍ଥାନୀୟ ପୁଲିସ୍ ଓ ଦମକଳବାହିନୀ ଆସି ନିଆଁ ଆୟତ୍ତ କରିଥିଲେ। ତେବେ ଅଭିଯୋଗ ମିଥ୍ୟା ଥିବା ଗାଁ ମାଳିକ କହୁଥିବା ବେଳେ ନିଜେ ନିଜ ଧାନବିଡାରେ ନିଆଁ ଲଗାଇଥିବା କହିଛନ୍ତି। ତଦନ୍ତ ପରେ ପୁଲିସ ପଦକ୍ଷେପ ନେବ ବୋଲି କହିଛି।

## ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ଆରମ୍ଭ

ସୋର, ୪।୧୨(ସମିସ): ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜୟନ୍ତୀ ତଥା ୨୯ ତମ ଜାତୀୟ ଯୁବ ଦିବସ ଉପଲକ୍ଷେ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ଆୟୋଜିତ ହେବାକୁଥିବା 'ଉତ୍ସବ -୨୦୨୬' ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଡିସେମ୍ବର ୨୭ ଏବଂ ୨୮ ପ୍ରତିଯୋଗିତା ହେବାକୁ ଥିଲାବେଳେ ଏହା ପାଇଁ ପଞ୍ଜୀକରଣ ଡିସେମ୍ବର ୧ ରୁ ଆରମ୍ଭ ହୋଇ ଡିସେମ୍ବର ୨୫ ଯାଏଁ ଚାଲୁ ରହିବ। ଏହି ପ୍ରତିଯୋଗିତାରେ ସବ୍ ଜୁନିଅର୍, ଜୁନିଅର୍, ସିନିୟର୍ ଏବଂ ସୁପର ସିନିୟର୍ ପରି ଚାରୋଟି ବିଭାଗରେ ଦଶ ଗୋଟି ଖେଳ ସହ ମାରାଥନ୍, ରିଲ୍ସ, ଆମ ସୁନା ଭାଉଜ, ସେଲ୍ଫି ପଏଣ୍ଟ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେବେ। ଇଚ୍ଛୁକ ପ୍ରତିଯୋଗୀ ମାନେ ୮୩୨୮୯୮୦୪୭୧, ୬୩୭୨୩୨୧୧୦୪ ନମ୍ବର ରେ ଯୋଗାଯୋଗ କରି ସବିଶେଷ ବିବରଣୀ ଜାଣିବା ସହ ନିଜର ନାମ ଡିସେମ୍ବର ୨୫ ପୂର୍ବରୁ ପଞ୍ଜୀକରଣ କରିପାରିବେ।

# ନିଶାମୁକ୍ତି ଓ ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ




କାଳିପଦା, ୪।୧୨ (ସମିସ): ବାଲିଆପାଳ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗା ବାହିନୀ ଆଦି ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟ ସୁରକ୍ଷା ଓ ନିଶାମୁକ୍ତ ଅଭିଯାନ ଆଜି ସ୍ଥାନୀୟ ସୁବର୍ଣ୍ଣରେଖା ମହାବିଦ୍ୟାଳୟରୁ ଆରମ୍ଭ ହୋଇଥିଲା। କଲେଜର ଛାତ୍ରଛାତ୍ରୀ କଲେଜର ମୁଖ୍ୟ ଫାଟକ ନିକଟରୁ ସ୍ୱାସ୍ଥ୍ୟ ସୁରକ୍ଷା ଓ ନିଶାମୁକ୍ତି ଅଭିଯାନ ପାଇଁ ଏକ ବିରାଟ ପଟୁଆରରେ ବାଲିଆପାଳ ବ୍ଲକ ଛକ ପର୍ଯ୍ୟନ୍ତ ଆସି ସେଠାରେ ଏକ ପଥ ପ୍ରାନ୍ତ ସଭା କରିଥିଲେ। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବ ପ୍ରାନ୍ତୀୟ ମନ୍ତ୍ରୀ ଶରତ କୁମାର ପ୍ରଧାନ, ଜିଲ୍ଲା ସେକ୍ରେଟାରୀ ରଶ୍ମି ରଞ୍ଜନ ଦାସ, ବ୍ଲକ ସଭାପତି ଶ୍ରୀହରି ମଣ୍ଡଳ, କାର୍ଯ୍ୟକାରୀ ସଭାପତି ସନ୍ୟାସୀ ବେହେରା, ସମ୍ପାଦକ ସୁଧାଂଶୁ ପଣ୍ଡା, ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ମନୋରଞ୍ଜନ ବେହେରା, ସୁଦାମ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା କମିଟିର ସଦସ୍ୟ ଓଁକାର ନାଥ ଛାତ୍ରଛାତ୍ରୀଙ୍କ ନେତୃତ୍ୱ ନେଇଥିଲେ।

# ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

ସିମୁଳିଆ, ୪।୧୨(ସମିସ): ସିମୁଳିଆ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ମାର୍କୋଣା ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଥିବା ବିଜୁ ପଟ୍ଟନାୟକ କ୍ରୀଡାଙ୍ଗନରେ ବ୍ଲକସ୍ତରୀୟ ଅର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ଉତ୍ସବରେ ୮୫ ଜଣ ଦିବ୍ୟାଙ୍ଗ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ସିମୁଳିଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ସିମୁଳିଆ ସମିତିର ଚେୟାରମ୍ୟାନ ବାବାଜୀ ଚରଣ ମଲ୍ଲିକ, ମୁଖ୍ୟବକ୍ତା ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ସୋନାଲିକା ପତି, ଅତିରିକ୍ତ ଶିକ୍ଷା ଅଧିକାରୀ ବିଦ୍ୟାଧର ମହାଳିକ, ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମାଝି, ବିଆରସି ବିଶ୍ୱମ୍ବର ପଣ୍ଡା, ୪୦ ନମ୍ବର ଜୋନର ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ୩୨ ଜଣ କୃତୀ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା। ରମାକାନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।




## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ

ଜଳେଶ୍ୱର, ୪।୧୨(ସମିସ): ଜଳେଶ୍ୱର ବଡ଼ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପ୍ରଧାନ ଗୁରୁଜୀ ରାଧା ରଞ୍ଜନ ବାଗଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଥିଲା। ୨୫ ବର୍ଷ ପୂର୍ବେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବାରୁ ଗୀତା ଜୟନ୍ତୀ ଦିନ ପାଳନ ଅବସରରେ ସୁବର୍ଣ୍ଣରେଖା ନଦୀରୁ ପବିତ୍ର କଳସ ଆଣି ଶୋଭାଯାତ୍ରାରେ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ବିଦ୍ୟା ଭାରତୀ ସଂସ୍ଥା ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ପାଥେୟ କରି ଶିକ୍ଷାଦାନ କରିଆସୁଛି। ରଜତ ଜୟନ୍ତୀ ସମାରୋହ ଉଦଘାଟନରେ ଶହଶହ ବ୍ରାହ୍ମଣ, ଜ୍ଞାନୀ ଗୁଣୀ, ମହିଳା ଓ ସଂସ୍କୃତିକୁ ଭଲ ପାଉଥିବା ବ୍ୟକ୍ତି ବିଶେଷ ସମବେତ ହୋଇ ଗୀତା ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତା ଜ୍ଞାନ ପରୀକ୍ଷା, ଗୀତା ଶ୍ଳୋକ ଆବୃତ୍ତି ଓ ଗୀତା ଯଜ୍ଞାଦୀ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରିଚାଳନା କମିଟି ସଭାପତି ଶଶୀକାନ୍ତ ପ୍ରଧାନ, ସମ୍ପାଦକ ଗିରୀଶ କୁମାର ପାଣିଗ୍ରାହୀ, ରାଜେନ୍ଦ୍ର ଦତ୍ତ, ରତନ କୁମାର ସେନ, ଗୌରୀ ଶଙ୍କର ଦାସ, ହରିଶଙ୍କର ରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱ ଏଡସ୍ ଦିବସ ସଚେତନତା ଶୋଭାଯାତ୍ରା

ଜଳେଶ୍ୱର, ୪।୧୨(ସମିସ) : ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ୟୁନିଟ୍ ତରଫରୁ ବିଶ୍ୱ ଏଡସ୍ ଦିବସ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ବଡ଼ବଜାର ଛକ ହୋଇ ସହର ପରିକ୍ରମା ପୂର୍ବକ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଛାତ୍ରଛାତ୍ରୀ ନିଶା ନିବାରଣ ଓ ଏଡସ୍ ସଚେତନତା ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ମହାନ୍ତି ଓ ଯୁବ ରେଡ୍‌କ୍ରସ୍ କାଉନସିଲର ଜ୍ଞାନ ରଞ୍ଜନ ଜେନା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ଶ୍ରବଣ ନାଥ, ଅଶୋକ ରଥ, ନିରଞ୍ଜନ ପରିଡ଼ା, ଆଶୁତୋଷ ପାତ୍ର, ସୌମ୍ୟରଞ୍ଜନ ମହାନ୍ତି, ମୋନାଲିସା ଚାନ୍ଦ, ନିଶ୍ଚଳ କୁମାର ଘଡ଼େଇ ପ୍ରମୁଖ ସହଯୋଗ କରିଥିଲେ।

# ସୁବର୍ଣ୍ଣରେଖା ଦୁର୍ବଳ ନଦୀବନ୍ଧର ପଥର ପ୍ୟାଚିଂ ଓ ସୁଦୃଢ଼ୀକରଣ ହେଉ

## ବିଧାନସଭାରେ ଦାବିକଲେ ବସ୍ତା ବିଧାୟିକା ସୁବାସିନୀ ଜେନା

ବାଲେଶ୍ୱର/ବାଲିଆପାଳ, ୪।୧୨(ସମିସ)




ବିଧାନସଭାର ଶୀତକାଳୀନ ଅଧିବେଶନର ଗୁରୁବାର ଦିନ ପ୍ରଶ୍ନକାଳରେ ଜଳସମ୍ପଦ ବିଭାଗର ଆଲୋଚନାରେ ଭାଗ ନେଇ ଏକ ସପ୍ଲିମେଣ୍ଟାରୀ ପ୍ରଶ୍ନରେ ବସ୍ତା ନିର୍ବାଚନ ମଣ୍ଡଳୀରେ ବନ୍ୟା ଚିର ସହଚର ପାଲଟିଥିବା ବେଳେ ସୁବର୍ଣ୍ଣରେଖା ନଦୀ କୂଳରେ ଗ୍ରାମ ଗୁଡ଼ିକରେ ଥିବା ଦୁର୍ବଳ ନଦୀ ବନ୍ଧର ପଥର ପ୍ୟାଚିଂ ଏବଂ ସୁଦୃଢ଼ୀକରଣ ପାଇଁ ଦାବି ଉପସ୍ଥାପନା କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା। ସୁବର୍ଣ୍ଣରେଖା ନଦୀ କୂଳବର୍ତ୍ତୀ ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ବଡ଼ାପାଳ ଦଉସାହି, ବଡ଼ଖାନପୁର, ବିଷ୍ଣୁପୁର ପଞ୍ଚାୟତର ଇକଡ଼ପାଳ, ରସଲପୁର, ବିଷ୍ଣୁପୁର, ଚଉମୁଖ ପଞ୍ଚାୟତର କଙ୍କଡ଼ାପାଳ, ନିଖିରା ପଞ୍ଚାୟତର ପାଳବେଗୁନିଆ, ଚଢ଼ପାଳପଡ଼ା ଓ କୁମ୍ଭାରି ପଞ୍ଚାୟତର ନୂଆସାହି, ଝଳଝଳିଆ ପ୍ରଭୃତି ଗ୍ରାମ ଗୁଡ଼ିକରେ ଥିବା ଦୁର୍ବଳ ନଦୀ ବନ୍ଧର ପଥର ପ୍ୟାଚିଂ ଏବଂ ସୁଦୃଢ଼ୀକରଣ ପାଇଁ ସରକାରଙ୍କ ପକ୍ଷରୁ କ'ଣ ସବୁ ପଦକ୍ଷେପ ନିଆଯାଉଛି ଏବଂ ଏଥିପାଇଁ କେତେ ଅର୍ଥ ବ୍ୟୟବରାଦ କରାଯାଇଛି ତାହା ଜଣାଇବା ପାଇଁ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଜଳସମ୍ପଦ ବିଭାଗ ପକ୍ଷରୁ ଉତ୍ତର ରଖୁଥିବା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ତାହାର ଉତ୍ତରରେ କହିଥିଲେ ଓଡ଼ିଶା ସରକାରଙ୍କ ତରଫରୁ ନଦୀବନ୍ଧ ସୁଦୃଢ଼ୀକରଣ କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଚାରି ପ୍ରକାର କାର୍ଯ୍ୟକ୍ରମ କରାଯାଇଥାଏ। ଗୋଟିଏ ହେଲା କ୍ୟାପିଟାଲ ବନ୍ଧ ବା ନଦୀର ପାଣିକୁ ଅଟକାଇବା ପାଇଁ ନଦୀବନ୍ଧ, ଦ୍ୱିତୀୟଟି ହେଲା ଅନ୍ୟ ଚାଷ ଉପଯୋଗୀ ବନ୍ଧ, ବାଲି ଚରରୁ ଅଟକାଇବା ପାଇଁ ହେଉଥିବା ଅସ୍ଥାୟୀ ବନ୍ଧ ଏବଂ ଲୁଣା ବନ୍ଧ। ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିଚାଳନା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ପାଖାପାଖି ୨୦ଟି ପ୍ରୋଜେକ୍ଟ କାମ ଚାଲୁଅଛି। ଏଥି ସହିତ ବିଧାୟିକାଙ୍କ ଦାବି ଏବଂ ପ୍ରସ୍ତାବ ବାବଦରେ ଜଳସମ୍ପଦ ବିଭାଗ ସହିତ କଥା ହୋଇ ନିଶ୍ଚିତ ପଦକ୍ଷେପ ନିଆଯିବ କହିଥିଲେ।

# ସରଡ଼ିହା ପ୍ରିମିୟର ଲିଗ୍ ସିଜନ୍-୪ ଅକ୍ସନ



ଜଳେଶ୍ୱର, ୪।୧୨(ସମିସ): ଜଳେଶ୍ୱର ବ୍ଲକ ଚମାର ଗାଁ ପଞ୍ଚାୟତ ସରଡିହା ଗ୍ରାମରେ ୬ଦିନ ବ୍ୟାପି ହେବାକୁ ଥିବା ୧୦ ଓଭର ବିଶିଷ୍ଟ ସରଡିହା ପ୍ରିମିୟର ଲିଗ୍ ର ୪ର୍ଥ ସିଜିନ ଟୁର୍ଣ୍ଣାମେଣ୍ଟ ଲାଗି ଅକ୍ସନ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଜଳେଶ୍ୱର ଖୁସି ପ୍ଲାଜାରେ ଆୟୋଜିତ ଅକ୍ସନ କାର୍ଯ୍ୟକ୍ରମରେ ୮ଟି ଟିମ୍ ଭାଗନେଇ ଥିଲେ। ପ୍ରତ୍ୟେକ ଟିମ୍ ୧୫ଜଣ ଖେଳାଳୀଙ୍କୁ ବ୍ରିଡ ଜରିଆରେ ଚୟନ କରିଥିଲେ। ଏହି ଏସପିଏଲ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୮ତାରିଖରେ ଉଦ୍‌ଘାଟିତ ହୋଇ ୧୩ ତାରିଖରେ ଫାଇନାଲ ଖେଳ ସହିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଅକ୍ସନରେ ୧୨୦ରୁ ଉର୍ଦ୍ଧ୍ୱ ପ୍ରତିଭାବାନ ଖେଳାଳିଙ୍କୁ ପ୍ରତିଷ୍ଠିତ ଟିମ୍ ଓନରମାନେ କ୍ରୟ କରିଥିଲେ। ବିଜେତା ଟିମ୍ ୭୦ ହଜାର ଅର୍ଥ ରାଶି ପାଇବାକୁ ଥିବା ବେଳେ ଉପବିଜେତା ଟିମ୍‌କୁ ୬୦ ହଜାର ଟଙ୍କା ପ୍ରଦାନ ହେବାର ସୂଚନା ରହିଛି। ମୁଖ୍ୟଅତିଥି ଭାବେ ବିଶ୍ୱଜିତ ରାଓ ଉପସ୍ଥିତ ଥିବାବେଳେ ପ୍ରିମିୟର ଲିଗ୍ ପ୍ରେସିଡେଣ୍ଟ ଦୁର୍ଗା ଶଙ୍କର ଜେନା, ସେକ୍ରେଟେରୀ ପ୍ରଣୟ ଦାସ, କୋଷାଧ୍ୟକ୍ଷ ନିହାର ରଞ୍ଜନ ଦାସ, ରାଜେଶ ଦାସ, ଇନ୍ଦ୍ରଜିତ ବେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେକରେ ଖଣ୍ଡା ଲଗାଇ ବାଇକ ଚାଳକଙ୍କଠୁ ଲୁଟ୍

ସୋର, ୪।୧୨ (ସମିସ): ସୋର ଥାନା ସୋର ଅନନ୍ତପୁର ରାସ୍ତା ପାଖର ପେଟ୍ରୋଲ ପମ୍ପ ନିକଟରୁ ଗତକାଲି ବିଳମ୍ବିତ ରାତିରେ ଜଣେ ବାଇକ ଚାଳକଙ୍କ ବେକରେ ଖଣ୍ଡା ଲଗାଇ ମୋବାଇଲ ଫୋନ ଏବଂ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପାଖର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଅଭିଷେକ ନାୟକ ଗତକାଲି ରାତିରେ ସୋର ପୌର ପାଳିକା ଅନ୍ତର୍ଗତ ତେଲିଆଗଞ୍ଜ ଗ୍ରାମକୁ ପରିବାର ସହ ଏକ ଭୋଜିରେ ଯୋଗଦେବାକୁ ଆସିଥିଲେ। ବିଳମ୍ବିତ ରାତିରେ ଅଭିଷେକଙ୍କ ବାପା, ମାଆ ଏକ କାରରେ ଘରକୁ ଫେରୁଥିବା ବେଳେ ଅଭିଷେକ ଏକ ବାଇକରେ ଘରକୁ ଫେରୁଥିଲେ। ଏହି ସମୟରେ ପେଟ୍ରୋଲ ପମ୍ପ ପରେ ଦୁଇ ଜଣ ଯୁବକ ଓଡି ୦୧ ଏସି ୪୯୧୫ ନମ୍ବର ବିଶିଷ୍ଟ ସ୍କୁଟିରେ ଆସି ଅଜିତଙ୍କୁ ଅଟକାଇ ଏକ ଖଣ୍ଡା ତାଙ୍କ ବେକରେ ଲଗାଇ ତାଙ୍କ ଦାମୀ ମୋବାଇଲ ଫୋନ ସମେତ ନଗଦ ୨୮୦୦ ଟଙ୍କା ଲୁଟ କରି ବାଇକ ଚାବି ବିଲ ମଧ୍ୟକୁ ଫୋପାଡ଼ି ଦେଇ ଫେରାର ହୋଇଯାଇଥିଲେ। ପଛରେ ଆସୁଥିବା ତାଙ୍କ ବାପା, ମାଆ ତାଙ୍କ ନିକଟରେ ପହଞ୍ଚି ବିଲ ମଧ୍ୟରୁ ବାଇକ ଚାବି ଖୋଜାଖୋଜି ପାଇବା ପରେ ଅନନ୍ତପୁର ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ଏ ବାବଦରେ ଅଭିଷେକ ସୋର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା...





ମାନସ କୁମାର ଗାଙ୍ଗୁଲି
ଦେହୁର୍ଦ୍ଧା ପଞ୍ଚାୟତର ବିଜେଡି ସଭାପତି, ଭୋଗରାଇ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା...
ଶିବଶକ୍ତି ମେଡିକାଲ ଷ୍ଟୋର
କାଳାହିହାଟ (ଗଣେଶ୍ୱରପୁର ରାସ୍ତା) ଏବଂ ମନ୍ଦାରସାହି ପଞ୍ଚାୟତ ଅଫିସ୍ ପାଖ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ମନ୍ଦାରସାହି



ପ୍ରୋ: ସୁଶାନ୍ତ ମହାନ୍ତି (ନିଲୁ)
ମୋ: 9438113960, 9937830213

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା...
ଓଁ ଶ୍ରୀଶ୍ରୀ ସରସ୍ୱତେ ନମଃ
N.R. COACHING CENTER (+2 & +3)
ନୂତନ ଶିକ୍ଷା ଯୋଜନାରେ ପରିପ୍ରକାଶ କରିଥିବା ଏହି କୋଚିଂ ସେଣ୍ଟର +୨ ଓ +୩ (କଳା) ବି.ଇ.ଡି. ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାର ନୂଆ ପ୍ରୟାସ। ଏଠାରେ ଶିକ୍ଷାର ଉନ୍ନତି ପାଇଁ ସ୍ୱତନ୍ତ୍ର ଶିକ୍ଷା ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯାଉଛି। ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଗରିବ, ପଛୁଆ ବର୍ଗ ଓ ମଧ୍ୟବିତ୍ତ ଶ୍ରେଣୀ ସମସ୍ତ ଛାତ୍ରଛାତ୍ରୀ ପାଠ ପଢ଼ିବାର ସୁଯୋଗ ପାଇପାରିବେ।
+2 Mil (Odia), English, Economic, Education, Political Science, Logic, History, Op-Odia
+3 Mil (Odia), Education, Political Science
B.Ed (Androkesari, Nagarjuna, Kashmir)



Mr. Akash Pradhan
ଠିକଣା :-
୧) ଦେଉଳା ହାଟ (ବନ୍ଧନ ବ୍ୟାଙ୍କ ପାଖ)
୨) ଆନନ୍ଦବଜାର, ଥାନାଛକ ୩) କଟୁଆଡି ୪) କମର୍ଦ୍ଧା ୫) ଡି.କେ. କଲେଜ
Mob.-8018060459
7978268103

### ବିର୍ସା ମୁଣ୍ଡାଙ୍କୁ ଅପମାନିତ କରିବା ନେଇ ଅଭିଯୋଗ

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆଦିବାସୀ ସଂଗଠନର ଦାବିପତ୍ର

**ରାଇରଙ୍ଗପୁର, ୪।୧୨(ସମିସ)**

ଯଶିପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ସା ମୁଣ୍ଡାଙ୍କୁ ଅପମାନିତ କରିଥିବାର ଅଭିଯୋଗ ହୋଇଛି। ଏନେଇ ବାମନଘାଟି ଆଦିବାସୀ ମିଳିତ ମଞ୍ଚ ପକ୍ଷରୁ ଅସନ୍ତୋଷ ପ୍ରକାଶ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳଙ୍କୁ ପ୍ରଦାନ କରାଯାଇଛି। ସ୍ୱାଧୀନତା ସେନାନୀ ସହିଦ ବିର୍ସା ମୁଣ୍ଡାଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଆଦିବାସୀ ସମାଜ ତାଙ୍କୁ 'ଭଗବାନ ବିର୍ସା ମୁଣ୍ଡା' ବୋଲି ଆଖ୍ୟା ଦିଆଯାଇଛି। ଗତ ନଭେମ୍ବର ୧୫ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଜନଜାତୀୟ ଗୌରବ ଦିବସ ଅବସରରେ ଯଶିପୁରଠାରେ ସହିଦ ବିର୍ସା ମୁଣ୍ଡାଙ୍କୁ ପ୍ରତିମୂର୍ତ୍ତି ସ୍ଥଳରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ସମୟରେ ତାଙ୍କ ପ୍ରତିମୂର୍ତ୍ତିରେ ଗେରୁଆ ପତାକା ଧରାଇ ଉଦ୍‌ଘାଟନ କରାଯାଇଛି। ଯେଉଁଠାରେ କି ଖୋଦ୍ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପସ୍ଥିତ ରହିଛନ୍ତି। ଯାହାକୁ ଆଦିବାସୀ ସମାଜ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ତାଙ୍କପରି ଜଣେ ରାଷ୍ଟ୍ରୀୟ ବ୍ୟକ୍ତିତ୍ୱଙ୍କୁ ଆପମାନିତ କରାଯାଇଛି। ବିର୍ସା ମୁଣ୍ଡାଙ୍କୁ ପାଥେୟ କରି କୌଣସି ପ୍ରକାର ରାଜନୈତିକ କାର୍ଯ୍ୟକଳାପ ନ କରିବାକୁ ଦାବି କରିଛନ୍ତି। ଏହିପରି କରିବା ଦ୍ୱାରା ତାଙ୍କ ବ୍ୟକ୍ତିତ୍ୱକୁ ଅପମାନିତ କରାଯାଉଛି। ଏହିପରି କାର୍ଯ୍ୟ କରୁଥିବା ନକାରାତ୍ମକ ବିଚାରଧାରା ରାଜନୈତିକ ବ୍ୟକ୍ତିତ୍ୱଙ୍କୁ ଆଦିବାସୀ ମିଳିତ ମଞ୍ଚ ତରଫରୁ ନିନ୍ଦା କରାଯାଇଛି। ଆଗକୁ ବିରୋଧ କରାଯିବା ବୋଲି ଚେତାବନୀ ଦେଇଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାସକ ମଧ୍ୟରେ ଯଶିପୁରସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରୁ ଗେରୁଆ ପତକା ଧରିଥିବା ପ୍ରତିମୂର୍ତ୍ତିକୁ ହଟାଇବାକୁ ନିବେଦନ କରିଛନ୍ତି। ବୀର ବିର୍ସା ମୁଣ୍ଡାଙ୍କ ଚିର ପରିଚିତ ପ୍ରତିମୂର୍ତ୍ତି ସ୍ଥାପିତ କରିବାକୁ ଦାବି କରିଛନ୍ତି। ନଚେତ୍ ଆଗକୁ ଆନ୍ଦୋଳନ ନେଇ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ମୋଟକା ବିରୁଆ, ସୁନିଲ ମାଝୀ, ସାଲୁ କିସ୍କୁ, ଶ୍ୟାମ ଚରଣ ସୋରେନ, ବିଶୁ ବେଶ୍ରା, ଆଇନଜୀବୀ ଟିକୁଣ ଜେରାଇ, ଆଇନଜୀବୀ ଜାଟିଆ ସାବୈୟାଁ ପ୍ରମୁଖ ଉପସ୍ଥିତ ଥିଲେ।



## ଅଜଣା ଗାଡ଼ି ଧକ୍କାରେ ୨ ମୃତ

**ବାରିପଦା/ବହଳଦା, ୪।୧୨(ସମିସ):** ୧୮ ନମ୍ବର ଜାତୀୟ ରାଜପଥର ମଞ୍ଚାବନ୍ଧାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସ୍ୱରୂପଭିଲ୍ଲା ଅଞ୍ଚଳର ମଦନମୋହନ ସୋରେନ। ସେ ସ୍କୁଟି ଯୋଗେ ପାଲବଣିରୁ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ମଞ୍ଚାବନ୍ଧାରେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ଜୋର୍‌ରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ସଦର ଥାନାରେ ମାମଲା ରୁଜୁ କରାଯାଇଛି।

ସେହିପରି ବହଳଦା ତହସିଲ୍ କାର୍ଯ୍ୟାଳୟ ନିକଟସ୍ଥ ବାନାଡୁଙ୍ଗୁରୀ ବସତି ବାସିନ୍ଦା ଲୁଲୁ କବାଟ (୪୨)ଙ୍କ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ବୁଧବାର ସନ୍ଧ୍ୟା ପାଖାପାଖି ୬ଟା ମଧ୍ୟରେ ଲୁଲୁ ତାଙ୍କ ଘର ସମ୍ମୁଖ ମୁଖ୍ୟରାସ୍ତାକଡ଼ରେ ଛିଡ଼ା ହୋଇଥିବାବେଳେ ରାଇରଙ୍ଗପୁରରୁ ବହଳଦା ପଟକୁ ଆସୁଥିବା ଏକ ଅଜଣା ଚାରି ଚକିଆ ଗାଡ଼ି ତାଙ୍କୁ ଧକ୍କା ଦେଇ ଖସି ପଳାଇଥିଲା। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଲୁଲୁଙ୍କୁ ପ୍ରଥମେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚାକିତ୍ସା ପରେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ପରେ ଗୁରୁବାର ବହଳଦାରେ ଶୋକାକୁଳ ପରିବେଶରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ଏନେଇ ବହଳଦା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପ୍ରସ୍ତୁତି

**ବାରିପଦା, ୪।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ପ୍ରକୋଷ୍ଠରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ ଉପସ୍ଥିତ ଅନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ମେଳା ସମ୍ବନ୍ଧରେ ସବିଶେଷ ସୂଚନା ଦେଇଥିଲେ। ନିଷ୍ପତି ଅନୁଯାୟୀ ଆସନ୍ତା ୧୯ ଓ ୨୦ ତାରିଖ ଦୁଇଦିନ ଧରି ଉକ୍ତ ମେଳା ବାରିପଦା ଛଉ ପଡ଼ିଆରେ ଆୟୋଜିତ ହେବ। ଏଥିରେ ପ୍ରାୟ ୫୦ଟି ବିଭିନ୍ନ, ପ୍ରକାର ପ୍ରଦର୍ଶନୀ ଷ୍ଟଲ୍ କରିବାକୁ ଯୋଜନା ଅଛି। ଏହି ଷ୍ଟଲ୍‌ଗୁଡ଼ିକରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଯିବା ସହିତ ଯୋଜନାରୁ ହିତାଧିକାରୀମାନେ କିପରି ଉପକୃତ ହୋଇପାରିବେ ସେଥିପାଇଁ ସଚେତନ କରାଯିବ। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ କୃଷକ ଯୋଗଦେବେ। ସେହିପରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଷୟ ବିଶେଷଜ୍ଞ ଓ ବୈଜ୍ଞାନିକମାନଙ୍କ ଦ୍ୱାରା ଚାଷୀମାନଙ୍କୁ ଅଧିକ ବୈଷୟିକ ଜ୍ଞାନକୌଶଳ ଓ ପ୍ରୋତ୍ସାହନ ଦେବାକୁ ମଧ୍ୟ ଯୋଜନା ରହିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ଆଧାରିତ ବିଷୟବସ୍ତୁକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ବୈଠକରେ ସିଡିପିଓ ଡ. ରମଣୀ ରଞ୍ଜନ ବିଶ୍ୱାଳ, ଏଡିବିଓ ଡ. ଦେବଦତ୍ତ ଦାଶ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ପ୍ରଦୀପ ଘୋଷ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ ପ୍ରମୁଖ ଯୋଗଦେଇଥିଲେ।

## ବିମାନବନ୍ଦର ଜମି ଅଧିଗ୍ରହଣ ସମ୍ପର୍କିତ ବୈଠକ



**ବାରିପଦା, ୪।୧୨(ସମିସ):** ଐତିହାସିକ ରାସଗୋବିନ୍ଦପୁର ବିମାନବନ୍ଦର ପ୍ରକଳ୍ପକୁ ଅବିଳମ୍ବେ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏପର୍ଯ୍ୟନ୍ତ ଥିବା ଜମିଜମା ହସ୍ତାନ୍ତର ମାମଲାକୁ ଅନୁଧ୍ୟାନ ପାଇଁ ବେସାମରିକ ବିମାନ ଚଳାଚଳ ଉପଦେଷ୍ଟା ସୁରେଶ ଚନ୍ଦ୍ର ହୋତା, ଜମି ଅଧିଗ୍ରହଣ ଅଧିକାରୀ ଉମାକାନ୍ତ ବାରିକଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ଗୁରୁବାର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ପ୍ରକଳ୍ପ ପାଇଁ ବର୍ତ୍ତମାନ ସୁଦ୍ଧା ୧୬୦ ଏକର ପ୍ରତିରକ୍ଷା ବିଭାଗର ଜମି ହସ୍ତାନ୍ତର ହୋଇଛି। ଏଥିରୁ ୪୭ ଏକର ଜମି ଡିପିଆର୍‌ରେ ସ୍ଥାନିତ ହେବା ସହ ମାଷ୍ଟରପ୍ଲାନ୍‌ରେ ଅନ୍ତର୍ଭୁକ୍ତ ହୋଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ସେହିପରି ପ୍ରକଳ୍ପ ପାଇଁ ସମୁଦାୟ ୪୪୩ ଏକର ଜମି ଆବଶ୍ୟକତା ପୂରଣ କରିବାକୁ ଡିସେମ୍ବର ଶେଷ ସୁଦ୍ଧା ଗ୍ରାମସଭା ସମ୍ପୂର୍ଣ୍ଣ କରି ଏକ ବର୍ଷ ମଧ୍ୟରେ ସମସ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ କରାଯିବା ନେଇ ସ୍ଥିରୀକୃତ ହୋଇଛି ବୋଲି ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ପ୍ରକାଶ କରିଛନ୍ତି। ଏହି ଆଲୋଚନା ସମୟରେ ଭୂ-ଅର୍ଜନ ଅଧିକାରୀ ଶିବାରାମ ମୁଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ରୋହନ ଗୌରବ ରାୟ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା, ଡେପୁଟି କଲେକ୍ଟର (ରାଜସ୍ୱ) ଶ୍ରଦ୍ଧା ସୁମନ, ମୋରଡ଼ା ଏବଂ ରାସଗୋବିନ୍ଦପୁର ତହସିଲ୍‌ଦାର, ଜିଲ୍ଲା/ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ବିଭାଗୀୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

**କୁଆମରା, ୪।୧୨(ସମିସ):** ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆସନ୍ତା ୧୯ ତାରିଖରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ, ତହସିଲ୍‌ଦାର ଓମ୍ ପ୍ରକାଶ ମହାନ୍ତି, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡ଼ିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାର ଦେବାଶିଷ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଦିବ୍ୟାଙ୍ଗମାନେ ଶିବିର ପୂର୍ବରୁ ଅନ୍‌ଲାଇନ୍ ମାଧ୍ୟମରେ ଇ-କେୱାଇସି କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ଯେଉଁ ଦିବ୍ୟାଙ୍ଗମାନଙ୍କର ଅବଧି ଶେଷ ହୋଇ ଯାଇଥିବ ସେମାନେ ପୁଣି ପୂର୍ବ ପ୍ରମାଣପତ୍ର ଦେଖାଇ ନବୀକରଣ କରିପାରିବେ। ନୂତନ ଦିବ୍ୟାଙ୍ଗମାନେ ନାମ ପଞ୍ଜୀକରଣ କରିବା ସହ ତାଙ୍କର ସହାୟକ ସାମଗ୍ରୀ ନେଇପାରିବେ। ତେବେ ଶିବିରରେ ଉପସ୍ଥିତ ଥିବା ଦିବ୍ୟାଙ୍ଗମାନେ ନିଜ ନିଜର ଆଧାର କାର୍ଡ ଆଣିବାକୁ କୁହାଯାଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ବସ୍ ପାସ୍, ଲୋନ୍, ପ୍ରମାଣପତ୍ର, ବିଭିନ୍ନ ଉପକରଣର ବ୍ୟବସ୍ଥା କରାଯିବ ବୋଲି ବିଡିଓ ଶ୍ରୀ ପରିଡ଼ା କହିଛନ୍ତି। ଏତଦ୍‌ବ୍ୟତୀତ ଉପଖଣ୍ଡର ଉଦଳାଠାରେ ଅନୁଷ୍ଠିତ ଧୂମ୍‌ସା ମହୋତ୍ସବ କାର୍ଯ୍ୟକ୍ରମ ୧୭ ତାରିଖରେ ଗୋପବନ୍ଧୁ ନଗର ବ୍ଲକ ପ୍ରଶାସନ ପକ୍ଷରୁ ପରିଚାଳନା କରାଯିବ ବୋଲି ସୂଚନା ଦିଆଯାଇଛି। ଏ ନେଇ ବୈଠକରେ ଆଲୋଚନା ହେବା ସହ ସମସ୍ତ ବିଭାଗକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

## ବାରିପଦା କଲେଜର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ବାରିପଦା, ୪।୧୨(ସମିସ):** ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ ଓ ବାଳକ ବିଭାଗରେ ଶ୍ରୀରାମ ହେମ୍ବ୍ରମ ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ଜୁନିଅର କଲେଜର ପୂର୍ବତନ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡ଼ାଇ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। କ୍ରୀଡ଼ା ଉପସଭାପତି ଅଧ୍ୟାପକ ଅଟଳ କୁମାର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ତାପସ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


**ବାରିପଦା, ୪।୧୨(ସମିସ):** ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଡ. ପ୍ରବୋଧ କୁମାର ଦେଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସରକାର ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସଶସ୍ତ୍ର ପୁଲିସ ବାହିନୀ ୫ମ ବଟାଲିୟନର ମୁଖ୍ୟ ପବିତ୍ର କୁମାର ସାମଲ ମୁଖ୍ୟ ପ୍ରଶିକ୍ଷକ ଭାବେ ଅରୁଣ କୁମାର ମହାନ୍ତ ଏବଂ ତାଙ୍କ ସହଯୋଗୀଗଣ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ପରିଚାଳନା ସମ୍ପର୍କର ପ୍ରଶିକ୍ଷଣ ଦେଇଥିଲେ। ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ, ସର୍ପାଘାତ, ଦୁର୍ଘଟଣା ଆଦି ସମୟରେ କିପରି ଧନଜୀବନ ସହ ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇପାରିବ ତାଲିମ ପ୍ରଦାନ କରିଥିଲେ। ଏଥିରେ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ ବେହେରା, ଜ୍ୟୋତ୍ସ୍ନାରାଣୀ ଦତ୍ତ, ଯୁବ ରେଡ୍‌କ୍ରସର ଅଧିକାରୀ ସଞ୍ଜୀବ କୁମାରଙ୍କ ସହ ରାଜନୀତି ବିଭାଗର ଅଧ୍ୟାପିକା ଜସ୍ମିନ ବାରିକ ସହଯୋଗ କରିଥିଲେ।

## ବିଭିନ୍ନ ବିଦ୍ୟାଳୟରେ ରାମାୟଣ ପ୍ରତିଯୋଗିତା

**ମୋରଡ଼ା, ୪।୧୨(ସମିସ):** ମୋରଡ଼ା ବ୍ଲକ ଅଧୀନ ଅନନ୍ତ ଦମ୍ପତି ବିଦ୍ୟାଳୟ, ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ପାଟପୁର ବାଳିକା ଆଶ୍ରମ ବିଦ୍ୟାଳୟରେ ରାମାୟଣ ଉପରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଖଣ୍ଡ ସଭାପତି ନରେନ୍ଦ୍ର ମହାନ୍ତ ଆୟୋଜନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ଓଡ଼ିଶାର କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ପାଲ ଯୋଗଦେଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ଗଳ୍ପ ଆକାରରେ ସରଳ ଭାଷାରେ ପ୍ରକାଶିତ ହୋଇଥିବା ରାମାୟଣ ପୁସ୍ତକ ପିଲାମାନଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିଲା। ସେହି ପୁସ୍ତକକୁ ଆଧାର କରି ୩ଦିନ ଧରି ଉକ୍ତ ବିଦ୍ୟାଳୟରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନନ୍ତ ଦମ୍ପତି ବିଦ୍ୟାଳୟରେ ଭୂମି ପାତ୍ର, ରିମା ମହାନ୍ତ ଓ ପ୍ରାଣଙ୍କୁରା ପ୍ରିୟଦର୍ଶିନୀ ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଜବାହର ବିଦ୍ୟାଳୟରେ ରମିତାଂଶୁ ସାହୁ, ସୁଭଦ୍ରା ବେହେରା, ରାଜବୀର ବେହେରା ଏବଂ ପାଟପୁର ବାଳିକା ଆଶ୍ରମ ବିଦ୍ୟାଳୟରେ କ୍ରିଷ୍ଣା ରାଉଳ, ଉର୍ମି ମୁଦୁଲି ଓ ମିଳନ ରାଉଳ କୃତକାର୍ଯ୍ୟ ହୋଇ ପୁରସ୍କୃତ ହୋଇଥିଲେ। ଉକ୍ତ ପ୍ରତିଯୋଗିତା ପରିଚାଳନାରେ ବରେନ୍ଦ୍ର କୁମାର ଦାସ, ଭାଗବତ ବାରିକ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

**ବଡ଼ସାହି, ୪।୧୨(ସମିସ):** ବଡ଼ସାହି ବ୍ଲକ ଅଧୀନ ବଳଭଦ୍ରପୁର ପଞ୍ଚାୟତ ସଂହଟିଆସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ମାତୃଜ୍ୟୋତି ପୀଠରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୪୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଶିକ୍ଷାକେନ୍ଦ୍ରର ସଭାପତି ମଧୁସୂଦନ ଦଣ୍ଡପାଟ, ସମ୍ପାଦକ ଆଦିକନ୍ଦ ଦଣ୍ଡପାଟ, ବସନ୍ତ ବାରିକ, ଜଗନ୍ନାଥ ଦଣ୍ଡପାଟ, ରାମେଶ୍ୱର ଭୂୟାଁ ଓ ରଜନୀକାନ୍ତ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରି ଏହାର ମୂଲ୍ୟାୟନ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ତପନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ଜବରଦଖଲମୁକ୍ତ ଦାବିରେ ରାସ୍ତାରୋକ



**ବାରିପଦା, ୪।୧୨(ସମିସ):** ଗ୍ରାମ ରାସ୍ତା ଦଖଲମୁକ୍ତ ଦାବିରେ ଗ୍ରାମବାସୀମାନେ ରାସ୍ତାରୋକ କରିଛନ୍ତି। ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ନିଜର ବୋଲି ଦର୍ଶାଇ ଜଣେ ବ୍ୟକ୍ତି ଅବାଧ କରି ରଖିଛନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇ ରାସ୍ତାରୋକ କରିଛନ୍ତି। ଗୁରୁବାର ବାରିପଦା ସଦର ଥାନା ଅଧୀନ ମହୁଲିଆ ଗ୍ରାମ ପଞ୍ଚାୟତର ଗୌଡ଼ଡିହା ଛକରେ ରାସ୍ତା ଅବରୋଧ କରିଥିଲେ। ମୁଖ୍ୟ ରାସ୍ତାରୁ ମହୁଲିଆ ଗ୍ରାମକୁ ସଂଯୋଗ ରାସ୍ତାକୁ ବ୍ୟକ୍ତି ଜଣକ ଜୋର୍ ଜବରଦସ୍ତ ଘେରି ରଖିଛନ୍ତି। ଅମିନ ଜମି ମାପ କରି ତାହା ରାସ୍ତା ଦର୍ଶାଇବା ପରେ ମଧ୍ୟ ବ୍ୟକ୍ତି ଜଣକ ନିଜସ୍ୱ ଜମି କହି ରାସ୍ତାକୁ ବନ୍ଦ କରି ରଖିଛନ୍ତି। ସେହି ରାସ୍ତା ବାଟେ ଜଣେ ଗ୍ରାମବାସୀ ଯିବାକୁ ଉଦ୍ୟମ କରିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗ୍ରାମରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ରାସ୍ତା ବନ୍ଦ କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଲିଖିତ ଅଭିଯୋଗ ମଧ୍ୟ କୌଣସି ସମାଧାନ ହେଉନାହିଁ ବୋଲି ସରପଞ୍ଚ କହିଛନ୍ତି। ଯାହାକୁ ନେଇ ରାସ୍ତା ଅବରୋଧ କରିଛନ୍ତି। ଉତ୍ତେଜନା ପ୍ରକାଶ ପାଇବାରୁ ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ସମ୍ପାଦକୀୟ



ଗୋଟିଏ ସମ୍ବିଧାନ ଯେତେ ଭଲ ହେଉନା କାହିଁକି, ଏହାକୁ କାର୍ଯ୍ୟକାରୀ କରୁଥିବା ଲୋକେ ଯଦି ଖରାପ ହୋଇଥିବେ, ତେବେ ଏହା ଖରାପ ବୋଲି ପ୍ରମାଣିତ ହେବ !
-ଡକ୍ଟର ବି ଆର ଆମ୍ବେଦକର

ସକାଳ
THE SAKALA

## ପୁଟିନ୍‌ଙ୍କ ଭାରତଗସ୍ତର ବାର୍ତ୍ତା

ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍ ଏସୀୟ ଭୂରାଜନୀତିର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ଗସ୍ତରେ ଆସିଛନ୍ତି, ଯାହା ଉପରେ ସମଗ୍ର ବିଶ୍ୱର ଦୃଷ୍ଟି ରହିଛି । ବିଶେଷକରି ବର୍ତ୍ତମାନ ଭାରତ-ବିମୁଖୀ ଓ ପାକିସ୍ତାନୀ-ସୁହାଗୀ ଆମେରିକା ପୁଟିନ୍‌ଙ୍କ ଭାରତଗସ୍ତକୁ ଅତି ଗୁରୁତ୍ୱର ସହିତ ସମୀକ୍ଷା କରୁଛି । ଏବେ ପଡ଼ୋଶୀମାନେ ହିଁ ଭାରତ ପାଇଁ ଶତ୍ରୁସୁଲଭ ଆଚରଣ ପ୍ରଦର୍ଶନ କରୁଥିବା ବେଳେ ଏହାର ଫାଇଦା ନେବା ପାଇଁ ଆମେରିକା କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ । ଅପରପକ୍ଷରେ ପାକିସ୍ତାନ ମଧ୍ୟ ଆମେରିକା କୋଳରେ ବସି ଭାରତକୁ ପାନେ ଦେବା ଅପେକ୍ଷାରେ ରହିଛି । ତେଣୁ ଆମେରିକା ସହଯୋଗରେ ଆରବ ସାଗରରେ ସାମରିକ ଘାଟି ପ୍ରତିଷ୍ଠା କରିବାର ଯୋଜନା ଚୂଡ଼ାନ୍ତ କରିଛି । ସେପଟେ ବାଂଲାଦେଶ ପାକିସ୍ତାନ ଓ ଚୀନ୍ ସହିତ ମିଶି ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରିଛି । ଭାରତ ସୀମାନ୍ତରେ ସାମରିକ ଘାଟି ପ୍ରତିଷ୍ଠା ପାଇଁ ଚୀନ୍ ଓ ପାକିସ୍ତାନକୁ ଅକୁଣ୍ଠ ସହଯୋଗ ଓ ସମର୍ଥନ ଦେଉଛି ।

ସେହିପରି ଆମେରିକା ଚାପରେ ରୁଷରୁ ତୈଳ ଆମଦାନୀକୁ ଭାରତ କାଣ୍ଟଛାଣ୍ଟ କରିଛି । ଦୁଇ ଦେଶ ମଧ୍ୟରେ ମୁଦ୍ରା ବିନିମୟ ଏକ ଆହ୍ୱାନ ହୋଇଛି । ଏହି ପୃଷ୍ଠଭୂମିରେ ପୁଟିନ୍‌ଙ୍କ ଭାରତ ଗସ୍ତ ଅନେକ ଦୃଷ୍ଟିରୁ ଉଭୟ ଦେଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଭାରତ ତା'ର ପୁରୁଣା ଓ ବିଶ୍ୱାସୀ ବନ୍ଧୁ ରୁଷ୍ ସହିତ ଆଣବିକ ଶକ୍ତି କ୍ଷେତ୍ରରେ କେତେକ ରାଜିନାମା ସ୍ୱାକ୍ଷର କରିବାକୁ ଯାଉଛି, ଯାହା ସର୍ବାଦୌ ଅଧିକ ଆଲୋଚନାର ଅପେକ୍ଷା ରଖେ । ଇତିମଧ୍ୟରେ ଆମେରିକା ତା'ର ଆଣବିକ ପରୀକ୍ଷଣ କଟକଣାକୁ କୋହଳ କରିଛି ଏବଂ ଭାରତ ପ୍ରତି ଆଣବିକ ଶକ୍ତି କ୍ଷେତ୍ରରେ ଥିବା ପ୍ରତିବନ୍ଧକ ହଟାଇ ଦେଇଛି । ଏହି କାରଣରୁ ଭାରତ-ରୁଷ୍ ମଧ୍ୟରେ ସମ୍ଭାବ୍ୟ ଆଣବିକ ଶକ୍ତି ରାଜିନାମା ବିଶ୍ୱ କୂଟନୀତି ଓ ଭୂରାଜନୀତିରେ ଅନେକ କିଛି ନୂଆ ସମୀକରଣ ସୃଷ୍ଟି କରିବାକୁ ଯାଉଛି ।

ରୁଷର ଆଣବିକ ଶକ୍ତି କମ୍ପାନୀ ରୋଜାଟମ୍ ଷ୍ଟେଟ୍ କର୍ପୋରେସନ୍ ଭାରତରେ ମଡ୍ୟୁଲାର୍ ରିଆକ୍ଟର ପ୍ରତିଷ୍ଠା କରିବାର ଯୋଜନା ରଖିଛି । ଏହା ସହିତ ନୂତନ ପିଢ଼ିର ପରମାଣୁ ଶକ୍ତି ରିଆକ୍ଟର ପାଇଁ ମଧ୍ୟ ଦୁଇ ଦେଶ ମଧ୍ୟରେ ବୁଝାମଣା ହେବାର ସମ୍ଭାବନା ରହିଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଶୀର୍ଷସ୍ତରୀୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ଚୂଡ଼ାନ୍ତ ହୋଇପାରେ । ପୁଟିନ୍‌ଙ୍କ ସହିତ ଭାରତ ଗସ୍ତରେ ଆସିଥିବା ରୁଷ୍‌ର ଏକ ବଡ଼ ପରମାଣୁ ଶିଳ୍ପପତି ଗୋଷ୍ଠୀ ପଛର କାରଣ ସମୀକ୍ଷା କଲାବେଳେ ଏହି ସୂଚନା ମିଳିଛି । ଏଥିପୂର୍ବରୁ ତାମିଲନାଡୁର କୁଡାନକୁଲମ ଆଣବିକ କେନ୍ଦ୍ର ପ୍ରକଳ୍ପ ସମ୍ପ୍ରସାରଣ ସମ୍ପର୍କରେ ଉଭୟ ଦେଶର ଅଧିକାରୀମାନେ ସମୀକ୍ଷା କରିସାରିଛନ୍ତି । ରୁଷିଆ ବିଶ୍ୱର ଏକମାତ୍ର ଦେଶ, ଯାହାର ଭାସମାନ ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା ଓ ପରିଚାଳନାରେ ପାରଦର୍ଶିତା ଓ ବୈଷୟିକ ଜ୍ଞାନକୌଶଳ ରହିଛି । ଏହି ବୁଝାମଣା ସ୍ୱାକ୍ଷରିତ ହେଲେ ଭାରତ ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆଉ ଦୁଇପାଦ ଆଗକୁ ଯିବ ଏବଂ ୨୦୭୦ ସୁଦ୍ଧା ଶୂନ୍ୟ କାର୍ବନ ନିର୍ଗମନ ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବ । ଏଥିସହିତ ଆଣବିକ ଶକ୍ତି କେନ୍ଦ୍ରର ସୁରକ୍ଷା ଆଳରେ ରୁଷ୍‌ର ଉପସ୍ଥିତି ଭାରତ ମହାସାଗରେ ରହିବ । ତେଣୁ ଆମେରିକା କିମ୍ବା ଚୀନ୍ ଆଡୁ ଭାରତ ପ୍ରତି ସାମୁଦ୍ରିକ ପଥରେ ଥିବା ବିପଦ ଆଶଙ୍କା ମଧ୍ୟ ଅନେକ ପରିମାଣରେ ହ୍ରାସ ପାଇପାରିବ ।

ପ୍ରତିରକ୍ଷା ପାଇଁ ଭାରତ ପାଖରେ ଯେତିକି ଯୁଦ୍ଧାସ୍ତ୍ର ରହିଛି ତାହା ପର୍ଯ୍ୟାପ୍ତ ନୁହେଁ । ଇତିମଧ୍ୟରେ ପାକିସ୍ତାନ ପଟୁ ଭାରତ ବିପକ୍ଷରେ ପୂର୍ଣ୍ଣାଙ୍ଗ ଯୁଦ୍ଧର ଧମକ ମିଳିଛି । ପାକିସ୍ତାନ ଯଦି ଆକ୍ରମଣ କରେ ତେବେ ଭାରତ ପାଖରେ ଥିବା ଯୁଦ୍ଧାସ୍ତ୍ର, ଗୁଳିଗୋଳା ଓ ସରଞ୍ଜାମ ମାତ୍ର ସପ୍ତାହେ ଭିତରେ ସରିଯିବ । ଅପରପକ୍ଷରେ ତୁର୍କୀ ଓ ଚୀନ୍ ଦ୍ୱାରା ପାକିସ୍ତାନ ଯୁଦ୍ଧାସ୍ତ୍ରରେ ସବଳ ହେବ । ଏଭଳି ପରିସ୍ଥିତିରେ ଭାରତର ପୁରୁଣା ବନ୍ଧୁ ରୁଷ୍ ହିଁ ସହାୟତାର ହାତ ବଢ଼ାଇବ । ଅପରେସନ୍ ସିନ୍ଦୂରରେ ରୁଷ୍ ନିର୍ମିତ ଏସ୍୪୦୦ ଭାରତ ପାଇଁ ନିର୍ଭରଯୋଗ୍ୟ ସାବ୍ୟସ୍ତ ହୋଇଥିବାରୁ ଆହୁରି ଅଧିକ ଏହି ପ୍ରତିରକ୍ଷା ପ୍ରଣାଳୀ ଭାରତ କିଣିବାର ଆବଶ୍ୟକତା ରହିଛି । ଏହି ପ୍ରସଙ୍ଗରେ ଭାରତ-ରୁଷ୍ ଶୀର୍ଷ ବୈଠକରେ ଆଲୋଚନା ହେବାର ସମ୍ଭାବନା ଅଧିକ । ଉଭୟ ପକ୍ଷ ଉଭୟ ଦେଶର ସାମରିକ ଘାଟି ବ୍ୟବହାର କରିପାରିବେ ବୋଲି ରୁଷ୍ ସଂସଦ ସ୍ୱୀକୃତି ଦେବା ପରେ ଏହା ପଛରେ ଥିବା ଇଙ୍ଗିତ ବୁଝିବାକୁ ଆମେରିକା କିମ୍ବା ପାକିସ୍ତାନକୁ ବିଳମ୍ବ ହୋଇ ନଥିବ । ତୁର୍କୀ ମଧ୍ୟ ପୂର୍ବାପେକ୍ଷା ଅଧିକ ସଚେତନ ହୋଇସାରିଥିବ । ପୁଟିନ୍‌ଙ୍କ ଭାରତ ଗସ୍ତ ଏହା ଉପରେ ମୋହର ମାରିବ । ଏହାଛଡ଼ା ଭାରତ-ରୁଷ୍ ମଧ୍ୟରେ ବାଣିଜ୍ୟିକ କାରବାର ଆଗାମୀ ଦିନରେ ୧୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଉଭୟ ପକ୍ଷ ଚୁକ୍ତିନାମା ସ୍ୱାକ୍ଷର କରିବେ ବୋଲି ସୂଚନା ମିଳିଛି । ଭାରତ ପାଇଁ ଆମେରିକା ବଜାର ଏକପ୍ରକାର ବନ୍ଦ ହୋଇସାରିଥିବାରୁ ଭାରତ ଯେଉଁ ବିକଳ୍ପ ବଜାରର ସନ୍ଧାନରେ ରହିଛି ରୁଷ୍ ତାହା ଯୋଗାଇ ଦେବ । ଏଥିପାଇଁ ରୁଷ୍‌ର ଶିଳ୍ପ ଓ ବ୍ୟବସାୟୀ ପ୍ରତିନିଧି ମଧ୍ୟ ଭାରତଗସ୍ତରେ ଆସିଛନ୍ତି ।

ଏକପକ୍ଷରେ ଭାରତ ତୈଳ, ପ୍ରତିରକ୍ଷା ଓ ସାମରିକ ସହଯୋଗ ପାଇଁ ରୁଷ୍ ଉପରେ ନିର୍ଭରଶୀଳ । ଅପରପକ୍ଷରେ ବାଣିଜ୍ୟ ଓ ପ୍ରବାସନ ପାଇଁ ଆମେରିକାଠାରୁ ଏତେଶୀଘ୍ର ଦୂରେଇ ଯିବାକୁ ଚାହିଁବ ନାହିଁ । ଭାରତ-ରୁଷ୍ ଶୀର୍ଷ ବୈଠକକୁ ଆମେରିକା କିଭଳି ଦେଖିବ ଏବଂ କେଉଁ ନିଷ୍କର୍ଷ ବାହାର କରିବ ତାହା ଅସ୍ଥିରମତି ଟ୍ରମ୍ପଙ୍କ ଉପରେ ନିର୍ଭର କରେ । କିନ୍ତୁ ଭାରତ ଏହାକୁ ଚେକ୍ ଆଣ୍ଡ ବାଲାନ୍ସ ନୀତି ବା ସଜାଗ ଓ ସମତୁଲ ଭାବେ ଚତୁରତାର ସହିତ ପରିଚାଳନା କରିବାକୁ ପଡ଼ିବ । ରୁଷ୍-ୟୁକ୍ରେନ୍ ଯୁଦ୍ଧବିରତି ପ୍ରସଙ୍ଗ ଏହି ଆଲୋଚନା ବେଳେ ସ୍ଥାନ ପାଇବା ନିଶ୍ଚିତ । କିନ୍ତୁ ଭାରତ ତା'ର ପଡ଼ୋଶୀ ଦୁଷ୍ଟ ରାଷ୍ଟ୍ରଙ୍କୁ କି ବାର୍ତ୍ତା ଦେବ ତାହା ଆଉ କିଛି ଘଣ୍ଟା ପରେ ସ୍ପଷ୍ଟ ହେବ । ସରକାରୀ ଔପଚାରିକତାକୁ ଏଡ଼ାଇ ଯାଇ ମୋଦୀ ଓ ପୁଟିନ୍ ଯେଭଳି ପରସ୍ପର ସହିତ ମିଶିଲେ ଏବଂ ଭାରତରେ ପୁଟିନ୍‌ଙ୍କୁ ଯେଭଳି ଭବ୍ୟ ସ୍ୱାଗତ କରାଗଲା ସେଥିରୁ ମଧ୍ୟ ଅବଶିଷ୍ଟ ବିଶ୍ୱଙ୍କୁ ଏକ ସ୍ୱତନ୍ତ୍ର ସନ୍ଦେଶ ଯାଉଛି, ଯାହା ବୁଦ୍ଧିମାନ ପଡ଼ୋଶୀମାନେ ବୁଝିବାରେ କଷ୍ଟ ହେବ ନାହିଁ ।

## ଅନିଶ୍ଚିତ ଚାକିରିରେ ଅଦୃଶ୍ୟ ଚାପ

ଡକ୍ଟର ଅବଶ ପରିଡ଼ା

ବାରମ୍ବାର ଚାକିରି ହରାଇବା, ଅସୁରକ୍ଷିତ ରୋଜଗାର ଜୀବନ, କମ୍ ଦରମା, ଚାପପୂର୍ଣ୍ଣ କାର୍ଯ୍ୟ ଲକ୍ଷ୍ୟ ସହିତ ଘରୋଇ, ଚୁକ୍ତିଭିତ୍ତିକ, ଆଉଟସୋର୍ସିଂ ଓ ଗିଗ୍-ଭିତ୍ତିକ ନିଯୁକ୍ତିର ପ୍ରସାର ହେଉଛି ଆଧୁନିକ ଶ୍ରମ ବଜାରର ବୈଶିଷ୍ଟ୍ୟ । ସମାଜବିଜ୍ଞାନୀଙ୍କ ମତରେ ଶ୍ରମ ବଜାର ଓ ବିଶାଳ କର୍ମଜୀବୀ ସମୁଦାୟ ପାଇଁ ଏହା ହେଉଛି ଏକ ଯୋଜନାବଦ୍ଧ ଅସ୍ଥିରତା । ମୋଟ ଉପରେ ଅନିଶ୍ଚିତ, ଅସ୍ଥାୟୀ ଓ ସାମାଜିକ ସୁରକ୍ଷାର ଅଭାବ ଥିବା କାର୍ଯ୍ୟସଂସ୍କୃତି ଆଡ଼କୁ ହେଉଥିବା ଏକ ବୃହତ୍ ପରିବର୍ତ୍ତନ । ଏପରି ଦୃଶ୍ୟପଟ୍ଟରେ, କାର୍ଯ୍ୟରେ ନୈତିକୀକରଣ(ମୋରାଲାଇଜେସନ୍ ଅଫ୍ ୱାର୍କ) ଏବଂ କାର୍ଯ୍ୟ ପ୍ରତି ଆନ୍ତରିକ ପ୍ରେରଣାର ଆଶା କର୍ମଜୀବୀଙ୍କ ପାଇଁ ଏକ ଅଦୃଶ୍ୟ ଚାପ ହେଉନି ତ?

ତାତ୍ତ୍ୱିକ ଦୃଷ୍ଟିରେ କାର୍ଯ୍ୟରେ ନୈତିକୀକରଣ ଧାରଣା ହେଉଛି ପରିବାର ଓ ସମାଜ ପ୍ରତି ଏକ କର୍ତ୍ତବ୍ୟ, ବ୍ୟକ୍ତି ଚରିତ୍ରର ଏକ ମର୍ଯ୍ୟାଦା ଏବଂ ପରିଶେଷରେ ଜୀବିକା ଉପାର୍ଜନଠାରୁ ଅଧିକ ମୂଲ୍ୟବାନ । କାର୍ଯ୍ୟକୁ ସ୍ୱାଭାବିକ ଠିକ୍ କିମ୍ବା ଭୁଲ ଭାବରେ ବିଚାର କରାଯିବାର ଏକ ପ୍ରକ୍ରିୟା ହେଉଛି କାର୍ଯ୍ୟରେ ନୈତିକୀକରଣ, ଯେଉଁଠାରେ ନୈତିକ ବିଚାରଗୁଡ଼ିକ ପ୍ରୟୋଗ ହୁଏ । କାର୍ଯ୍ୟ ପ୍ରତି ଥିବା ଏହି ଧାରଣା ପାଇଁ ଧାର୍ମିକ, ସାଂସ୍କୃତିକ ଓ ଶିଳ୍ପ ବ୍ୟବସ୍ଥା ଦାୟୀ । ସମ୍ଭବତଃ ସେଥିପାଇଁ କାର୍ଯ୍ୟରେ ପରିଶ୍ରମକୁ ଏକ ବ୍ୟକ୍ତିଗତ ସଦଗୁଣ ଭାବେ ଚିତ୍ରଣ କରାଯାଉଛି । ଏଠି କହି ରଖିବାକୁ ଚାହେଁ ଯେ ଏସବୁ ଆଶାଗୁଡ଼ିକ ପଦୋନ୍ନତି, ପୁରସ୍କାର ଓ ଦୀର୍ଘକାଳୀନ ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ଭଳି ମାନ୍ୟତା ଉପରେ ଆଧାରିତ । କିନ୍ତୁ ଆଧୁନିକ ଅସ୍ଥିର ଶ୍ରମ ବଜାର ଏବଂ ଲାଭ ଅଭିମୁଖୀ-ମାନବିକ ମୂଲ୍ୟହୀନତା ନିଯୁକ୍ତିରେ ଏହିସବୁ ଉପାଦାନ ଏକ ବିଶାଳ ଶ୍ରମଜୀବୀ ଗୋଷ୍ଠୀ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ସମାଜଶାସ୍ତ୍ରୀମାନେ ମନ୍ତବ୍ୟ ରଖନ୍ତି ।

ଏଠାରେ ଏମିତି ବି ପ୍ରଶ୍ନ ଆସିପାରେ ଯେ କାର୍ଯ୍ୟରେ ନୈତିକୀକରଣ ହେଉଛି ଏକ ପ୍ରକ୍ରିୟା । ଏହା ସାମାଜିକ ଓ ମାନବିକ ମୂଲ୍ୟବୋଧ ପାଇଁ ଉଦ୍ଦିଷ୍ଟ । ତେଣୁ ଯେକୌଣସି ଚାକିରି ହେଉ, ସେଥିରେ ଆନ୍ତରିକ ପ୍ରେରଣା ରହିବା ଦରକାର । ଆନ୍ତରିକ ପ୍ରେରଣା ହେଉଛି ଅର୍ଥ କିମ୍ବା ପ୍ରଶଂସା ପରି ବାହ୍ୟ ପୁରସ୍କାର ଅପେକ୍ଷା ଅନ୍ତର୍ନିହିତ ସନ୍ତୋଷ ସହ କାର୍ଯ୍ୟ କରିବା ପାଇଁ ପ୍ରେରଣା । କିନ୍ତୁ ବିପରୀତରେ, କିଛି ସର୍ବେକ୍ଷଣର ଫଳାଫଳ ଏ ବିଷୟରେ ଭିନ୍ନ ମତ ରଖନ୍ତି । ଏଡିପି ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ ଭାରତରେ ପଚାଶ ପ୍ରତିଶତ କର୍ମଚାରୀ ଏବଂ ବିଶ୍ୱସ୍ତରରେ ଏକ ବିଶାଳ ଅଂଶ ସେମାନଙ୍କ ଚାକିରିରେ ସୁରକ୍ଷିତ ଅନୁଭବ କରନ୍ତି ନାହିଁ । କନିଷ୍ଠ କର୍ମଚାରୀଙ୍କ ମଧ୍ୟରେ (ଜେନ୍ ଜେଡ୍ ବା ୧୮-୨୪ ବର୍ଷ ବୟସ) ଅସୁରକ୍ଷାର ଭାବନା ଆହୁରି ଅଧିକ । ଏହି ବ୍ୟାପକ ଅସୁରକ୍ଷାର ଚିନ୍ତା ସୂଚାଇ ଦିଏ ଯେ ଅନେକ କର୍ମଚାରୀ ଦୀର୍ଘକାଳୀନ ନିଯୁକ୍ତି ସ୍ଥିରତା ଉପରେ ଆଗକୁ ନିର୍ଭର କରିପାରିବେ ନାହିଁ । 'କଠିନ ପରିଶ୍ରମ ହିଁ ସବୁବେଳେ ଚାକିରି ସୁରକ୍ଷା ଦେବ' ଭଳି ପାରମ୍ପରିକ ପ୍ରତିଶ୍ରୁତି ମଧ୍ୟ ଏବେ ଦୁର୍ବଳ ହୋଇଗଲାଣି । ତେଣୁ ଚାକିରିର ଅସୁରକ୍ଷା ଯୋଗୁଁ ବ୍ୟକ୍ତିର କାର୍ଯ୍ୟରେ ଭାଗିଦାରୀ କମ୍ ହେଉଛି । କାର୍ଯ୍ୟର ନୈତିକ ଦିଗ ଯଥା କର୍ତ୍ତବ୍ୟ, ବିଶ୍ୱସ୍ତତା, ପରିଚୟ ଅନେକାଂଶରେ କ୍ଷୁଣ୍ଣ ହେବାର ଆଶଙ୍କା ମଧ୍ୟ ବଢ଼ିଯାଉଛି ।

କିଛିଦିନ ତଳେ ଏହି ସମାନ ବିଷୟବସ୍ତୁକୁ ନେଇ ଏକ ଉଚ୍ଚସ୍ତରୀୟ ଅଧ୍ୟୟନ ହୋଇଥିଲା । ଏଥିରେ ଉଲ୍ଲେଖ ଥିଲା ଯେ ନିଜ କାର୍ଯ୍ୟକୁ ଭଲ ପାଇବା ଦ୍ୱାରା କର୍ମଚାରୀର ଆନ୍ତରିକ ପ୍ରେରଣା ବୃଦ୍ଧି ପାଏ । ଏହା ଯୋଗୁଁ ସୃଜନଶୀଳତା, ସ୍ଥିରତା ଓ କାର୍ଯ୍ୟଦକ୍ଷତା ଶାଣିତ ହୁଏ । କିନ୍ତୁ କାମକୁ ଭଲ ପାଇବା ଯେ କେତେବେଳେ କର୍ମଚାରୀ ପାଇଁ ଏକ ନୈତିକ ଦାୟିତ୍ୱରେ ପରିଣତ ହୋଇଯାଏ ଏବଂ ପରେ କ୍ଷତିକାରକ ହୁଏ ସେ ତାହା ଜାଣି ପାରେନାହିଁ । ସରଳରେ କହିବାକୁ ଗଲେ ଯେତେବେଳେ କର୍ତ୍ତୃପକ୍ଷ ନୈତିକ ଭାବରେ କାର୍ଯ୍ୟପ୍ରେରଣାକୁ ବିଚାର କରିବା ଆରମ୍ଭ କରନ୍ତି, ସେମାନେ ଦରମା କିମ୍ବା ଅନ୍ୟାନ୍ୟ କାରଣରୁ କାମ କରୁଥିବା କର୍ମଚାରୀଙ୍କୁ ନିକୃଷ୍ଟ ବୋଲି ଭାବନ୍ତି । ସେହି ଅଧ୍ୟୟନର ଗବେଷକମାନଙ୍କ ପରାମର୍ଶ ଅନୁଯାୟୀ କେବଳ ଆଗ୍ରହ ନୁହେଁ, ଜୀବନରେ ସନ୍ତୁଳନ ପାଇଁ ଆମେ କାର୍ଯ୍ୟ କରୁ । ତେଣୁ ସମସ୍ତେ ସେମାନଙ୍କ କାମକୁ ଭଲ ପାଇବେ ବୋଲି ଆଶା ରଖିବା ଗ୍ରହଣୀୟ ନୁହେଁ ।

ଏହି ପରିପ୍ରେକ୍ଷୀରେ 'ଦ କଣ୍ଡିସନାଲ୍ ମୋରାଲାଇଜେସନ୍ ମଡେଲ୍' ତତ୍ତ୍ୱ କୁହେ ଯେ ମୌଳିକ ସାଂରଚନିକ ସର୍ତ୍ତାବଳୀ ଯଥା ଚାକିରି ସୁରକ୍ଷା, ନ୍ୟାୟସଙ୍ଗତ ଦରମା, ମର୍ଯ୍ୟାଦା ପୂରଣ ହେଲେ ହିଁ କାର୍ଯ୍ୟ ଅର୍ଥପୂର୍ଣ୍ଣ ହୁଏ । କ୍ଷୁଧା, ଅସୁରକ୍ଷା କିମ୍ବା ଅନିଶ୍ଚିତତାକୁ ଜଣେ ଚାହିଁଲେ ମଧ୍ୟ ନୈତିକତାର ରୂପ ଦେଇପାରିବେ ନାହିଁ । କେବଳ ଶ୍ରମିକମାନଙ୍କଠାରୁ ନୈତିକ, ବିଶ୍ୱସ୍ତ, ସ୍ୱ-ଚାଳିତ ଏବଂ ଆଗ୍ରହରେ ପରିପୂର୍ଣ୍ଣ ହେବା ଆଶା କଲେ ଅର୍ଥପୂର୍ଣ୍ଣ କାର୍ଯ୍ୟ ଅସମ୍ଭବ । କାର୍ଯ୍ୟକ୍ଷେତ୍ର ଓ ନିଯୁକ୍ତିଦାତାଙ୍କୁ ମଧ୍ୟ ନ୍ୟାୟ ଓ ମାନବୀୟ ଅବସ୍ଥା ଭଳି ନୈତିକ କର୍ତ୍ତବ୍ୟ ବହନ କରିବାକୁ ପଡ଼ିବ । ତେଣୁ ନୈତିକୀକରଣ କେବଳ କର୍ମଚାରୀର ବ୍ୟକ୍ତିଗତ ଗୁଣ ନୁହେଁ, ବରଂ ଏକ ସାଂଗଠନିକ ଦାୟିତ୍ୱ ଭାବରେ ପୁନଃସ୍ଥାପିତ କରାଯିବା ଉଚିତ । ନବ୍ୟ-ସମାଜବିଜ୍ଞାନୀଙ୍କ ମତରେ ନୈତିକୀକରଣ ଭୂମିକାର ବିବର୍ତ୍ତନ ହେଉଛି ଏବେ ଏହା 'ବ୍ୟକ୍ତିଗତ ଅଙ୍ଗୀକାରବଦ୍ଧତାର ବାଣିଜ୍ୟିକରଣ'ରେ ପରିଚାଳିତ ।

ତେବେ ବର୍ତ୍ତମାନ ଅସୁରକ୍ଷିତ ଚାକିରିରେ ନୈତିକୀକରଣ ଆବଶ୍ୟକତା ଅଛି କି? ଏହାକୁ ନେଇ ଦୁଇଟି ପରସ୍ପର ବିରୋଧୀ ଚିନ୍ତାଧାରା ସୃଷ୍ଟି ହୋଇଛି । 'ନୈତିକତାର ଅର୍ଥ ଉପରେ ଉଭୟ ଚିନ୍ତାଧାରାର ଦୃଷ୍ଟିକୋଣ ନିର୍ଭର କରେ । ପ୍ରଥମ ମହଲ ଅନୁଯାୟୀ, ଏହା ଆବଶ୍ୟକ ନୁହେଁ । ଆଧୁନିକ କାର୍ଯ୍ୟ ନୈତିକତାର ଧାରଣା ଏବେ ରୁମାନିକରଣ ରୂପରେ ପରିଭାଷିତ । ଏହାର ଅର୍ଥ ହେଉଛି ଯେଉଁଠି କର୍ମଚାରୀର ପରିଶ୍ରମକୁ ଏକ ଭଲ ଅନୁଭବର କାହାଣୀ ଏବଂ ଏକ ମହାନ କର୍ତ୍ତବ୍ୟ ଭାବରେ ଚିତ୍ରଣ କରାଯାଏ । ଦରମା ନୁହେଁ, ବରଂ କାର୍ଯ୍ୟରେ ଆଗ୍ରହ ହେଉଛି ପ୍ରାଥମିକତା ଏବଂ ଖରାପ ପରିସ୍ଥିତିରେ ମଧ୍ୟ ବିଶ୍ୱସ୍ତତା ରହିବା ଉଚିତ ଭଳି ବାର୍ତ୍ତା ଏବେ ବ୍ୟାପକ । ଉଦାହରଣ ସ୍ୱରୂପ, 'ମାଲିକାନା, 'ଅପରିହାର୍ଯ୍ୟ, 'ଉଜ୍ଜଳ ଭବିଷ୍ୟତ', 'କାମକୁ ଭଲପାଅ' ଇତ୍ୟାଦି ବାକ୍ୟର କର୍ମଚାରୀଙ୍କ ଉପରେ ବହୁଳ ବ୍ୟବହାର ହେଉଛି । ଏହାଦ୍ୱାରା କିଏ ଲାଭ ପାଏ ଆମେ ସମସ୍ତେ ଜାଣୁ ।

ଦ୍ୱିତୀୟ ମହଲ ଅନୁସାରେ କାର୍ଯ୍ୟରେ ନୈତିକୀକରଣର ଅତ୍ୟନ୍ତ ଆବଶ୍ୟକତା ଅଛି ଏବଂ ଆଗକୁ ରହିବ ମଧ୍ୟ । ଏଥିରେ ଦ୍ୱିମତ ନାହିଁ । ସାମ୍ପ୍ରତିକ ବିଶ୍ୱର ଅନେକ ଶ୍ରମ ସଂଗଠନ ଏବଂ ଭାରତର ଜାତୀୟ ବିକାଶକୁ ନେଇ ହୋଇଥିବା ବହୁବିଧ ଭାରତୀୟ ଅଧ୍ୟୟନ କାର୍ଯ୍ୟର ନୈତିକୀକରଣ ପାଇଁ ଦୃଢ଼ ସମର୍ଥନ କରନ୍ତି । ଅବଶ୍ୟ ଏହା ପାଇଁ କିଛି ମାନଦଣ୍ଡ ମଧ୍ୟ ପ୍ରସ୍ତୁତ ହୋଇଛି । ପ୍ଲାଟଫର୍ମ ଶ୍ରମ, ଆଉଟସୋର୍ସିଂ, ଚୁକ୍ତିଭିତ୍ତିକ କର୍ମଚାରୀଙ୍କଠାରୁ ନୈତିକ ଅଙ୍ଗୀକାରବଦ୍ଧତା ମାଗିବା ଆଉ ଯଥେଷ୍ଟ ନୁହେଁ । ଏହା ବଦଳରେ ନିଯୁକ୍ତିଦାତା, ପ୍ରତିଷ୍ଠାନ ଓ ମାଲିକଙ୍କ ଅନେକ ମାନବିକ ଓ ନୈତିକ ଦାୟିତ୍ୱ କଥା ମଧ୍ୟ ଉଲ୍ଲେଖ ଅଛି ।

ଶେଷରେ, ଆଜିର ଶ୍ରମ ବଜାରରେ କର୍ମଚାରୀମାନେ ନୈତିକ ଭାବରେ ସ୍ୱୟଂ ପ୍ରେରଣା ପାଇବେ ବୋଲି ଆଶା କରିବା ବୃଥା । ଠିକ ଟ୍ରାଫିକ୍ ଜାମ୍ ମଧ୍ୟରେ ଧ୍ୟାନ କରିବାକୁ କହିବା ଭଳି । ନିଯୁକ୍ତିଦାତାମାନେ କର୍ମ କ୍ଷେତ୍ରରେ 'ପରିବାର ସଂସ୍କୃତି' କଥା ପ୍ରଚାର କରନ୍ତି । କିନ୍ତୁ କମ୍ ଦରମାରେ କର୍ମଚାରୀର ପରିବାର କେମିତି ଚଳୁଛି ସେ କଥା କେବେ ପଚାରନ୍ତି ନାହିଁ । ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ଏହି ବିରୋଧାଭାସ ଅଜାଣତରେ ନୁହେଁ, ବରଂ ଏହା ଏକ ଗଠନମୂଳକ । ଯଦି କାର୍ଯ୍ୟ ସଂସ୍କୃତିରେ ମର୍ଯ୍ୟାଦା, ନ୍ୟାୟ ଓ ସ୍ୱର ଅନୁପସ୍ଥିତ ରହିବ ତେବେ କୌଣସି ପ୍ରେରଣାଦାୟକ ପୋଷ୍ଟର, ଯୋଗ ଅଧିବେଶନ କିମ୍ବା ଟିମ ଆଉଟିଙ୍ଗ ଏହି ଅନିଶ୍ଚିତତାକୁ ନୈତିକ ଆହ୍ୱାନରେ ପରିଣତ କରିପାରିବ ନାହିଁ ।

ତେଣୁ ଏକ ସୁନ୍ଦର ଭବିଷ୍ୟତର ଆବଶ୍ୟକତା ଅଛି, ଯେଉଁଠାରେ ସଂସ୍ଥାଗୁଡ଼ିକ ଲାଭ ବୃଦ୍ଧିକାରୀ ଯନ୍ତ୍ର ଭାବେ ନୁହେଁ, ବରଂ ସାମାଜିକ ଅଂଶୀଦାର ପରି ଆଚରଣ କରିବାକୁ ପଡ଼ିବ । ସେଯାଏଁ କର୍ମଚାରୀମାନେ ନିଜ ପରିଚାଳକ ଓ କାର୍ଯ୍ୟାଳୟ ମୁଖ୍ୟଙ୍କ ପ୍ରେରଣାଦାୟକ ଭାଷଣରେ ମୁଣ୍ଡ ନୁଆଁଇ ହଁ ମାରି ଚାଲୁଥିବେ । ଅବଚେତନ ମନରେ ଭବିଷ୍ୟତ, ପରିବାର, ଦାୟିତ୍ୱ ବିଷୟରେ ଚିନ୍ତା କରୁଥିବେ ଏବଂ ଗୁପ୍ତ ଭାବରେ ଅନ୍ୟତ୍ର ଚାକିରି କିମ୍ବା ସୁଯୋଗ ଖୋଜୁଥିବେ । ପରିବାର, ଜୀବନ ଓ ପେଟପାଟଣା ପାଇଁ ଏହା ହିଁ 'ଆନ୍ତରିକ ପ୍ରେରଣା'ର ସବୁଠାରୁ ସଚ୍ଚୋଟ ରୂପ; ନୁହେଁ କି?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨ ।

## ସାମ୍ବିଧାନିକ ମୂଲ୍ୟବୋଧ ଓ ଦେଶ ପ୍ରତି ଆମ ଦାୟିତ୍ୱ

ନିରଞ୍ଜନ ନାୟକ




ଗୋଟିଏ ପରିବାରର ସୁପରିଚାଳନା ପାଇଁ ଆବଶ୍ୟକ ହୁଏ କିଛି ନିର୍ଦ୍ଦିଷ୍ଟ ନିୟମ ବା ବ୍ୟବସ୍ଥା । ବିଶେଷକରି ପାରିବାରିକ ବ୍ୟବସ୍ଥାର ପରିଚାଳନା ଭାର ପରିବାରର ଜଣେ ବରିଷ୍ଠଙ୍କ ମୌଖିକ ବ୍ୟବସ୍ଥା ଦେଇ ପରିଚାଳିତ ହୋଇଥାଏ ସତ, କିନ୍ତୁ ପରିବାରର ଆଲୋଚନା ଓ ପର୍ଯ୍ୟାଲୋଚନା ପରର ନିଷ୍କର୍ଷ ଗୋଟିଏ ପରିବାରକୁ ସଶକ୍ତ, ସମୃଦ୍ଧ ଓ ପ୍ରଗତିଶୀଳ କରାଇବାରେ ସହାୟକ ହୋଇଥାଏ । ଶହେ ଚାଳିଶ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ସୁପରିଚାଳନା ତଥା ବିକାଶ ପାଇଁ ଏକ ନିର୍ଦ୍ଦିଷ୍ଟ ଲିଖିତ ନୀତି ନିୟମ ପ୍ରଚଳିତ ହୋଇଛି । ଭାରତୀୟ 'ସମ୍ବିଧାନ' ନାମରେ ପରିଚିତ ଏହି ଗ୍ରନ୍ଥରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଅନ୍ତର୍ଭୁକ୍ତ । ଏକ ବଳିଷ୍ଠ ଗଣତନ୍ତ୍ର ପାଇଁ ଦେଶର ସମ୍ବିଧାନର ଭୂମିକା ଅନନ୍ୟ ଓ ଗୁରୁତ୍ୱପୂର୍ଣ୍ଣ ।

ସମ୍ବିଧାନ ପ୍ରଣେତା ଭାବେ ବିଦିତ ଡ. ଭୀମରାଓ ଆମ୍ବେଦକର କହିଥିଲେ- ଭାରତୀୟ ସମ୍ବିଧାନ ଏକ କଠୋର ଆଇନଗତ ଦଲିଲ ନୁହେଁ, ବରଂ ଏହା ଏକ ଜୀବନ୍ତ ଏବଂ ଗତିଶୀଳ ଅଙ୍ଗ, ଯାହା ସମାଜର ପରିବର୍ତ୍ତନଶୀଳ ଆବଶ୍ୟକତା, ମୂଲ୍ୟବୋଧ ଓ ଆକାଂକ୍ଷାକୁ ପ୍ରତିଫଳିତ କରେ । ସମ୍ବିଧାନ କେବଳ ଏକ ଆଇନଗତ ଗ୍ରନ୍ଥ ନୁହେଁ, ଯାହା କେବଳ ଆଇନଜୀବୀମାନଙ୍କ ଦ୍ୱାରା ବ୍ୟବହୃତ ହୁଏ । ସମ୍ବିଧାନ ଦେଶର ଲୋକମାନଙ୍କର ଦୈନନ୍ଦିନ ଜୀବନକୁ ପରିଚାଳନା କରେ ଏବଂ ଏହା ଏକ ଗତିଶୀଳ ଯାନ ପରି, ଯାହା ସମାଜକୁ ଆଗକୁ ନେଇଯାଏ । ଏହାର ଆତ୍ମା ସର୍ବଦା ପ୍ରାଚୀନ, ଯାହା ସମୟ ସହିତ ପରିବର୍ତ୍ତନ ହୁଏ ଏବଂ ସାମ୍ପ୍ରତିକ ସମାଜର ମୂଲ୍ୟବୋଧ ଓ ଆବଶ୍ୟକତା ସହିତ ଯୋଡ଼ି ହୋଇ ରହିଥାଏ ।

ସାମ୍ବିଧାନିକ ଅଧିକାର ଓ ନାଗରିକମାନଙ୍କ ଦେଶ ପ୍ରତି ଦାୟିତ୍ୱବୋଧ ରହିଲେ ସାମ୍ବିଧାନିକ ମୂଲ୍ୟବୋଧ ବ୍ୟାପକ ହୋଇପାରିବ । ଦେଶ ଓ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଓ ଦାୟିତ୍ୱକୁ ଆଜିର ଯୁବପିଢ଼ି ଗଭୀର ରୂପେ ହୃଦୟଙ୍ଗମ କଲେ ସମ୍ବିଧାନର ମହତ୍ତ୍ୱ ସୁଦୂରପ୍ରସାରୀ ହୋଇପାରିବ । ଆମେ ସମସ୍ତେ ମୌଳିକ ଅଧିକାର ବିଷୟରେ ବହୁତ ଜୋରରେ କଥା ହେଉ । କିନ୍ତୁ ଯେତେବେଳେ ଦେଶ ପ୍ରତି ଆମର ମୌଳିକ କର୍ତ୍ତବ୍ୟ କଥା ଆସେ, ଦେଶକୁ ରକ୍ଷା କରିବା ଏବଂ ସଦ୍ଭାବନାକୁ ପ୍ରୋତ୍ସାହିତ କରିବା ବେଳେ ଆମେ ସମସ୍ତେ ଦ୍ୱିଧାଗ୍ରସ୍ତ ଅବସ୍ଥାରେ ପଡ଼ିଯାଉ । ଏହି ସମ୍ବିଧାନ ଆମକୁ ସମାଜ ଏବଂ ଦେଶ ପ୍ରତି ଦାୟିତ୍ୱ ନିର୍ଣ୍ଣୟ କରିବାର ମୌଳିକ କର୍ତ୍ତବ୍ୟ ଦେଇଛି । କିନ୍ତୁ ଆମେ ଦେଶକୁ ରକ୍ଷା କରିବା ଏବଂ ଭାରତୀୟ ସମ୍ବିଧାନ ପାଳନ କରିବା ପାଇଁ କେହି କଥା ହେବାକୁ ଚାହୁଁନାହାନ୍ତି । ଆମେ ସବୁକିଛି ଚାହୁଁଛୁ, କିନ୍ତୁ ପ୍ରତିବଦଳରେ କିମ୍ବା ଏହାକୁ ଆମର ଦାୟିତ୍ୱ ଭାବରେ ବିଚାର କରିବାକୁ ଚାହୁଁନାହୁଁ ।

'ଆଗ ଦେଶ ଆଉ ସବୁ ପଛ' ଏହି ଭାବନାର ଉଦ୍ରେକ ଆଜିର ଯୁବପିଢ଼ି ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ମୌଳିକ କର୍ତ୍ତବ୍ୟଗୁଡ଼ିକ ମୁଖ୍ୟତଃ ପୂର୍ବତନ ସୋଭିଏତ୍ ୟୁନିଅନ୍ ଦ୍ୱାରା ଅନୁପ୍ରାଣିତ ହୋଇଥିଲା । ଭାରତରେ ମୋଟ ଏଗାରଟି ଅତ୍ୟାବଶ୍ୟକ କର୍ତ୍ତବ୍ୟ ବା ଆମର ଦାୟିତ୍ୱ ରହିଛି, ଯାହା ଭାରତୀୟ ସମ୍ବିଧାନରୁ ଗ୍ରହଣୀୟ । ଆମର କର୍ତ୍ତବ୍ୟ/ଦାୟିତ୍ୱଗୁଡ଼ିକ ହେଲା - ସମ୍ବିଧାନ ପାଳନ କରିବା ସହ ସ୍ୱାଧୀନତା ସଂଗ୍ରାମର ଆଦର୍ଶ ଅନୁସରଣ କରିବା, ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ରକ୍ଷା କରିବା ସହ ଦେଶକୁ ରକ୍ଷା କରିବା ଏବଂ ଆହ୍ୱାନ ଆସିଲେ ଜାତୀୟ ସେବା ପ୍ରଦାନ କରିବା, ସାଧାରଣ ଭ୍ରାତୃତ୍ୱର ଭାବନା ବିକଶିତ କରିବା, ଦେଶର ସଂସ୍କୃତିକୁ ସଂରକ୍ଷଣ କରିବା, ପ୍ରାକୃତିକ ପରିବେଶ ଓ ଜୈବ ବିବିଧତାର ସଂରକ୍ଷଣ କରିବା, ବୈଜ୍ଞାନିକ ମନୋଭାବ ଓ ମାନବତା ବିକାଶ କରିବା, ଅହିଂସା ମାର୍ଗରେ ଚାଲିବା, ଜୀବନର ସମସ୍ତ କ୍ଷେତ୍ରରେ ଉତ୍କର୍ଷ ପାଇଁ ଚେଷ୍ଟା କରିବା, ସମସ୍ତ ପିତାମାତା/ଅଭିଭାବକଙ୍କ କର୍ତ୍ତବ୍ୟ ହେଉଛି ଯେ ସେମାନେ ୬ ରୁ ୧୪ ବର୍ଷର ଶିଶୁଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ସୁନିଶ୍ଚିତ କରିବେ ।

ମୌଳିକ କର୍ତ୍ତବ୍ୟ ସୃଷ୍ଟି କରିବା ପଛରେ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକ ଅନୁଭବ କରିବା ଉଚିତ ଯେ, ପ୍ରଥମ ହେଉଛି ଦେଶକୁ ରକ୍ଷା କରିବା ଏବଂ ପ୍ରତ୍ୟେକ କାର୍ଯ୍ୟ ଏବଂ ଲକ୍ଷ୍ୟଠାରୁ ଜାତୀୟ ସ୍ୱାର୍ଥ ଆଗରେ ରହିବା ଉଚିତ । ଭାରତୀୟ ମୌଳିକ କର୍ତ୍ତବ୍ୟରେ ଭାରତୀୟ ସମ୍ବିଧାନକୁ ପାଳନ କରିବା, ଆମର ଜାତୀୟ ପତାକାକୁ ସମ୍ମାନ କରିବା, ଜାତୀୟ ସଙ୍ଗୀତ ପ୍ରତି ସମ୍ମାନର ଭାବନା ରଖିବା ଏବଂ ସାର୍ବଜନୀନ ସମ୍ପତ୍ତିକୁ ସୁରକ୍ଷା ଦେବା ଅନ୍ତର୍ଭୁକ୍ତ । ବିଶ୍ୱର ଦ୍ୱିତୀୟ ଜନସଂଖ୍ୟା ବିଶିଷ୍ଟ ଭାରତ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ପରିଚିତ । ତେଣୁ ଆମ ଭଳି ସମସ୍ତ ନାଗରିକଙ୍କ ପାଇଁ ସମ୍ବିଧାନ ପାଲଟିଛି ଏକ ଅଭିନ୍ନ ଅଙ୍ଗ ।

ରାୟଗଡ଼, ମୋ: ୯୪୩୭୩୧୭୪୧୭

## ବିଲାରାରେ ପୂଜା ପାଆନ୍ତି ଦୈତ୍ୟ ରାଜା ବଳି

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ପୌରାଣିକ ଗାଥା ଅନୁସାରେ ଅନନ୍ୟ ବିଷ୍ଣୁଭକ୍ତ ପ୍ରହ୍ଲାଦଙ୍କର ପୌତ୍ର ମହାରାଜା ବଳିଙ୍କୁ ଦାନବୀର ତଥା ମହାଶକ୍ତିଶାଳୀ ରାଜାବଳୀ ଭାବେ ବର୍ଣ୍ଣନା କରାଯାଇଛି । ରାଜା ବଳି ଦୈତ୍ୟକୁଳରେ ଜନ୍ମିଥିଲେ ମଧ୍ୟ ବିଷ୍ଣୁଭକ୍ତିରେ ଲୀନ ଥିଲେ । ତେଣୁ ତାଙ୍କୁ ଭାରତର ଅନେକ ସ୍ଥାନରେ ଦେବତା ଭାବେ ପୂଜା କରାଯାଉଛି । ବିଶେଷଭାବେ ରାଜସ୍ଥାନର ବିଲାରା ଓ କେରଳରେ ବଳିଙ୍କ ପୂଜା ବିଶେଷ ରୀତିନୀତି ଦ୍ୱାରା ସମ୍ପନ୍ନ ହୋଇଥାଏ ।

ରାଜସ୍ଥାନର ବିଲାରାଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଗୋଟିଏ ଛୋଟ ପାହାଡ଼ ଉପରେ ନିର୍ମିତ ରାଜା ବଳିଙ୍କ ମନ୍ଦିର । ଲୋକକଥା ଅନୁସାରେ ଏହା ସେହି ପାହାଡ଼, ଯେଉଁଠି ରାଜା ବଳି ତାଙ୍କର ୧୦୦ତମ ଯଜ୍ଞାନୁଷ୍ଠାନ ସମ୍ପୂର୍ଣ୍ଣ କରିଥିଲେ ଏବଂ ଭଗବାନ ଶ୍ରୀବିଷ୍ଣୁ ଏହି ସ୍ଥାନରେ ବାମନ ବ୍ରାହ୍ମଣ ରୂପେ ଆବିର୍ଭୂତ ହୋଇ ବଳିଙ୍କୁ ତିନିପାଦ ଭୂମି ମାଗିଥିଲେ । ଆଜି ମଧ୍ୟ ଏଠାରେ ରାଜାବଳିଙ୍କ ଯଜ୍ଞାନୁଷ୍ଠାନର ଧ୍ୱଂସାବଶେଷ ଦେଖିବାକୁ ମିଳେ । ଏଠାରେ ନିର୍ମିତ ବଳି ମନ୍ଦିରର ଗର୍ଭଗୃହରେ ଗୋଟିଏ ବିଶାଳ ଗର୍ତ୍ତ ରହିଛି । ଏହି ଗର୍ତ୍ତକୁ ଗୋଟିଏ ବିଶାଳ ପଥର ଦ୍ୱାରା ଆବୃତ୍ତ କରି ରଖାଯାଇଛି । ବିଶ୍ୱାସ କରାଯାଏ ଯେ, ଏହା ସେହି ସ୍ଥାନ, ଯେଉଁଠି ଶ୍ରୀବିଷ୍ଣୁ ରାଜା ବଳିଙ୍କୁ ପାତାଳପୁରକୁ ପ୍ରେରଣ କରିଥିଲେ । ଏହି ସ୍ଥାନରେ ପ୍ରତିଦିନ ବିଧିବିଧାନର ସହ ରାଜା ବଳିଙ୍କ ପୂଜାର୍ଚ୍ଚନା କରାଯାଏ । ବିଲାରାସ୍ଥିତ ଆଇମାତା ଦେବୀଙ୍କ ମନ୍ଦିର ପରିସର ଭିତରେ ଥିବା କଳ୍ପତରୁ ଓ ଦେବଦାରୁ ନାମକ ବିଶାଳ ବୃକ୍ଷକୁ ତୀର୍ଥସ୍ଥଳର ମାନ୍ୟତା ମିଳିଛି । ବିଶ୍ୱାସ ରହିଛି ଯେ, ଏହି ବୃକ୍ଷତୀର୍ଥରେ ଥିବା ଦେବଦାରୁ ବୃକ୍ଷକୁ ରାଜା ବଳି ସ୍ୱର୍ଗପୁରରୁ ଏଠାକୁ ଆଣିଥିଲେ । ଏହି ବୃକ୍ଷର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଏହାର ଶାଖାରେ ପ୍ରାକୃତିକ ଭାବେ ଅନେକ ଦେବୀଦେବତାଙ୍କ ଚିତ୍ର ଖୋଦିତ ହୋଇଥିବାର ଦେଖିବାକୁ ମିଳିଥାଏ ଏବଂ ବର୍ଷକରେ ଥରେ କେବଳ ଶ୍ରାବଣ ମାସରେ ଏହି ବୃକ୍ଷରେ ପତ୍ର ଆସିଥାଏ । ତେଣୁ ଏହି ଚମତ୍କାରୀ ତୀର୍ଥବୃକ୍ଷକୁ ପୂଜା କରିବା ସହିତ ରାଜା ବଳିଙ୍କ ନାମ ସ୍ମରଣ କରି ଏହାର ପ୍ରଦକ୍ଷିଣ କରିବା ଦ୍ୱାରା ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ରାଜସ୍ଥାନ-ଜୟପୁରର ବେରାଠ ପାହାଡ଼ରୁ ନିର୍ଗତ ବାଣଗଙ୍ଗା ନଦୀ ମଧ୍ୟ ବଳିଙ୍କୁ ସମର୍ପିତ । ଏହି ପ୍ରାଚୀନ ତୀର୍ଥସ୍ଥଳକୁ ରାଜସ୍ଥାନର ଦ୍ୱିତୀୟ ପୁଷ୍କର ମଧ୍ୟ କୁହାଯାଏ । ଜନଶ୍ରୁତି ଅନୁଯାୟୀ ଏକଦା ରାଜାବଳିଙ୍କ ରାଜ୍ୟରେ ମରୁଡ଼ି ଦେଖାଗଲା । ରାଜା ବଳି ଗୋଟିଏ ବାଣ ଭୂମି ଉପରକୁ ନିକ୍ଷେପ କଲେ । ସେହି ସ୍ଥାନରୁ ପାଣିର ଅବିରତ ଝରର ସୃଷ୍ଟି ହେଲା ଏବଂ ବାଣରୁ ଜଳ ସୃଷ୍ଟ ହୋଇଥିବାରୁ ତାହାକୁ 'ବାଣଗଙ୍ଗା' ବୋଲି କୁହାଗଲା । ଏହି 'ବାଣଗଙ୍ଗା' ତୀର୍ଥରେ ସ୍ନାନ କଲେ ସମସ୍ତ ପାପ ନାଶ ହୋଇଯାଏ ବୋଲି ବିଶ୍ୱାସ ରହିଛି । ବିଶେଷଭାବେ କାର୍ତ୍ତିକ ମାସରେ ଏହି ତୀର୍ଥରେ ସ୍ନାନ କରି ରାଜା ବଳିଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବାର ବିଧି ମଧ୍ୟ ରହିଛି । କାର୍ତ୍ତିକ ପୂର୍ଣ୍ଣିମା ଦିନ ଏଠାରେ ରାଜା ବଳିଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଏ ।

କେରଳର ରାଷ୍ଟ୍ରୀୟ ପର୍ବ ଓଣମ୍ ରାଜା ବଳିଙ୍କୁ ସମର୍ପିତ । ବିଶ୍ୱାସ ରହିଛି ଯେ, ଓଣମ୍ ପର୍ବର ତିନିଦିନ ରାଜା ବଳି ପ୍ରଜାମାନଙ୍କର ଦୁଃଖଦୁର୍ଦ୍ଦଶା ଦୂର କରିବା ପାଇଁ ପାତାଳପୁରରୁ ମର୍ତ୍ତ୍ୟମଣ୍ଡଳକୁ ଆସିଥା'ନ୍ତି । କେରଳରେ ଥିବା ତ୍ରିକ୍କାକାରା ବାମନମୂର୍ତ୍ତି ମନ୍ଦିର ଶ୍ରୀବିଷ୍ଣୁଙ୍କୁ ସମର୍ପିତ ହୋଇଥିଲେ ମଧ୍ୟ ଏହା ଓଣମ୍ ପର୍ବର କେନ୍ଦ୍ରସ୍ଥଳ ଭାବେ ମାନ୍ୟତା ପ୍ରାପ୍ତ । ଏହି ମନ୍ଦିରରେ ଶ୍ରୀବିଷ୍ଣୁଙ୍କ ବାମନ ଅବତାରର ପୂଜାର୍ଚ୍ଚନା କରିବା ସହିତ ଭକ୍ତମାନେ ରାଜା ବଳିଙ୍କୁ ମଧ୍ୟ ସ୍ମରଣ କରି ଓଣମ୍ ପର୍ବର ଶୁଭାରମ୍ଭ କରିଥା'ନ୍ତି । ଦୀପାବଳୀର ଦ୍ୱିତୀୟ ଦିନ ଦକ୍ଷିଣ ଭାରତରେ 'ମାର୍ଗପାଳି' ପୂଜା ନାମରେ ଏକ ପର୍ବ ପାଳନ କରାଯାଏ ଏବଂ ସନ୍ଧ୍ୟା ସମୟରେ ରାଜା ବଳିଙ୍କ ପୂଜା କରାଯାଏ । ବିଶ୍ୱାସ ରହିଛି ଯେ ଏହି ଦିନ ଶ୍ରୀବିଷ୍ଣୁ ରାଜା ବଳିଙ୍କୁ ପାତାଳର ରାଜା ଘୋଷିତ କରିବା ସହିତ ଚିରଞ୍ଜୀବୀ ହେବା ପାଇଁ ବରଦାନ ଦେଇଥିଲେ । ଏହି ଦିନ ଯେଉଁ ଭକ୍ତ ଶ୍ରୀବିଷ୍ଣୁଙ୍କ ସହିତ ବଳିଙ୍କ ପୂଜା କରିବେ, ସେ କେବେ କୌଣସି ଦୁର୍ଦ୍ଦଶା ଭୋଗ କରିବେ ନାହିଁ ଏବଂ ତାଙ୍କ ଜୀବନରେ ଅଶେଷ ସୁଖସମୃଦ୍ଧି ବାସ କରିବ - ଏହି ବରଦାନ ସ୍ୱୟଂ ନାରାୟଣ ବଳିଙ୍କୁ ଦେଇଥିଲେ । ତେଣୁ ଉକ୍ତ ପୌରାଣିକ କଥା ଅନୁସାରେ ଦକ୍ଷିଣ ଭାରତୀୟ ଭକ୍ତମାନେ ଘରର ମାର୍ଗ (ରାସ୍ତା) ଏବଂ ମୁଖ୍ୟଦ୍ୱାରକୁ ସଫା କରି ବିଭିନ୍ନ ପୁଷ୍ପ ଓ ପତ୍ରରେ ସଜ୍ଜିତ କରିଥା'ନ୍ତି । ଏହାପରେ 'ମାର୍ଗପାଳି' ମନ୍ତ୍ର ଜପ ଦ୍ୱାରା ପୂଜାର୍ଚ୍ଚନା ସମ୍ପନ୍ନ କରାଯାଏ ଏବଂ ସନ୍ଧ୍ୟା ସମୟରେ ରାଜାବଳିଙ୍କ ଉଦ୍ଦେଶ୍ୟରେ ଅନ୍ୟ ଏକ ମନ୍ତ୍ର ଜପ କରିବା ସହ ସୁଖସମୃଦ୍ଧି ବୃଦ୍ଧି କରିବା ପାଇଁ ପ୍ରାର୍ଥନା କରାଯିବାର ବିଧି ରହିଛି ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ଯୋଗାଯୋଗ ଠିକଣା

ସକାଳ
THE SAKALA

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ବ୍ରହ୍ମପୁରରେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆଜିଠାରୁ

ବ୍ରହ୍ମପୁର,୪।୧୨(ସମିସ): ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ଶୁକ୍ରବାରଠାରୁ ତୃତୀୟ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆୟୋଜିତ ହେବ। ଡିସେମ୍ବର ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଦେଶ ବିଦେଶର ବିଭିନ୍ନ ପ୍ରକାର ସାମଗ୍ରୀର ପ୍ରଦର୍ଶନୀ ସହ ବିକ୍ରିବଟା ହେବ। ଭୁବନେଶ୍ୱରର ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମେଳାର ଆୟୋଜନ କରାଯାଉଛି। ଏନେଇ ୟୁସିପି ପଡ଼ିଆରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ବର୍ଷ ମେଳାକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଛି। ଏଥିରେ ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ଭିନ୍ନ ଭିନ୍ନ ଦେଶରୁ ବ୍ୟବସାୟୀ ନିଜ ସାମଗ୍ରୀ ସହ ଅଂଶଗ୍ରହଣ କରିବେ। ୧ଲକ୍ଷରୁ ଊର୍ଦ୍ଧ୍ୱ କିସମର ସାମଗ୍ରୀକୁ ଗୋଟିଏ ସ୍ଥାନରେ ଦେଖିବାର ଓ ଉପଭୋଗ କରିବାର




ସୁଯୋଗ ପାଇବେ ଦର୍ଶକ ଓ ଗ୍ରାହକ। ମେଳାରେ ପ୍ରଦର୍ଶିତ ହେବାକୁ ଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ସୋଫାସେଟ୍, ଡାଇନିଂ ସେଟ୍ ଓ ଝୁଲା ଆଦି କାଶ୍ମୀର ଫର୍ଣ୍ଣିଚର୍, ଆଫଗାନିସ୍ତାନର ୧୦୦ ପ୍ରକାରର ଡ୍ରାଏଫ୍ରୁଟ୍, ଇରାନରୁ ଇରାନୀ ଖଜୁର, ଥାଇଲାଣ୍ଡର ଜୁଏଲାରୀ ଏବଂ ଫୁଟ ୱେର୍, ମହିଳାମାନଙ୍କ ପାଇଁ କୋରିଆନ୍ ଆଭୂଷଣ ଓ ଘରସଜା ସାମଗ୍ରୀ, ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ, ପ୍ରାଚୀନ ଧାତୁ ଓ ଏଡି ପଥର ଅଳଙ୍କାର, ଇରାନୀ କାର୍ପେଟ୍, ସାରା ବିଶ୍ୱର ପ୍ରାଚୀନ ଧାତୁ ଏବଂ ପିତ୍ତଳ, ଦୁବାଇ ପୋଷାକ, ପ୍ରାଚୀନ ସାଜସଜ୍ଜା କାଷ୍ଠ ଫ୍ରେମ୍, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶର ଚମଡ଼ା ପଦାର୍ଥ, ସିଙ୍ଗାପୁର ସାମଗ୍ରୀ, ଖଦୀ, ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ବାଂଲାଦେଶ ଏବଂ ସମ୍ବଲପୁରର ପୋଷାକ ସହିତ ଶାଢ଼ୀ, ଚମ୍ପାରଣ ମଟନ୍, ଇଲେକ୍ଟ୍ରୋନିକ୍ସ, ସୌନ୍ଦର୍ଯ୍ୟ ସାମଗ୍ରୀ ଓ ଉପଭୋକ୍ତା ସାମଗ୍ରୀର ହେବ ବିକ୍ରିବଟା।

ଚଳିତ ବର୍ଷ ମେଳାରେ ତଥା ବ୍ରହ୍ମପୁର ସହରରେ ପ୍ରଥମଥର ପାଇଁ ପ୍ରଦର୍ଶିତ ହେବାକୁ ଥିବା 'ଜଳପରି ଶୋ' ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଜଳପରୀ କାର୍ଯ୍ୟକ୍ରମ ଦେୟଯୁକ୍ତ ଥିବା ବେଳେ ଇଣ୍ଡୋନେସିଆ, ବର୍ଲି ଓ ଫିଲିପାଇନ୍ସ ଭଳି ଦେଶରୁ ଜଳପରୀ ଆସୁଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା, ପାୟଲ ଆଚାର୍ଯ୍ୟ ଗୁପ୍ତା, ଇଭେଣ୍ଟ ସଂଯୋଜକ ବୀର ବାହାଦୂର ସିଂ ଓ ଜଳପରୀ ମ୍ୟାନେଜର ମହମ୍ମଦ ଇମରାନ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଦୁଇ ସାଙ୍ଗ ମୃତ

କୁଚିଣ୍ଡା, ୪।୧୨ (ସମିସ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଜରବଗା ମଦଭାଟିପଡ଼ା ନିକଟରେ ଆଜି ଏକ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କେଶାଇବାହାଲ ପଞ୍ଚାୟତ ଭିକାପାଲି କନ୍ଦାମୁଣ୍ଡା ଗ୍ରାମର ମାନେଶ ମୁଣ୍ଡା ଓ ଆକାଶ ମୁଣ୍ଡା। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଶିବାନ ମୁଣ୍ଡା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ଭିମସାର୍‌ରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଖବର ପାଇ ମହୁଲପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ମାନେଶ, ଆକାଶ ଓ ଶିବାନ ଆଜି ଏକ ବାଇକ୍‌ରେ ଜରାବଗା ଗ୍ରାମକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଗାଁକୁ ଫେରୁଥିବା ବେଳେ ମଦ ଭାଟିପଡ଼ା ନିକଟରେ ସେମାନଙ୍କ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ମାନେଶଙ୍କ ମୃତ୍ୟୁ ହୋଇଥିବା ବେଳେ ଆକାଶ ଓ ଶିବାନ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ଦୁହିଁଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ରେ ବୁର୍ଲାଠାରେ ଆକାଶକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶିବାନଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଥିବା ଜଣାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ଗାନ୍ଧୀଙ୍କ...

ଗୃହ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ବିରୋଧୀଦଳ ଉପନେତା ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ଗାନ୍ଧୀଙ୍କୁ ବିଧାନସଭାରେ ଅପମାନିତ କରିବା ଅର୍ଥ ସାରା ରାଷ୍ଟ୍ରକୁ ଅପମାନ କରିବା। ସ୍ୱାଧୀନତା ଆନ୍ଦୋଳନର ମଧ୍ୟ ଏହା ଅପମାନ। ଗାନ୍ଧୀଜୀଙ୍କୁ ଭାରତ ବିଭାଜନ ପାଇଁ ଦାୟୀ କରିବାଠାରୁ ଅସମୀଚିନ, ଅଯୁକ୍ତିକ ଓ ଅଜ୍ଞାନମୂଳକ କଥା କିଛି ନାହିଁ। ପବିତ୍ର ଗୃହ ଭିତରେ ଏକଥା କହି ଗୃହକୁ ବିଜେପି ଅପବିତ୍ର କରିଛି। ଏହି ମନ୍ତବ୍ୟ ବିରୋଧରେ ଆମେ ଗାନ୍ଧୀଙ୍କ ପନ୍ଥା ଅବଲମ୍ବନ କରିଛୁ। ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଆମେ ମୌନ ଧରଣାରେ ବସିଛୁ। ପବିତ୍ର ଗୃହ ଭିତରେ ଯେଉଁମାନେ ଇତିହାସକୁ ବିକଳାଙ୍ଗ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ଇତିହାସ କେବେ କ୍ଷମା ଦେବ ନାହିଁ। ଗାନ୍ଧୀଜୀ ଏ ଜାତିର ପିତା; ବିଧାନସଭାର ପୋଡ଼ିୟମରେ ବାଚସ୍ପତିଙ୍କ ପଛପଟେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଲାଗିଛି। ତାଙ୍କୁ ବିଜେପି ବିଧାୟକଙ୍କ ଲାଞ୍ଛନାକୁବିଜୁ ଜନତା ଦଳ ବିରୋଧ କରୁଛି। ତେଣୁ ଏହି ମନ୍ତବ୍ୟ ପାଇଁ ସମ୍ପୃକ୍ତ ସଦସ୍ୟ କ୍ଷମାପାର୍ଥନା କରିବା ସହ ବାଚସ୍ପତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡାମ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଦେଶକୁ ସ୍ୱାଧୀନ କରିଛନ୍ତି। ତାଙ୍କ ବିରୋଧରେ ଅପସୂଚକ ମନ୍ତବ୍ୟ ଦେବା ବିଜେପିର ଅସଲ ମାନସିକତାକୁ ପଦାରେ ପକାଇଛି। ଯେପର୍ଯ୍ୟନ୍ତ ସମ୍ପୃକ୍ତ ସଦସ୍ୟ କ୍ଷମା ମାଗି ନାହାନ୍ତି, କଂଗ୍ରେସ ଦଳ ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ କାଡାମ୍ କହିଛନ୍ତି। ଅନ୍ୟପଟେ ବିରୋଧୀ ସଦସ୍ୟମାନେ ୫ ଟା ୪୧ରୁ ଗୃହ ପରିତ୍ୟାଗ କରିବା ପରେ ବାଚସ୍ପତି ସୁରମା ପାଢ଼ୀ ସଂସଦୀୟ ବ୍ୟାପାରମନ୍ତ୍ରୀ ମୁକେଶ ମହାଲିଙ୍ଗ ସମେତ ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ମନ୍ତ୍ରୀ ରବି ନାୟକଙ୍କ ସହ କିଛି ବିଧାୟକଙ୍କୁ ବିରୋଧୀ ସଦସ୍ୟଙ୍କୁ ବୁଝାଶୁଝା କରି ଗୃହକୁ ଫେରାଇ ଆଣିବା ପାଇଁ ପଠାଇଥିଲେ। ମାତ୍ର ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିବା ହେତୁ ଗୃହ ବାରମ୍ବାର ଅର୍ଥାତ ୭ଟା ୨୫ ପର୍ଯ୍ୟନ୍ତ ମୁଲତବୀ ରହିଥିଲା। ଗୃହ ବାହାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ ଯେ ଜାତିର ପିତା ମହାତ୍ମା ଗାନ୍ଧୀ ସମସ୍ତଙ୍କ ଆଦର୍ଶ। ତାଙ୍କ ବିରୋଧରେ କୌଣସି ମନ୍ତବ୍ୟ ଦେବା ଆମ ଦଳ କିମ୍ବା କୌଣସି ବିଧାୟକଙ୍କର ମଧ୍ୟ ଉଦ୍ଦେଶ୍ୟ ନୁହେଁ। ଏହି ମନ୍ତବ୍ୟକୁ ବାଚସ୍ପତି ମଧ୍ୟ ଗୃହ ବିବରଣୀରୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଧାୟକ ଶ୍ରୀ ଖଟୁଆ ମଧ୍ୟ ଏହାକୁ ନେଇ ଦୁଃଖ ପ୍ରକାଶ କରି ସାରିଛନ୍ତି ବୋଲି କହିଥିଲେ। ଏହାପରେ ମଧ୍ୟ ବିରୋଧୀ ସରକାରଙ୍କଠାରୁ ସ୍ୱଷ୍ଟତା ଚାହିଁଥିଲେ। ଶେଷରେ ସଂସଦୀୟ ବ୍ୟାପର ମନ୍ତ୍ରୀ ଗୃହରେ ପ୍ରତିକ୍ରିୟା ରଖି ଉକ୍ତ ମନ୍ତବ୍ୟକୁ ସରକାର ନାପସନ୍ଦ କରୁଛନ୍ତି ବୋଲି କହିବା ପରେ ୭ ଟା ୨୫ରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

### ହଟିବ ସବୁ...

ଆବଶ୍ୟକତା ନାହିଁ। ଟଙ୍କା ସ୍ୱୟଂଚାଳିତ ଭାବରେ କଟୁଛି। ଗାଡ଼ି ଟୋଲ୍ ଲେନ୍ ଦେଇ ଯିବା ସମୟରେ ଏକ ସେନ୍‌ସର୍ ଟ୍ୟାଗ୍ ରିଡ୍ କରିଥାଏ। ଏହାପରେ ବ୍ୟବହାରକାରୀଙ୍କ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟ କିମ୍ବା ୱାଲେଟ୍‌ରୁ ତତ୍କ୍ଷଣାତ୍ ଟଙ୍କା କଟିଯାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ସାରା ଦେଶରେ ପ୍ରାୟ ୪୫୦୦ ଜାତୀୟ ରାଜପଥ ପ୍ରକଳ୍ପ କାର୍ଯ୍ୟ ଚାଲିଛି, ଯାହାର ମୋଟ ମୂଲ୍ୟ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା।

### ଆଉ ୩୦୦ ବିମାନ...

ଜଣାପଡ଼ିଛି। ପାଇଲଟ ସମେତ ବିମାନ କ୍ରୁ ସଦସ୍ୟଙ୍କ ପାଇଁ ଡିଜିସିଏ ନୂଆ କାର୍ଯ୍ୟ ସମୟ ନିୟମ ନିର୍ଦ୍ଧାରଣ କରିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଛି। ନୂଆ ନିୟମ ଅନୁଯାୟୀ ପାଇଲଟ ଦିନକୁ ସର୍ବାଧିକ ୮ ଘଣ୍ଟା ପାଇଁ ବିମାନ ଉଡ଼ାଇପାରିବେ। ସପ୍ତାହକୁ ୩୫ ଘଣ୍ଟା ଏବଂ ମାସକୁ ୧୨୫ ଘଣ୍ଟା ବିମାନ ଉଡ଼ାଇବା ଲାଗି ସମୟ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ ସମୟ ପରେ ପାଇଲଟଙ୍କୁ ବିମାନ ଉଡ଼ାଣ ପାଇଁ ଅନୁମତି ଦିଆଯାଉନଥିବାରୁ ଏଭଳି ଅପ୍ରୀତିକାର ପରିସ୍ଥିତି ସୃଷ୍ଟି ହୋଇଛି। ଭାରତରେ ଇଣ୍ଡିଗୋ ସମେତ ଏୟାର ଇଣ୍ଡିଆ ଓ ସ୍ପାଇସ୍ ଜେଟ୍ ଭଳି ସଂସ୍ଥା ମଧ୍ୟ ବିମାନ ସେବା ଯୋଗାଉଛନ୍ତି। ତେବେ ଯାତ୍ରୀ ସେବାରେ ଇଣ୍ଡିଗୋର ଭାଗ ୬୫ ଭାଗରୁ ଅଧିକ ଥିବାରୁ ନୂଆ ନିୟମ ଯୋଗୁଁ ଇଣ୍ଡିଗୋ ସର୍ବାଧିକ ପ୍ରଭାବିତ ହୋଇଛି। ଦିନକୁ ଦେଶ ଭିତରେ ଦୈନିକ ୩୩୦୦ ବିମାନ ସେବା ରହିଥିବା ବେଳେ ଏଥିରେ ଇଣ୍ଡିଗୋର ଅଂଶ ହେଉଛି ୨ ହଜାରରୁ ଅଧିକ।

ଅନ୍ୟପକ୍ଷରେ ପାଇଲଟ ଆସୋସିଏସନ୍ ଏଭଳି ବିଭ୍ରାଟ ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛି। ସଂଘ କହିଛି ଯେ ନିୟମରେ ପରିବର୍ତ୍ତନ ପାଇଁ ଡିଜିସିଏ ଉପରେ ଚାପ ପକାଇବା ଲାଗି ଇଣ୍ଡିଗୋ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛି। ନୂଆ ନିୟମ ପରେ ଇଣ୍ଡିଗୋ ଚାହିଁଥିଲେ ଅଧିକ ପାଇଲଟ ଓ ବିମାନ କର୍ମଚାରୀ ନିଯୁକ୍ତି କରିପାରିଥାଆନ୍ତା।

### ବିଧବାଙ୍କୁ ହତ୍ୟା...

ସମ୍ପର୍କ ଗଢ଼ି ଉଠିଥିଲା। ଏହି ସମ୍ପର୍କକୁ ନେଇ ସୁରେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ସମୟ କଳହ ହେଉଥିଲା। ବିବାଦ ଉଗ୍ରରୂପ ନେବାରୁ ସୁରେନ୍ଦ୍ର ନିଜ ଘରଠାରୁ ୯ କିଲୋମିଟର ଦୂର ଦାନ୍ତିମୁହାଁ ନିକଟ କରଞ୍ଜିଆଠାରେ ପାନୀଙ୍କ ସହ ଭଡ଼ାଘରେ ରହୁଥିଲେ। କୌଣସି କାରଣକୁ ନେଇ ପାନୀଙ୍କ ସହ ଝଗଡ଼ା ହେବା ପରେ ତାଙ୍କୁ ସୁରେନ୍ଦ୍ର ହତ୍ୟା କରିଥିବା ନେଇ ପୁଲିସ ସନ୍ଦେହ କରୁଛି। ବେତନଟୀ ପୁଲିସ ଏନେଇ ଅଧିକ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଗିରଫ କରି ପାନୀଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜକୁ ପଠାଇଥିବା ଜଣାପଡ଼ିଛି।

### ହୀରାକୁଦର ଜଳଧାରଣା...

ଥିବାବେଳେ ସରକାର ଏହାକୁ ଗୁରୁତର ସହ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ସେହିପରି ହୀରାକୁଦ ବନ୍ଧ କୂଳରେ ରାଜ୍ୟ ସରକାର ହୋଟେଲ ନିର୍ମାଣ ପାଇଁ ବଡ଼ ବଡ଼ କମ୍ପାନୀଙ୍କୁ ଜମି ପ୍ରଦାନ କରୁଛନ୍ତି। ଏଥିରେ ଆଦାନୀ କମ୍ପାନୀ ମଧ୍ୟ ରହିଛି। ହୋଟେଲ ନିର୍ମାଣ ହେଲେ ଲୋକଙ୍କ ସମାଗମ ହେବ। ଯାହା ବନ୍ଧର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ ବୋଲି ସେ କହିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ବିରୋଧୀ ଦଳ ଉପନେତା ଯେଉଁ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର ପ୍ରସଙ୍ଗ। ଏହି ଆଶଙ୍କା ମଧ୍ୟ ଆଖପାଖ ଲୋକଙ୍କୁ ବେଶ୍ ବିଚଳିତ କରୁଛି। ବନ୍ଧ ନିର୍ମାଣ ପୂର୍ବରୁ ଓଡ଼ିଶାର ଯେତିକି ବଜେଟ ଥିଲା, ତାହା ଗୋଟିଏ ବନ୍ୟା ଆସିଲେ ତାହାର ମୁକାବିଲା ପାଇଁ ଖର୍ଚ୍ଚ ହୋଇ ଯାଉଥିଲା। ମୁଖ୍ୟତଃ ବନ୍ୟା ନିୟନ୍ତ୍ରଣ ପାଇଁ ହୀରାକୁଦ ବନ୍ଧ ନିର୍ମାଣ ହୋଇଥିଲା। ତେବେ ବନ୍ଧ ନିର୍ମାଣ ପରେ ଏଥିରେ ବ୍ୟାପକ ପରିମାଣରେ ମାଟି, ପଟୁ ଜମା ହେବା ଏବେ ବଡ଼ ସମସ୍ୟା। ଅତୀତରେ ମାଟି, ବାଲି ବାହାର କରିବା ପାଇଁ ଜାପାନ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେମାନେ ଏଥିରେ ବିଫଳ ହୋଇଥିଲେ। ବନ୍ଧରୁ ପଟୁ ବାହାର କଲେ ବନ୍ଧର ଜଳ ସଂରକ୍ଷଣ କ୍ଷମତା ବଢ଼ିବ ବୋଲି ସେ କହିଥିଲେ। ସେହିପରି ହୀରାକୁଦ ବନ୍ଧ ପାଖରେ ହୋଟେଲ ନିର୍ମାଣ ପ୍ରସଙ୍ଗରେ ରାଜ୍ୟ ସରକାର ଏନଇ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି। ସରକାର ଏକ୍ଷେତ୍ରରେ ସୁରକ୍ଷାକୁ ମଧ୍ୟ ପ୍ରାଧାନ୍ୟ ଦେଉଛନ୍ତି। ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାର ସଠିକ୍ ଉପଯୋଗ ପାଇଁ ରାଜ୍ୟ ସରକାର ବ୍ୟାପକ ଯୋଜନା କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

### ଆଜି ବୈଷୟିକ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏନେଇ ଏକ ଅନୌପଚାରିକ ଆଲୋଚନା ହୋଇଥିଲା। ପରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂର୍ବାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏ ସଂକ୍ରାନ୍ତୀୟ ଆଲୋଚନା ଆଗକୁ ବଢ଼ିଥିଲା।

ଗତ ଅଗଷ୍ଟ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହ ବିବାଦର ସମାଧାନ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ। ଇତିମଧ୍ୟରେ, ଉଭୟ ରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ କମିଟିର ୬ଥର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାବ୍ୟତୀତ ଆସନ୍ତା ୨୦ ତାରିଖରେ ମହାନଦୀ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ଅନୁଷ୍ଠିତ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୃହରେ ଉତ୍ତର ରଖିଛନ୍ତି।

### ମଦ ପାଇଁ...

ଶଯ୍ୟାଶାୟୀ ଅଛନ୍ତି। ବଡ଼ ପୁଅ ରାୟଗଡ଼ାରେ ରହୁଥିବା ବେଳେ ସାନପୁଅ ବଳିଆ ପ୍ରତିଦିନ ମଦ ପିଇ ଘରେ ଓ ଗାଁରେ ଅଶାନ୍ତି ଘଟାଇଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୫ ଦିନ ତଳେ ବଳିଆ ମଦ ପାଇଁ ନିଜ ପତ୍ନୀଙ୍କୁ ମାରଧର କରିବାରୁ ସେ ଘର ଛାଡ଼ି ତାଙ୍କ ବାପଘରକୁ ପଳାଇଥିବା ଜଣାଯାଇଛି।


ଭା.କ.ନି.
CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ
କପାସ କିସାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୪.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



**ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର ଜିଲ୍ଲା - ବଲାଙ୍ଗିର (ଧାନ ମଣ୍ଡି)**

ଏତଦ୍ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗିର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା. ୦୫.୧୨.୨୦୨୫ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।

"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧି ଓ ବିଷ ମୁକ୍ତ ହୋଇଥିବ।"

ଧାନ କ୍ରୟ ଦିବସ - ସୋମ, ମଙ୍ଗଳ, ବୁଧ, ଗୁରୁ ଶୁକ୍ର, ଶନି ସମୟ - ସକାଳ ୭ ଘଣ୍ଟା ରୁ ମଧାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରି ପାରିବେ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବୀକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦ % |
| ୨. | ଜୈବୀକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା – ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦ % |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ "ଏ" ଧାନ ନିମନ୍ତେ) | ୬.୦ % |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ତତ୍ସହ ଇନ୍‌ପୁଟ ସହାୟତା |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |



ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ୍) ପ୍ରେରଣ କରାଯିବ ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରୀମ ଟୋକନ୍ ପାଇଲା ପରେ ସଂପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଚଳିତ ବର୍ଷ ଟୋକନ୍ ରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କ ଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ। ବିନା ଟୋକନ୍ ରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।

ଚ଼ଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତହୋଇଥିବା ଟୋକନ୍ ଆଣିବେ। ରେଜିଷ୍ଟ୍ରିକୃତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜିକୃତ ହୋଇଥିବା ମୋ. ନଂ ରୁ ଟୋଲ୍ ଫ୍ରି ନଂ 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନ୍‌ର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

I.V.R.S ପଦ୍ଧତିରେ -
୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ।
୬ ନମ୍ବର ଚୟନ କଲେ ଟୋକନ୍ ର ସ୍ଥିତି ଜାଣିପରିବେ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।

ସ୍ୱା - ସଂପାଦକ
ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର

ସ୍ୱା - ଉପଜିଲ୍ଲାପାଳ ବଲାଙ୍ଗିର ତଥା ଅଧ୍ୟକ୍ଷ
ନିୟନ୍ତ୍ରୀତ ବଜାର କମିଟି, ବଲାଙ୍ଗିର



ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL



**TENDER NOTICE**

IGSSS invites quotations from reputed and experienced service providers for designing and installing a 5-metric-ton Solar-based cold storage unit for fisheries. Interested firms are requested to submit their Expression of Interest (EOI) to receive the detailed RFP by emailing procurement@igsss.net within 15 days. For more information, please contact 9711387171 / 7978102371.



OFFICE OF THE PRINCIPAL S.D. WOMEN'S COLLEGE RAJGANGPUR
No./610/sdwc/NAAC/25 Date: 04.12.2025

**QUATATION CALL NOTICE**

Sealed quotations are invited from registered manufacturers / suppliers/ dealers / firms / Contractors having a valid **GST Certificate and Authorisation Certificate** from the manufacturer / service provider for the supply of **Round Table, Executive Chairs. Air Conditioners, Wall-Mounted Cupboards, Desktops, and Laptops.**

The quotations must reach the undersigned **on or before 15.12.2025** by **5:00 PM.**

For detailed specifications, please visit our college website: www.sdwcrgp.ac.in

Sd/- PRINCIPAL, S.D. WOMEN'S COLLEGE, RAJGANGPUR



**JOB VACANCY**
**Yamaha Jaleswar**
YAMAHA

General Manager -01
Salary expectation - 20k to 25k
Work Shop Manager -01
Salary expectation -15k to 20k

Experience in two wheeler Automobiles service center - 3 to 5 years in both posts.

**Khan Motor Yamaha Jaleswar**
**Mob no - 9776483818**



**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ,କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟପରିସର ଅବିଭକ୍ତ କଟକ ଜିଲ୍ଲା ଯଥା-କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account) ରେ ବାର୍ଷିକ ୪.୦୦% ସୁଧ **Daily Balance** ଉପରେ ଦିଆଯାଏ।
- ସ୍ଥାୟୀ ଜମା (**Fixed Deposit**) ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଦୃଷ୍ଟିହୀନ ଓ ସଂପୂର୍ଣ୍ଣ ଶାରୀରିକ ଅକ୍ଷମ ତଥା ଅସହାୟ ପରିବାରକୁ ଜ୍ଞାନଦେବୀ ଗୁରୁକୁଳ ସହାୟତାପ୍ରଦାନ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (**Senior Citizen**)ଙ୍କ ଜମା ଉପରେ ଯେ କୌଣସି ଗୋଟିକରେ ୦.୫୦% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- ଆପଣଙ୍କ ଜମା ଖାତା ସୋସାଇଟିର ଯେକୌଣସି ଶାଖାରେ ଥିଲେ ମଧ୍ୟ **CBS** ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ଶାଖାରେ କାରବାର ସୁବିଧା ଉପଲବ୍ଧ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ ଜଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ ଖୁବଶୀଘ୍ର କାର୍ଯ୍ୟାରମ୍ଭ ହେବାକୁ ଯାଉଛି।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାତମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତପୁର ଓ କାଳିଜଦ୍ରୁପୁରଠାରେ ଶାଖା ଗୁଡିକ ସୁଚାରୁରୂପେ କାର୍ଯ୍ୟ କରୁଛି।

ଅରବିନ୍ଦ ସାହୁ
ସଂପାଦକ
ମୋ.- ୯୧୨୪୨୫୪୪୧୯

ପ୍ରମୋଦ ସାହୁ
ସଭାପତି
ମୋ.- ୯୧୨୪୨୫୪୪୧୮



**NOTICE**

By virtue of an Affidavit sworn before Executive Magistrate, Bhubaneswar. dated 29.11.2025.CF No.01, I, **Trinalh Saboo,** aged about 45 years, S/O: Sankar Sahoo, residing at Totapada, PO: Baku, PS: Gadisagada, Dist: Puri, PIN: 752019, Aadhaar No.4560 6087 3983 Currently residing at above address, declare that I have changed the name of my daughter from my name from **Somali Sahoo** (old name) to **Sonali Sahoo** (new name). Henceforth she shall be known as **Sonuli Sahoo** for all purposes.
Sd/- Trinath Sahoo

**AFFIDAVIT**

By virtue of an affidavit before the Executive Magistrate, Bolagarh, on dated- 01.12.2025 at about 10.30 am. I Rabindra Kumar Behera, S/o Dasharathi Behera, permanent resident of At- Trutiapada, PO- Bolagarh, PS- Bolagarh, Dist- Khordha, Odisha, PIN- 752066 declare that I have changed my son's / daughter's name from P.R Palvit Kumar Behera to Palvit Kumar Behera. Henceforth, he/she shall be known as **Palvit Kumar Behera** for all purposes.

**AFFIDAVIT**

By virtue of an affidavit sworn before the executive magistrate,Jajpur No 11401 dated 19/11/2025. I Jamuna Nayak W/O-Prasanta Jena resident of Belampur,Unit - 9,Jajpur -1 declare that my minor son name changed from Sekhar Nayak to Sekhar Jena .Hence He will be known as Sekhar Jena for all purposes.
S/d-Jamuna Nayak

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 04/12/2025, CF No.- 38/04.12.2025. I Subash Chandra Samal S/O Late Bishnu Charan Samal, At- Bandhasahi,Po-Mahal, PS- Patakura, Dist-Kendrapara, Pin- 754210, declare that I have changed the name of my daughter from Gita Samal to Mitali Samal. Henceforth, she shall be known as new name Mitali Samal for all purposes.
Sd/- Subash Chandra Samal

**AFFIDAVIT**

By virtue of an affidavit before the Notary Public, Titilagarh, on dated- 04/12/2025. I, **Soura Sweety Debendra** (new name), formerly called as **Sweety Debendrakumar Soura** (old name), D/o- Debendra Soura, permanent resident of AT/PO/PS- Titilagarh, (Girls High School Pada), Dist- Bolangir, (Odisha), PIN- 767033 now residing at the same place declare that I have changed my name from **Sweety Debendrakumar Soura** to **Soura Sweety Debendra.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Soura Sweety Debendra** (new name) for all future purposes.
**Soura Sweety Debendra**

**AFFIDAVIT**

I, Kunal Kumar Choubey, aged about 29 years, S/o- Gopal Chandra Chaubey, resident of At- Dipupada, Jharsuguda, VTC- Banjara, PS/Dist- Jharsuguda, Pin- 768201 (Odisha) declare by this affidavit No. 02, dtd. 04/12/2025, that now onwards I shall be known as **KUNAL KUMAR CHAUBEY** for all future purposes.

**AFFIDAVIT**

By virtue of an affidavit sworned before Executive Magistrate, Nayagarh vide sl. no-1314 on dt. 03/12/2025 I Archana Mishra, w/o-Rajesh kumar Mishra resident of PWD lane, Nayagarh, po./p.s/Dist-Nayagarh, Odisha, pin-752069 declare that i have changed the surname of my son from satapathy to mishra and now he will be known as Aditya Kumar Mishra S/o- Rajesh kumar Mishra and **Archana Mishra** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 03/12/2025. I, **Balakrishna Behera** (new name), formerly called as **Balakrushna Behera** (old name), S/o- Ratnakar Behera, permanent resident of AT/PO- Rigdol, PS- Titilagarh, Dist- Bolangir, (Odisha), PIN- 767033 now residing at the same place declare that I have changed my name from **Balakrushna Behera** to **Balakrishna Behera.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Balakrishna Behera** (new name) for all future purposes.
**Balakrishna Behera**

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

# ଭିନ୍ନକ୍ଷମଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ ପାଇଁ ଆହ୍ୱାନ

ବାରିପଦା, ୪।୧୨(ସମିସ): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ତରଫରୁ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ




ପରିସରରେ ଥିବା ଜିଲ୍ଲା ସଆଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡିଇଆଇସି) ଅନୁକୂଲ୍ୟରେ ବୁଧବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଅଧୀକ୍ଷକ ଡାକ୍ତର ଶଶିକାନ୍ତ ସେଠୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସୁନନ୍ଦା ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ବିଜୟ କୁମାର ଦାଶ, ଡିଇଆଇସିର ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଦୀପ କୁମାର ମହାପାତ୍ର ପ୍ରଭୃତି ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଅବହେଳିତ ନ କରି ସେମାନଙ୍କୁ ଆବଶ୍ୟକୀୟ ସେବା, ସ୍ନେହ, ଆଦର କରିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଭିନ୍ନକ୍ଷମମାନେ ଉପଯୁକ୍ତ ସୁବିଧାସୁଯୋଗ ପାଇଲେ ଅଲିମ୍ପିକ୍ ଭଳି ଅନ୍ତର୍ଜାତୀୟସ୍ତରରେ ଖେଳି ଜିଲ୍ଲା ତଥା ଦେଶର ଗୌରବ ବଢ଼ିପାରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳ ହୋଇପାରିବ ବୋଲି ମତ ଦେଇଥିଲେ। ପ୍ରାରମ୍ଭରେ ଆର୍‌ବିଏସ୍‌କେ ମ୍ୟାନେଜର ବିଜନ ସାହୁ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଭିନ୍ନକ୍ଷମ ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ମାଧ୍ୟମରେ ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର, ନୃତ୍ୟ ଓ ସଙ୍ଗୀତ ଇତ୍ୟାଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ



**ବାରିପଦା :** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ସହିଦ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବିଭିନ୍ନ ସ୍ୱତନ୍ତ୍ର ବିଦ୍ୟାଳୟରୁ ଆସିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀ, ବିଭିନ୍ନ ଭିନ୍ନକ୍ଷମ ସଂଗଠନ ଓ ଅନ୍ୟାନ୍ୟ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ୍ କରାଇ ଏକ ସଚେତନତା ୱାକାଥନ୍ ଆୟୋଜିତ ହୋଇଥିଲା। ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଈଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରଣଜିତ୍ ସୋରେନ୍ ଓ ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ତାରକା ସ୍ୱରାଜ ବାରିକ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ସହିଦ ସ୍ମୃତି ଭବନରେ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ ଓ ପ୍ରତିଧ୍ୱନି ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ଡ. ଶିରୀଶ ଚନ୍ଦ୍ର ଭୋଳ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମଙ୍କୁ ସଶକ୍ତ କରିବାରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟା ଓ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିବିଧ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା।

### ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ



**ବାରିପଦା :** ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନ ସାଧନାର ମିଳିତ ସହଯୋଗରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ (ସମ୍ଭବ) ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଉପସ୍ଥିତ ଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ବାରିପଦାର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଉପସ୍ଥିତ ଥିଲେ। ସେହିପରି ଉଭୟ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର, ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତପସ୍ୱିନୀ ଦାସ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜକିଶୋର ମୁର୍ମୁ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ବିଦ୍ୟାଳୟର ଛାତ୍ରମାନେ ଭିନ୍ନକ୍ଷମ ପିଲାଙ୍କ ଅନ୍ତର୍ଭୁକ୍ତି ଉପରେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ବ୍ଲକ ଓ ପୌରପାଳିକାର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ୧୧୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

**ଶୁଳିଆପଦା :** ଶୁଳିଆପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ନେତାଜୀ ଷ୍ଟାଡିୟମ୍‌ଠାରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଶୁଳିଆପଦାର




ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ନାଏକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରାଇମାତ ମୁର୍ମୁ, ମୁଖ୍ୟବକ୍ତା ଭାବେ ବିଆର୍‌ଟି ପ୍ରଦୀପ ଦଳେଇ, ସମ୍ମାନିତ ଅତିଥି ଭାବରେ ଥାନା ଅଧିକାରୀ ସତ୍ୟନାରାୟଣ ଭୋଳ, ଏବିଇଓ ସରୋଜ ସାହୁ, କେଜିଭିପିର ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟ ନଗେନ କିସ୍କୁ, ଭାଇସ୍ ଚେୟାରମ୍ୟାନ୍ ଜ୍ୟୋତିଲାଲ୍ ବାରିକ ପ୍ରମୁଖ ଯୋଗଦେଇ ସାରା ବିଶ୍ୱରେ ଦିବ୍ୟାଙ୍ଗ ପିଲାଙ୍କ ନିମନ୍ତେ ସମର୍ପିତ ଏକ ଦିବସଟିକୁ ସ୍ମରଣ କରି ତାଙ୍କୁ ସାହାଯ୍ୟ ସହାନୁଭୂତିର ସହ ପ୍ରେରଣା ଯୋଗାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଆର୍‌ଟି ଶ୍ରୀଧର ପ୍ରସାଦ ସାହୁ।

**ବଡ଼ସାହି :** ସ୍ଥାନୀୟ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଅଧିକାରୀ ମଧୁସ୍ମିତା ଗିରି, ମୁଖ୍ୟବକ୍ତା ଭାବେ ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ଅଭିରାମ ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବଡ଼ସାହି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣା ଜେନା ଓ



ଦୁଇଜଣ ଗୋଷ୍ଠୀ ସମ୍ବଳ ଶିକ୍ଷକ ନିଶାକର ପରିଡ଼ା ଓ ବାସନ୍ତିଲତା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ପିଲାଙ୍କ ମଧ୍ୟରେ କଣ୍ଠ ସଙ୍ଗୀତ, ଜିଲାପି ଡିଆଁ, ମ୍ୟୁଜିକ୍ ଚେୟାର ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଶୁଭ୍ରଜ୍ୟୋତି ଦଣ୍ଡପାଟ ଓ ପାର୍ଥସାରଥୀ ମୋଦି ସଞ୍ଚାଳନ କରିଥିବାବେଳେ ବ୍ଲକର ସମସ୍ତ ସିଆର୍‌ସିସି, ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ତପନ ଉପାଧ୍ୟାୟ, ସର୍ବେଶ୍ୱର ପରିଡ଼ା, ଜଗନ୍ନାଥ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତିଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦଳା:** ଉଦଳା ସନ୍ଧାନ ଗୃହଠାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ କପ୍ତିପଦା ଉପଖଣ୍ଡ ଦିବ୍ୟାଙ୍ଗ ମହାମଞ୍ଚ ପକ୍ଷରୁ ପାଳନ ହୋଇଯାଇଛି। କଳାକାର ସନ୍ତୋଷ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ମୁଖ୍ୟବକ୍ତା ଉଦଳା ନଗରପାଳ ପ୍ରମିଳା ପଣ୍ଡା, ସ୍ୱତନ୍ତ୍ର ଅତିଥି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ସମ୍ମାନିତ ଅତିଥି ଭାବେ ବ୍ରଜସୁନ୍ଦରମ୍ ଯୋଗଦେଇ ବିଶ୍ୱ ଦିବ୍ୟାଙ୍ଗ ଦିବସର ତାତ୍ପର୍ଯ୍ୟ, ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ହିମାଦ୍ରୀ ଶେଖର ପାଲ୍ ମଞ୍ଚ ପରିଚାଳନା କରିଥିଲେ। ଉପଖଣ୍ଡ ଦିବ୍ୟାଙ୍ଗ ମହାମଞ୍ଚର ସଭାପତି ରାମ ରଞ୍ଜନ ଦାସ ଓ ସମ୍ପାଦକ ଶିଶିର ପରିଛା ପ୍ରମୁଖ ଦିବ୍ୟାଙ୍ଗଙ୍କ ସମସ୍ୟା ଓ ଆଇନଗତ ଦିଗ ବିଷୟରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ସମସ୍ତ ଦିବ୍ୟାଙ୍ଗଙ୍କୁ ମହାମଞ୍ଚ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା। ସେହିପରି କପ୍ତିପଦା ଉପଖଣ୍ଡର ଉଦଳାଠାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ ହୋଇଯାଇଛି। ଉଦଳା ଥାନା ଛକ ନିକଟରୁ ଦିବ୍ୟାଙ୍ଗମାନେ ରାଲିରେ ବାହାରିବା ପରେ ଉଦଳା ସନ୍ଧାନ ଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ, ଉଦଳା ଏନ୍‌ଏସି ଅଧ୍ୟକ୍ଷା, ପୂର୍ବତନ ବିଧାୟକଙ୍କ ସହିତ ଅନ୍ୟ ମଞ୍ଚାସିନ ଅତିଥିଗଣ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗମାନେ ତାଙ୍କର ମୌଳିକ ସୁବିଧା କିପରି ପାଇପାରିବେ ଆଲୋଚନା ହୋଇଥିବାବେଳେ ସରକାରଙ୍କୁ ଅନ୍ୟ ଆବଶ୍ୟକତା ପୂରଣ ପାଇଁ ଅନୁରୋଧ କରିଥିଲେ।

**ଖୁଣ୍ଟିଂ:** ଶୁକୃଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଶୁକୃଳି ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ନୟନତାରା ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶିବଶଙ୍କର ନାଏକ, ସମ୍ମାନିତ ଅତିଥି ଭାବେ କିଚକେଶ୍ୱରୀ ଉଚ୍ଚ ବିଦ୍ୟାଳୟ କଳା ଶିକ୍ଷକ ଯୁଗୋଳ କିଶୋର ମହାନ୍ତ ଯୋଗଦେଇଥିଲେ। ଶିକ୍ଷକ ଇନ୍ଦ୍ରମଣି ଗିରି ମଞ୍ଚ ପରିଚାଳନା କରିଥିବାବେଳେ ସଂଯୋଜକ ତଥା ସମ୍ବଳ ଶିକ୍ଷକ ବ୍ରଜମୋହନ ସେଠୀ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଅଶୋକ ବେହେରା, ରୁନୁରାଣୀ ଭୋଇ ଓ ରଞ୍ଜୁଲତା ସାହୁ ସହଯୋଗ କରିଥିଲେ।

## ଜାତୀୟ ପ୍ରଦୂଷଣ ନିରୋଧ ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

ବାରିପଦା, ୪।୧୨(ସମିସ): ଜାତୀୟ ପ୍ରଦୂଷଣ ନିରୋଧ ଦିବସ ଉପଲକ୍ଷେ ଶିମିଳିପାଳ ଇକୋ ଫ୍ରେଣ୍ଡସ ଏବଂ ଇକୋ କ୍ଲବ୍ ଗଡ଼ ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ମିଳିତ ସହଯୋଗରେ ଗଡ଼ ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଶ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସରେ ମୁଖ୍ୟଅତିଥି ଭାବରେ ଭାରତୀୟ ରେଡ୍‌କ୍ରସ ସୋସାଇଟିର ଭାଇସ୍ ପ୍ୟାଟ୍ରୋନ୍ ତଥା ଜାତୀୟ ସବୁଜବାହିନୀର ମାଷ୍ଟର ଟ୍ରେନର ଡ. ରମାକାନ୍ତ ମହାନ୍ତ ଯୋଗଦେଇ ପ୍ରଦୂଷଣ ବୃଦ୍ଧିର କାରଣ ବ୍ୟାପକ ଜନସଂଖ୍ୟା, ଶିଳ୍ପ କଳକାରଖାନା, ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା, କିଟନାଶକ ଔଷଧ ବିଷ ପ୍ରୟୋଗ ବୃଦ୍ଧି, ଜଙ୍ଗଲ ସମ୍ପଦର ଦ୍ରୁତ କ୍ଷୟ ଏବଂ ପ୍ରଦୂଷଣ ନିରାକରଣ ପାଇଁ ଶିକ୍ଷାର ପ୍ରସାର ସହିତ ବ୍ୟାପକ ଜନସଚେତନତା ଆବଶ୍ୟକ ବୋଲି କହିଥିଲେ। ଛାତ୍ରଛାତ୍ରୀଙ୍କୁ ପରିବେଶ ସଙ୍ଗୀତ, ସ୍ଲୋଗାନ ଏବଂ ଶପଥପାଠ ମାଧ୍ୟମରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସଚେତନତା ସୃଷ୍ଟି କରିଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ସିକନ୍ଦର ଦେବଗାଓଁ ଯୋଗଦେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଗୌରାଙ୍ଗ ସାମାଡ଼ ସ୍ୱାଗତ ଭାଷଣ ଓ ଶିକ୍ଷକ ସୀତାରାମ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀତାର ବାଣୀ ମାନବ ଜୀବନକୁ ସାର୍ଥକ କରେ

ବାରିପଦା, ୪।୧୨ସମିସ): ମୟୂରଭଞ୍ଜର ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ପବିତ୍ର ଗୀତା ଜୟନ୍ତୀ ଅବସରରେ ଏକ ପ୍ରବଚନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମୀନାକ୍ଷୀ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତ ସ୍ୱାଗତ ଭାଷଣ ଦେଇ ଛାତ୍ରୀମାନଙ୍କର ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ପାଇଁ ଶ୍ରୀମଦ୍ ଭଗବଦ୍ ଗୀତାର ବାଣୀ ସହାୟକ ବୋଲି ମତ ପ୍ରଦାନ କରିଥିଲେ। ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ବିଶିଷ୍ଟ ଗୀତା ପ୍ରବଚକ ଭାଗବତ ପଣ୍ଡା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଶ୍ରୀମଭଗବଦ୍ ଗୀତାର ପଠନ ଓ ଶ୍ରବଣ ଦ୍ୱାରା ସାଧାରଣ ମଣିଷ ଅତି ମାନୁଷୀଶକ୍ତିର ଅଧିକାରୀ ହେବା ସହିତ ତା' ଜୀବନରେ ମୁକ୍ତିଲାଭ କରିବାର ସୁଗମ ପନ୍ଥା ସବୁ ବିଭିନ୍ନ ଉଦାହରଣ ମାଧ୍ୟମରେ ଦର୍ଶାଇ ଗୀତାର ମାର୍ଗ ଅନୁସରଣ ଦ୍ୱାରା ଛାତ୍ରୀମାନେ ଭବିଷ୍ୟତରେ ଉତ୍ତମ ଗୃହିଣୀ ହୋଇ ନିଜ ଘରକୁ ବୈକୁଣ୍ଠ କରିପାରିବେ ବୋଲି ବକ୍ତବ୍ୟରେ କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ପାର୍ଥସାରଥୀ ଜେନା ଗୀତାର ଗୁଢ଼ତତ୍ତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଦୀପକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଐଶ୍ୱର୍ଯ୍ୟା ବଡ଼ପଣ୍ଡା, ଅଧ୍ୟାପକ ଶିବନାରାୟଣ ମିଶ୍ର ଓ କାର୍ତ୍ତିକେଶ୍ୱର ନାୟକ ପ୍ରମୁଖ ମତ ଉପସ୍ଥାପନ କରିଥିଲେ। ପରିଶେଷରେ ଉପସ୍ଥିତ ଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଶ୍ରୀମଦ୍ ଭଗବଦ୍ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା।

## ହାଇଡ୍ରୋସିଲ୍ ରୋଗୀଙ୍କ ଅସ୍ତ୍ରୋପଚାର ଶିବିର



ରାଇରଙ୍ଗପୁର, ୪।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଫାଇଲେରିଆ ରୋଗ ନିରାକରଣ ଅଭିଯାନରେ ହାଇଡ୍ରୋସିଲ୍ ରୋଗୀମାନଙ୍କ ଅସ୍ତ୍ରୋପଚାର ପାଇଁ ଜିଲ୍ଲାସ୍ତରୀୟ ଶିବିର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଲେପ୍ରା ସୋସାଇଟି ସହଯୋଗରେ ଆୟୋଜିତ ହୋଇଯାଇଛି। ଉପଖଣ୍ଡ ହସ୍ପିଟାଲର ଅଧୀକ୍ଷକ ଡା. ରବୀନ୍ଦ୍ରନାଥ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡା. ସତ୍ୟପ୍ରକାଶ ଧଳ, ଡା. ଦେବେନ୍ଦ୍ରନାଥ ପରିଡ଼ା, ଆନାସ୍ଥେସିଆ ବିଶେଷଜ୍ଞ ଡା ଶରତ ଚନ୍ଦ୍ର ସିଂ, ମେଡିକାଲ ଅଫିସର ଡା. ଦେବେନ୍ଦ୍ର ନାଥ ଟୁଡୁଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୦ ଜଣ ହାଇଡ୍ରୋସିଲ୍ ରୋଗୀଙ୍କର ମାଗଣା ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ଶିବିରରେ ଜିଲ୍ଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ହସ୍ପିଟାଲ ପରିଚାଳକ ଆଲୋକ ଗୋଛାୟତ, ନର୍ସିଂ ଅଫିସର ସବିତା ଷଡ଼ଙ୍ଗୀ, ଲେପ୍ରା ସୋସାଇଟିର ପ୍ରକଳ୍ପ ଅଧିକାରୀ ପ୍ରହଲ୍ଲାଦ ମଙ୍ଗରାଜ, ପିସିଆଇ ଅଧିକାରୀ ରାଜୀବ ଲୋଚନ ଜେନା, ଭେକ୍ଟରବାହିତ ରୋଗ ବୈଷୟିକ ପରିଦର୍ଶକ ଦୀପକ କୁମାର ମହାନ୍ତ, ନନ୍ଦିଶ୍ୱର ମହାନ୍ତ, ବିଜୟ କୁମାର ବସା, ଆଟେଣ୍ଡାଣ୍ଟ ପବିତ୍ର ବେହେରା, ସରସ୍ୱତୀ ବାରିକ, ସୁଇପର ଅଜୟ କାରୁଆ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାରିପଦା, ୪।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ସହାୟତାରେ ଏବଂ ଉଚ୍ଚଶିକ୍ଷା ବିଭାଗ ପ୍ରଯୋଜନାରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ସଭାପତି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଜାତୀୟ ସେବା ଯୋଜନାରେ ଛାତ୍ରଛାତ୍ରୀଙ୍କ ସମର୍ପିତ କାର୍ଯ୍ୟ ସେମାନଙ୍କ ନେତୃତ୍ୱ ନେବାର ଦକ୍ଷତା ଓ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଆଭାସୀ ମାଧ୍ୟମରେ ରାଜ୍ୟ ସରକାରଙ୍କ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ. ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଗଭୀର ଆତ୍ମବିଶ୍ୱାସ ରହିଲେ ନେତୃତ୍ୱ ବିକାଶ ସମ୍ଭବ ହୋଇପାରିବ। ଏଥିପାଇଁ ଜାତୀୟ ସେବା ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ଲାଗି ସରକାରଙ୍କ ପୂର୍ଣ୍ଣ ସହଯୋଗ ରହିଛି ବୋଲି ମତଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ପ୍ରଫେସର ରାଜେଶ କୁମାର ସିଂ, ମୁଖ୍ୟବକ୍ତା ଭାବରେ ମୟୂରଭଞ୍ଜ ଜିଲ୍ଲା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବିଶ୍ୱବିଦ୍ୟାଳୟର ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ସେବା ଯୋଜନାର ପରିଚାଳନା, ନିୟମିତ କାର୍ଯ୍ୟକ୍ରମର ସୁପରିଚାଳନା ସହ ସ୍ୱେଚ୍ଛାସେବୀମାନଙ୍କର ନିଷ୍ଠାପର ଉଦ୍ୟମ ରହିବା ଉପରେ ଆଲୋକପାତ କରିଥିଲାବେଳେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳ ଅତିଥି ପ୍ରଦାନ କରିଥିଲେ। ସେବା ଯୋଜନାର ମହିଳା ବର୍ଗର କାର୍ଯ୍ୟକ୍ରମ ଅଧିକାରୀ ଡ. ବିଷ୍ଣୁପ୍ରିୟା ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ପୁରୁଷ ବର୍ଗର କାର୍ଯ୍ୟକ୍ରମ ଅଧିକାରୀ ଡ. ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମଧୁସୂଦନ ଦାସ, ଦିଲ୍ଲୀପ ଭୋଇ ଆଲୋଚକ ଭାବରେ ଯୋଗଦେଇଥିଲେ।

## 'ଇଂରାଜୀ ସାହିତ୍ୟର ନାଟ୍ୟପରମ୍ପରା' ଶୀର୍ଷକ ପାଠଚକ୍ର

ବାରିପଦା, ୪।୧୨(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଇଂରାଜୀ ବିଭାଗ ତରଫରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ୍ରାମାଟିକ୍ ଟ୍ରାଡିସନ ଇନ୍ ଲିଟରେଚର ବା 'ଇଂରାଜୀ ସାହିତ୍ୟର ନାଟ୍ୟପରମ୍ପରା' ଶୀର୍ଷକରେ ଆୟୋଜିତ ଏହି ପାଠଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ବିଭାଗ ମୁଖ୍ୟ ଡ. ସାଗରିକା ସିଂହ ଯୋଗଦେଇ ଇଂରାଜୀ ସାହିତ୍ୟର ନାଟ୍ୟ ପରମ୍ପରା ଅର୍ଥ ନାଟକ ଓ ନାଟକୀୟ ଶୈଳୀର ବିକାଶ ଏବଂ ପରିବର୍ତ୍ତନ କିପରି ହୋଇଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଗ୍ରିକ୍ ଟ୍ରାଜେଡ଼ି ଏବଂ କମେଡ଼ିରୁ ଆରମ୍ଭ କରି ସେକ୍ସପିଅରଙ୍କ ନାଟକ ଏବଂ ଆଧୁନିକ ନାଟକ ପର୍ଯ୍ୟନ୍ତ କିପରି ଏହା ବିସ୍ତାର ହୋଇଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଫକୀରମୋହନ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ସୌମ୍ୟା ସଙ୍ଗୀତା ସାହୁ ଉକ୍ତ ପାଠ୍ୟଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଇଂରାଜୀ ସାହିତ୍ୟର ନାଟ୍ୟ ପରମ୍ପରା ସମ୍ପର୍କରେ ବିଷଦ୍ ଭାବେ ଆଲୋଚନା କରିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ରଜନୀକାନ୍ତ ଶଙ୍ଖୁଆ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧ୍ୟାପିକା ଦେବାହୁତି ଦାସ ପାଠଚକ୍ରର




ଆଭିମୁଖ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଛାତ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ପ୍ରାରମ୍ଭିକ ଭାଷଣ ରଖିଥିଲାବେଳେ ସ୍ନେହା ସାମନ୍ତସିଂହାର ମଞ୍ଚ ପରିଚାଳନା କରିଥିଲେ। ତନୀଷା ମଲ୍ଲିକ ଆଲୋଚ୍ୟ ଶୀର୍ଷକରେ ଏକ ପ୍ରବନ୍ଧ ପାଠ କରିଥିଲାବେଳେ ହର୍ଷିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ସାହି କଲେଜରେ ରକ୍ତଦାନ ଶିବିର

ବଡ଼ସାହି, ୪।୧୨(ସମିସ): ସ୍ଥାନୀୟ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁଥ୍ ରେଡ୍‌କ୍ରସ୍, ଏନ୍‌ଏସ୍‌ଏସ୍, ଏନ୍‌ସିସିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିର ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରିଥିଲେ। ବାରିପଦା ବ୍ଲଡ୍ ବ୍ୟାଙ୍କର ଡାକ୍ତର ନୀଲେଶ କୁମାର ଦାଶଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ କଲେଜର ଛାତ୍ରଛାତ୍ରୀଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ପ୍ରାଧ୍ୟାପକ ଫକୀର ଚରଣ ସାହୁ, ଡ. ଜୀବନ କୁମାର ପଣ୍ଡିତ, ୟୁଥ୍ ରେଡ୍‌କ୍ରସ୍ ଉପଦେଷ୍ଟା ଅଧ୍ୟାପକ ଗୁଲୁ ସୋରେନ୍, ଡେମୋନ୍‌ଷ୍ଟ୍ରେଟର ପ୍ରଦୀପ ଜେନା, ଅଧ୍ୟାପିକା ଦେବୀ ଅର୍ଚ୍ଚନା ବିଶ୍ୱାଳ, ଡାଟା ଅପରେଟର ରାଜୀବ ଲୋଚନ କର, କର୍ମଚାରୀ ସତ୍ୟପ୍ରିୟ ମହାନ୍ତ ଏବଂ କଲେଜର ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ। ୟୁଥ୍ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଏନ୍‌ସିସି ସ୍ୱେଚ୍ଛାସେବୀମାନେ ଏହି ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟାପକ ନିରଞ୍ଜନ ହେମ୍ବ୍ରମ୍ ଏହି ଶିବିରର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୨୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ବଙ୍ଗାଳିଡାହି ଅଞ୍ଚଳରେ ଷଣ୍ଢ ଚୋରି ବୃଦ୍ଧି; ଖସିଗଲେ ୬ ଦୁର୍ବୃତ୍ତ

ପୁରୁଣିଆ, ୪।୧୨(ସମିସ): ବେତନଟୀ ବ୍ଲକର ବଙ୍ଗାଳିଡାହି ଅଞ୍ଚଳରେ ଦିନକୁ ଦିନ ଷଣ୍ଢ ଚୋରି ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ଏହି ଅଞ୍ଚଳରେ ଅନେକ ଷଣ୍ଢ ବିଚରଣ କରୁଥିବାବେଳେ ଏବେ ଷଣ୍ଢଗୁଡ଼ିକ ଆଉ ଦେଖିବାକୁ ମିଳୁନାହିଁ। ଏବେ ଗାଁରେ ରହୁଥିବା ଏକମାତ୍ର ଷଣ୍ଢଟିକୁ ଗତ ଦୁଇ ଦିନ ତଳେ ବିଳମ୍ବିତ ରାତିରେ ପ୍ରାୟ ୬ଜଣ ଚୋର ଏକ ପିକ୍‌ଅପ୍ ଭ୍ୟାନ୍ ଯୋଗେ ନେଇଯିବାକୁ ଚେଷ୍ଟା କରିଥିଲେ। ବଙ୍ଗାଳିଡାହି ହନୁମାନ ଛକ ନିକଟରୁ ମାତ୍ର ୧୦୦ ମିଟର ଦୂରରେ ଷଣ୍ଢଟିକୁ ପିକ୍‌ଅପ୍ ଭ୍ୟାନ୍‌ରେ ଲଦିବା ବେଳେ ପାଖ ଲୋକମାନେ ପାଟି କରିବାରୁ ଅନ୍ୟମାନେ ଉଠିପଡ଼ିଥିଲେ। ଗାଁର ଅର୍ଦ୍ଧାଧିକ ଲୋକ ଉଠିବା ସତ୍ତ୍ୱେ ଚୋର ଦଳ ପଳାଇ ନ ଯାଇ ଓଲଟି ଗ୍ରାମବାସୀମାନଙ୍କୁ ଧମକ ଦେଉଥିବା ଦେଖାଯାଇଥିଲା। ପରେ ଅବଶ୍ୟ ପଛଘୁଞ୍ଚା ଦେଇ ଜୋର୍‌ରେ ପିକ୍‌ଅପ୍ ଭ୍ୟାନ୍ ନେଇ ରୂପ୍‌ସା ଦିଗରେ ପଳାଇଥିଲେ। ଚୋର ଦଳଙ୍କ ସୁରକ୍ଷା ପାଇଁ ନିୟୋଜିତ ଥିବା ୨ଟି ବାଇକ୍ ମଧ୍ୟ ଦ୍ରୁତ ଗତିରେ ପଳେଇଥିଲା। ଷଣ୍ଢଟିକୁ ଲଦିବାରେ ଚୋରମାନେ ସଫଳ ହୋଇ ନ ଥିବାବେଳେ ଷଣ୍ଢଟି ରାସ୍ତାରେ ପଡ଼ି ରହିଥିଲା। ଗ୍ରାମବାସୀ ଏହାକୁ ସ୍ଥାନାନ୍ତରିତ କରିବାବେଳେ ଷଣ୍ଢ ଉଠିପାରୁ ନ ଥିବା ଦେଖାଯାଇଥିଲା। ପୂର୍ବ ବର୍ଷ ଏହି ଅଞ୍ଚଳରେ ଗୋରୁ ଚୋରି ଅଞ୍ଚଳବାସୀଙ୍କ ଚିନ୍ତାର କାରଣ ପାଲଟିଥିବାବେଳେ ଚଳିତ ବର୍ଷ ଷଣ୍ଢ ଚୋରି ସମସ୍ତଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି।

## ସମାଜ ବିଜ୍ଞାନ ବିଭାଗର ପାଠଚର୍ଚ୍ଚା

ବାରିପଦା, ୪।୧୨(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ସମାଜ ବିଜ୍ଞାନ ବିଭାଗ ତରଫରୁ ଏକ ପାଠଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। 'ସାମାଜିକ ଦୁର୍ବଳତା ଏବଂ ସମ୍ବେଦନଶୀଳ ଗୋଷ୍ଠୀ ତଥା ଓଡ଼ିଶାର ଆଦିବାସୀ ଜନଜାତି' ଶୀର୍ଷକରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ ଯୋଗଦେଇ ସମାଜରେ ଅବହେଳିତ ଆଦିବାସୀ ଗୋଷ୍ଠୀଙ୍କ ପ୍ରତି ହେଉଥିବା ଅବହେଳା ଓ ଅବିଚାର ସମ୍ପର୍କରେ ଆଲୋଚନା କରିବା ସହିତ ସେମାନଙ୍କ ପ୍ରତି ସମାଜର ସମ୍ମାନ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବାଲେଶ୍ୱରର କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଅମ୍ରିତ୍ ବାର୍ଲା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ସାମାଜିକ ଦୁର୍ବଳତା ଏବଂ ସମ୍ବେଦନଶୀଳ ଗୋଷ୍ଠୀ ତଥା ଓଡ଼ିଶାର ଆଦିବାସୀ ଜନଜାତିଙ୍କ ସ୍ଥିତି ଓ ପ୍ରକୃତି ସମ୍ପର୍କରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ସମାଜ ବିଜ୍ଞାନ ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ବିଭାଗ ମୁଖ୍ୟ ତଥା ଅର୍ଥଶାସ୍ତ୍ର ବିଭାଗର ସହକାରୀ ପ୍ରଫେସର ଡ. ଦେବାନନ୍ଦ ବେହେରା ସ୍ୱାଗତ ଭାଷଣ ଦେଇଥିଲାବେଳେ ଅତିଥି ଅଧ୍ୟାପିକା ଚିନ୍ମୟୀ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଯସ୍ମିନ ସୋରେନ ଏବଂ ପ୍ରିୟଙ୍କା ପାତ୍ର ଆଲୋଚ୍ୟ ବିଷୟ ସମ୍ପର୍କିତ ଦୁଇଟି ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଶେଷରେ ଅନ୍ୟତମ ଅତିଥି ଅଧ୍ୟାପିକା ଇପ୍ସିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ୭ ବିଷୟଭିତ୍ତିକ ୧୭୨ ପ୍ରକଳ୍ପ ପ୍ରଦର୍ଶିତ

ବହଳଦା, ୪।୧୨(ସମିସ): ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶଶଠାରେ ବହଳଦା ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ସାତଟି ବିଷୟଭିତ୍ତିକ ୧୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂହଙ୍କ ସଭାପତିତ୍ୱ ଓ ଶଶ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତିକାନ୍ତ ଗିରିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶଶ ସରପଞ୍ଚ ସ୍ଥଳପଦ୍ମ ହାଁସଦା କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ମହାନ୍ତ, ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ନନ୍ଦ, ରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୀଲ ସେଠୀ, ଗୁହାଳଡାଙ୍ଗ୍ରୀ



ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବନବିହାରୀ ଦଳେଇ ପ୍ରମୁଖ ଉପସ୍ଥିତ ରହି ଭବିଷ୍ୟତରେ ଦେଶର ପ୍ରଗତିରେ କୁନି ବୈଜ୍ଞାନିକମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଏବିଇଓ ଭୂତନାଥ ସିଟ୍, ଏବିଇଓ ସୁଜାତା କର ମହାପାତ୍ର, ଏବିଇଓ ଦେବେନ୍ଦ୍ରନାଥ ସାହୁ, ଶିକ୍ଷକ ସଂଘ ସଭାପତି ଶିବ ନନ୍ଦନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କୁନି ବୈଜ୍ଞାନିକମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ମେଳାରେ ସ୍ଥାୟୀ କୃଷି, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବସ୍ଥା, ସବୁଜ ଶକ୍ତି ଉତ୍ସ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ମନୋରଞ୍ଜନମୂଳକ ଗାଣିତିକ ମଡେଲିଂ, ସ୍ୱାସ୍ଥ୍ୟ ଏବଂ ପରିମଳ ତଥା ଜଳ ସଂରକ୍ଷଣ ଏବଂ ପରିଚାଳନା ପରି ପ୍ରମୁଖ ୭ଟି ବିଷୟବସ୍ତୁ ଉପରେ ୧୭୨ଟି ବିଜ୍ଞାନ ପ୍ରଦର୍ଶନୀ ଷ୍ଟଲ୍ ଲାଗିଥିଲା। ସେଥିମଧ୍ୟରୁ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ପ୍ରକଳ୍ପ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଉତ୍ତମ ପ୍ରଦର୍ଶନ ପାଇଁ ଉତ୍ସାହିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବହଳଦା ବିଜ୍ଞାନ ସଂଯୋଜକ ସଂଗ୍ରାମ କେଶରୀ ଗିରି, ଜାମଦା ଗୋଷ୍ଠୀ ଶିକ୍ଷାଧିକାରୀ, ଯଶିପୁର ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ କୁସୁମୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କ ପ୍ରକଳ୍ପ ପରିଦର୍ଶନ କରିବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

■ ମୋବାଇଲ ଦୋକାନରୁ ଚୋରି

## ଦୁଇ ନାବାଳକ ସହ ୨ ଅଭିଯୁକ୍ତ ଗିରଫ; ସାମଗ୍ରୀ ଜବତ




ଯୋଡ଼ା, ୪ା୧୨(ସମିସ): ଯୋଡ଼ା ପୌରପାଳିକା ୮ ନମ୍ବର ୱାର୍ଡ ଧରଣୀଧର ଛକ ନିକଟରେ ଏକ ମୋବାଇଲ ଦୋକାନରୁ ଚୋରି ଘଟଣାରେ ଦୁଇ ନାବାଳକ ସହ ଅନ୍ୟ ଦୁଇ ଜଣ ପୁଲିସ ହାତରେ ଧରାପଡ଼ିଛନ୍ତି। ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ ସୂଚନା ପ୍ରଦାନ କରିଛନ୍ତି। ଦୁଇ ନାବାଳକକୁ ବାଲ୍ ସୁଧାର କେନ୍ଦ୍ର ପଠାଇଥିବା ବେଳେ ଅନ୍ୟ ଦୁଇଜଣ ଅଭିଯୁକ୍ତଙ୍କୁ ଏକ ମାମଲା ରୁଜୁକରି ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଯୋଡ଼ା ପାତ୍ରାବସ୍ତିର ସୁନୀଲ ଗୋପ (୨୮) ଓ ହନୁମାନ ହଟିଙ୍ଗ ବାସିନ୍ଦା ସାଗର ମୁଣ୍ଡା (୧୯)। ସୂଚନା ଅନୁସାରେ, ଗତ ୩୦ ତାରିଖ ରାତିରେ ଅଭିନାଶ ସାହୁଙ୍କ ମୋବାଇଲ ଦୋକାନର ସ୍କାଏଲାଇଟ ଭାଙ୍ଗି ଚାରି ଜଣ ଚୋର ପଶିଥିଲେ। ଦାମୀ ଫୋନ୍ ଓ ଗୋଟିଏ ଲାପଟପ କିଛି ମୋବାଇଲ ସାମଗ୍ରୀ ଚୋରି କରି ନେଇଥିଲେ। ଅଭିଯୋଗକୁ ଭିତ୍ତିକରି ଯୋଡ଼ା ପୁଲିସ ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପଚରାଉଚରା କରିବା ସହ ଚୋରି ହୋଇଥିବା ସାମଗ୍ରୀଗୁଡିକୁ ଜବତ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ଏକ ଲାପଟପ, ବିଭିନ୍ନ କମ୍ପାନୀର ସ୍ମାର୍ଟ ଫୋନ୍ ଓ କିଛି ମୋବାଇଲ ସାମଗ୍ରୀ ଜବତ ହୋଇଛି।

# ‘ଭିନ୍ନକ୍ଷମ-ଦିବ୍ୟାଙ୍ଗ ଦେଶର ଉଜ୍ଜ୍ୱଳମୟ ଭବିଷ୍ୟତ’



କେନ୍ଦୁଝର, ୪ା୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ଓ ଜିଲ୍ଲା ପ୍ରଶାସନର ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହଯୋଗରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଓ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଶୁଭାରମ୍ଭ କରିଥିଲେ। ଦିବ୍ୟାଙ୍ଗ ଭିନ୍ନକ୍ଷମମାନେ ଭାରତର ଭବିଷ୍ୟତ ଏବଂ ସେମାନଙ୍କ ପାଇଁ ଆମ ଦେଶ ଗର୍ବିତ। ଏନେଇ ସଦ୍ୟସମାପ୍ତ ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳ ବିଜୟୀ ହେବାର ଦୃଷ୍ଟାନ୍ତ ରଖିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଭୁବନେଶ୍ୱରୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପି.କେ. ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁରଜ ମଲ୍ଲିକ, ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ଯୋଗ ଦେଇଥିଲେ। ଚିତ୍ରାଙ୍କନ ବରିଷ୍ଠ ବର୍ଗରେ ଯଦୁମଣି ଲୋହାର, ବିଜୁ ମୁଣ୍ଡା, ଜତିନ ମାଝୀ, ଚିତ୍ରାଙ୍କନ କନିଷ୍ଠ ବର୍ଗରେ ଦେବାଶିଷ ମହାକୁଡ, ପ୍ରିୟଙ୍କା ସାହୁ, ଲକ୍ଷ୍ମୀପ୍ରିୟା ନାଏକ, ଦୌଡ଼ ବରିଷ୍ଠ ବର୍ଗ ବାଳକରେ ଜଗନ୍ନାଥ ଲୋହାର, ବିଜୁ ମୁଣ୍ଡା, ଶୁକଦେବ ମହାନ୍ତ, ଦୌଡ଼ କନିଷ୍ଠ ବର୍ଗ ବାଳକରେ ଚନ୍ଦନ ନାଏକ, ଲିପନ ମହାକୁଡ, ଶିବମ ମୁଣ୍ଡା, ଦୌଡ ବରିଷ୍ଠ ବାଳିକାରେ ଶ୍ରାବଣୀ ନାଏକ, ତେଜସ୍ୱିନୀ ଦାଶ, ନିରୁପମା ସାହୁ, ଦୌଡ କନିଷ୍ଠ ବାଳିକାରେ ଭାରତୀ ବେହେରା, ତନ୍ମୟୀ ଖିଲାର, ଲକ୍ଷ୍ମୀପ୍ରିୟା ନାଏକ, ହାଣ୍ଡିପିଟାରେ ପାୟଲ ନାଏକ, ବିନି ପାତ୍ର, ସଂଜୀବ ଲୋହାର, ସାଇ ପାତ୍ର, ଲିପ୍ସା ସେଠୀ, ଜୀବନାନନ୍ଦ ନାଏକ, ତର୍କରେ ଦୀପା ଜେନା, କାନସରୀ ଟୁଡୁ, ରିଙ୍କି ଜୁଆଙ୍ଗ, ସଂଗୀତ ବରିଷ୍ଠ ବର୍ଗରେ କାନସରୀ ଟୁଡୁ, ରିଙ୍କି ଜୁଆଙ୍ଗ, ପ୍ରଦୀପ ଟୁଡୁ, ସଂଗୀତ କନିଷ୍ଠ ବର୍ଗରେ ନିର୍ମଳା ମହାକୁଡ, ପାୟଲ ନାଏକ, ଜଗନ ପାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି।

## ଶ୍ରୀଦଧିବାମନଜୀଉ ମନ୍ଦିରରେ ଗୀତା ଜୟନ୍ତୀ



ଆନନ୍ଦପୁର, ୪ା୧୨ (ସମିସ): ଆନନ୍ଦପୁର ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ଶ୍ରୀମଦ୍ ଭଗବତ୍ ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଜଗତର କଲ୍ୟାଣ, ସଂସାରରୁ ପାପତାପ ନାଶ, ସନାତନ ଧର୍ମର ସୁରକ୍ଷା, ସମାଜ ରକ୍ଷା, ଦୁଃଖଶୋକର ବିନାଶ ତଥା ସମାଜରେ ସାମ୍ୟ ପ୍ରୀତି ଓ ମୈତ୍ରୀ ଭାବନା ସୃଷ୍ଟି କରିବା ଲକ୍ଷ୍ୟରେ କମିଟି ପକ୍ଷରୁ ଏହି ଆଧ୍ୟାତ୍ମିକ ଉତ୍ସବରେ ଆନନ୍ଦ କୁମାର ପାଢୀ ଓ କନକପ୍ରଭା ପାଢୀ କର୍ତ୍ତା ରହିଥିଲେ। ପୁରୋହିତ ଭାବେ ଦେବେନ୍ଦ୍ର ମିଶ୍ର, ଜଗମୋହନ ମିଶ୍ର, ସୁଶାନ୍ତ ଦାଶ ଓ ପଦ୍ମନାଭ ରଥ ଦାୟିତ୍ୱ ନିର୍ବାହ କରିଥିଲେ। ଭାଗୀରଥୀ ଦାଶ ମଦନମୋହନ ମିଶ୍ର ପୂଜନବିଧିରେ ସହଯୋଗ କରିଥିଲେ। ଗୀତା ମହାଯଜ୍ଞ ଆୟୋଜନକମିଟିର ସଭାପତି ହରିହର ମିଶ୍ର ଓ ସମ୍ପାଦକ ପବିତ୍ର ମୋହନ ବେହେରା ସମେତ ସଦସ୍ୟ ଉମାକାନ୍ତ ନାୟକ, ସତ୍ୟନାରାୟଣ ମହାନ୍ତି, ଅଜୟ ମହାପାତ୍ର, କୃଷ୍ଣଚନ୍ଦ୍ର ସାହୁ ଓ ମନ୍ଦିର ସେବାୟତ, ଦେବୋତ୍ତର ବିଭାଗ ଓ ମନ୍ଦିର ପରିଚାଳନା କମିଟିର ସହଯୋଗରେ ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଆନନ୍ଦପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ପୁରୁଷ ମହିଳା ଗୀତା ଜ୍ଞାନ ଆହରଣ କରି ଘୃତାହୁତି ପ୍ରଦାନ କରିଥିଲେ।

## କଂଗ୍ରେସ ନେତାଙ୍କ ବିୟୋଗରେ ଶୋକ

କେନ୍ଦୁଝର, ୪ା୧୨(ସମିସ): ହାଟଡିହି ବ୍ଲକର ମରେଇଗାଁ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ସୁଆରଙ୍କ ବିୟୋଗରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଶ୍ରୀ ପଟ୍ଟନାୟକ ଏକ ଶୋକ ବାର୍ତ୍ତାରେ କହିଛନ୍ତି, ସ୍ୱର୍ଗତ ସୁଆର କଂଗ୍ରେସ ଦଳର ଆଗଧାଡ଼ିର ନେତା ଥିଲେ। ନିଷ୍ପାପର ଓ ନିର୍ଭିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ କଂଗ୍ରେସ ଦଳ ଜଣେ ମୁରବିକୁ ହରାଇଲା। ସେହିପରି ଶ୍ରୀ ଜେନା ଏକ ଶୋକବାର୍ତ୍ତା ଦେଇଛନ୍ତି ଯେ ସ୍ୱର୍ଗତ ସୁଆରଙ୍କ ବିୟୋଗ ଆମକୁ ଗଭୀର ମର୍ମାହତ କରିଛି। ଆମ ଦଳ ପାଇଁ ଏକ ଶୂନ୍ୟସ୍ଥାନ ଘଟିଛି। ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି।

## ଡାକ୍ତର ରାଜ ଶତପଥୀଙ୍କ ପରଲୋକ



ଆନନ୍ଦପୁର, ୪ା୧୨ (ସମିସ): ଆନନ୍ଦପୁର ଅଞ୍ଚଳର ବିଶିଷ୍ଟ ଜନପ୍ରିୟ ଡାକ୍ତର ରାଜକିଶୋର ଶତପଥୀ (୮୫)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ହଠାତ ଅସୁସ୍ଥ ହୋଇପଡିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପାର୍ଥିବ ଶରୀର ଶାଳପଡ଼ା ସ୍ଥିତ ବାସଭବନରେ ପହଞ୍ଚିବା ପରେ ପରିବାର ବର୍ଗ ଆତ୍ମୀୟ ସ୍ୱଜନ ପଡୋଶୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସହପାଠୀ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଶୋକ ପ୍ରକାଶ କରିଥିଲା ବେଳେ ପୂର୍ବତନ ବିଧାୟକ କ୍ଷୀରୋଦ ପ୍ରସାଦ ସ୍ୱାଇଁ ବିଜେପି ନେତା ଭଗବାନ ସାହୁ ତ୍ରିଲୋଚନ ଦାଶ ଶମ୍ଭୁନାଥ ରାଉତ କାଉନସିଲର ସନତ କର ଗୋଲକ ଜେନା ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସମେତ ବହୁ ରାଜନେତା ଉପସ୍ଥିତ ଥିଲେ।

# କଣ୍ଟିପାଳ ପଞ୍ଚାୟତ ଅନାସ୍ଥା ପ୍ରସ୍ତାବ ୧୯ରେ

ଆନନ୍ଦପୁର, ୪ା୧୨ (ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପାଇଁ ମତଦାନ ହୋଇ ନପାରିବାରୁ ଏହା ଚଳିତ ମାସ ୧୯ ତାରିଖରେ ହେବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଥିବା ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କଠାରୁ ସୂଚନା ମିଳିଛି। ଗତ ୩ ତାରିଖରେ ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଥିଲେ ମଧ୍ୟ ତାହା ଭଣ୍ଡୁର ହୋଇଯାଇଥିଲା। ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମୁହାଁମୁହିଁ ହୋଇଥିଲେ। ଆଶଙ୍କାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ବଳ ମୁତୟନ ହୋଇଥିବାରୁ କୌଣସି ଅଘଟଣ ହୋଇନାହିଁ। ଅପରାହ୍ନ ୧.୧୫ ମିନିଟ ପର୍ଯ୍ୟନ୍ତ ଅନାସ୍ଥା ସପକ୍ଷରେ ମତଦାନ ହୋଇ ନଥିଲା। ଶେଷରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଅନାସ୍ଥାକୁ ସ୍ଥଗିତ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ନୋଟିସ ଜାରି କରାଯାଇଥିଲା। ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ପଞ୍ଚାୟତର ୮ ଜଣ ୱାର୍ଡସଭ୍ୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିବା ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ବିଡିଓଙ୍କ ଦ୍ୱାରା ୱାର୍ଡ ସଭ୍ୟସଭ୍ୟାଙ୍କ ଦସ୍ତଖତ କରାଯାଇଥିଲା। ସୂଚନାଯୋଗ୍ୟ, ୧୧ ୱାର୍ଡ ବିଶିଷ୍ଟ ପଞ୍ଚାୟତରେ ଦୁଇ ୱାର୍ଡସଭ୍ୟ ବ୍ୟକ୍ତିଗତ କାରଣରୁ ନିଜ ପଦରୁ ଓହରିଯାଇଥିଲେ। ୯ ଜଣ ୱାର୍ଡସଭ୍ୟସଭ୍ୟା ବର୍ତ୍ତମାନ ଥିବା ବେଳେ ସରପଞ୍ଚଙ୍କ ବିରୋଧରେ ୮ ଜଣ ୱାର୍ଡସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ପ୍ରସ୍ତାବ ଦେଇଥିଲେ।

## ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ

ତେଲକୋଇ, ୪ା୧୨(ସମିସ): ପ୍ରାଥମିକ ଶିକ୍ଷକ ସଂଘ ତେଲକୋଇ ଶାଖା ପକ୍ଷରୁ ଦୁଇ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରା ଯାଇଛି। ମୂଳ ପଦକୁ ଅପଗ୍ରେଡ କରି ଲେବୁଲ ୯ ଏବଂ ତଦନୁଯାୟୀ ମୂଳ ବେତନ ୩୫ ହଜାର



୪ଶହ ଟଙ୍କା ପ୍ରଦାନ ଓ ୨୦୦୧ରୁ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ କାର୍ଯ୍ୟ କାଳକୁ ମୂଳ ଚାକିରିରେ ଗଣନା କରିବା, ନେସନ୍ୟାଲ ଇନକ୍ରିମେଣ୍ଟ ପ୍ରଦାନ ନିମନ୍ତେ ଦାବି କରାଯାଇଛି। ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି। ଆସନ୍ତାକାଲି ଶୁକ୍ରବାରଠାରୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ତେଲକୋଇ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଂଘ ସଭାପତି ପ୍ରଦ୍ୟୁମ୍ନ ପ୍ରଧାନ, ସମ୍ପାଦକ ଦେବାନନ୍ଦ ସାହୁଙ୍କ ସମେତ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ତୃଣମୂଳସ୍ତରରେ ସ୍ଥାୟୀ ବିକାଶ ଲକ୍ଷ୍ୟ ତାଲିମ



କେନ୍ଦୁଝର,୪ା୧୨(ସମିସ): ନିତି ଆୟୋଗ ଦ୍ୱାରା ପ୍ରସ୍ତାବିତ ତୃଣମୂଳସ୍ତରର ସଂଯୁକ୍ତ ବିକାଶ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାସ୍ତରୀୟ ଅଧିକାରୀ, ଆଗଧାଡ଼ିର କର୍ମୀ ଏବଂ ଅଂଶୀଦାରମାନଙ୍କ ବୁଝାମଣା ଏବଂ କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟରେ କେନ୍ଦୁଝରରେ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ବ୍ୟାପକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଯୋଗ ଦେଇଥିଲେ। ବିଶେଷଜ୍ଞମାନେ କେନ୍ଦୁଝରର ବିକାଶ ପଥକୁ ତ୍ୱରାନ୍ୱିତ କରିବା ପାଇଁ ତଥ୍ୟ ସମ୍ବଳିତ ଯୋଜନା, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ସ୍ଥାୟୀ ସମ୍ବଳ ପରିଚାଳନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ପରିଷଦ କେନ୍ଦୁଝରର ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲା ଯୋଜନା ଓ ସଂଯୋଜନା ଉପନିର୍ଦ୍ଦେଶକ, ଗଜେନ୍ଦ୍ର ବେହେର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲାର ବିଡିଓ ଏବଂ ତହସିଲଦାର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଷୟବିଶାରଦ ଭାବେ କେନ୍ଦୁଝର ଜିଲ୍ଲା ପରିଷଦର ପ୍ରକଳ୍ପ ପରିଚାଳକ ପଦ୍ମାବତୀ ମାହାକୁଡ ଓ ଯୁବ ସାମାଜିକ ବିକାଶ କେନ୍ଦ୍ରର ଆକାଶ ମହାନ୍ତ ଯୋଗ ଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଜୟରାମ ଟୁଡୁ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ପୃଥ୍ୱୀରାଜ ସୋରେନ, ମାଧୁରୀ ପ୍ରିୟା ହୋନହାଗା, ପ୍ରଶାନ୍ତ ପ୍ରଧାନ, ବରିଷ୍ଠ ସହାୟକ ଦୋଳମଣି ହଂସ, କନିଷ୍ଠ ସହାୟକ ବିଷ୍ଣୁପ୍ରିୟ ଓଝା ଓ ଅନୁସନ୍ଧାନକାରୀ ବିନ୍ଧିଆ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା

## ● ସରକାରୀ ମହିଳା ମହାବିଦ୍ୟାଳୟ



କେନ୍ଦୁଝର, ୪ା୧୨(ସମିସ): ସରକାରୀ ମହିଳା ମହାବିଦ୍ୟାଳୟରେ ୩୭ତମ କ୍ରୀଡ଼ା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଆଥଲେଟିକ କ୍ଲବର ସହ ସମ୍ପାଦିକା ପ୍ରଫେସର ଗୀତାଞ୍ଜଳି ନାଏକ ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ବର୍ଷାରାଣୀ ଦେହୁରୀଙ୍କୁ ମଞ୍ଚ ପରିଚାଳନା ପାଇଁ ଅନୁରୋଧ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଡ ଲଳିତ ରଞ୍ଜନ ସାହୁ କ୍ରୀଡ଼ା ସାଂପ୍ରତିକ ସମୟରେ ବୃତ୍ତି ଭାବେ ଛାତ୍ରୀଙ୍କ ଲକ୍ଷ୍ୟ ହୋଇପାରିବ ବୋଲି ଦିଗଦର୍ଶନ ଦେଇଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଚିତ୍ତରଞ୍ଜନ ସାହୁ ଯେକୌଣସି ଦୁଇଟି ବ୍ୟାୟାମ ପ୍ରତ୍ୟେକ ଦିନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏକାଡେମୀ ବର୍ଷର ପ୍ରଫେସର ଡ ବିଷ୍ଣୁଚରଣ ଦାସ କ୍ରୀଡାବିତ୍‌ଙ୍କ ପାଇଁ ଏବେର ସମୟ ଗୋଟିଏ ସୁବର୍ଣ୍ଣ ଯୁଗର ସମୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପାରା ଓଲମ୍ପିଆଡ ଭାନୁମତି ବେହେରା, ରେଣୁବାଳା ମହାନ୍ତ ପିଲାଙ୍କ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ମୁଖ୍ୟଅତିଥି ସରୋଜ କୁମାର, ଯୁକ୍ତ ଦୁଇ ଅଥଲେଟିକର ସହସମ୍ପାଦକ ପ୍ରଫେସର ଦେବାନନ୍ଦ ମାଲିକ ଉଦ୍‌ବୋଧନ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଉନ୍ନୀତ ଛାତ୍ରୀମାନଙ୍କୁ ପୁରସ୍କାର ସ୍ୱରୂପ ପ୍ରମାଣପତ୍ର, ମେଡାଲ ସହ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଯୁକ୍ତ ଦୁଇ ଚାମ୍ପିଅନ ସୃପି ଦେହୁରୀ ହୋଇଥିବା ବେଳେ ସ୍ନାତକୋତ୍ତର ଶ୍ରେଣୀର ତପସ୍ୱିନୀ ମୁଣ୍ଡା ଚମ୍ପିଅନ ହୋଇଛନ୍ତି।

## ● ଗୋବର୍ଦ୍ଧନ ଜନତା ନୋଡାଲ ଉଚ୍ଚବିଦ୍ୟାଳୟ



କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ଜନତା ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଉରୀପଦା ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ରମାକାନ୍ତ ମହାନ୍ତ, ସମ୍ମାନିତ ଅତିଥି ମା’ମଙ୍ଗଳା ଉଚ୍ଚବିଦ୍ୟାଳୟ ଭାଟୁଣିଆର ଶାରୀରିକ ଶିକ୍ଷା ଶିକ୍ଷକ ନିରଞ୍ଜନ ଦେହୁରୀ ଓ କାଠବାଉଁଶୁଳି ଉଚ୍ଚବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ନରହରି ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସସ୍ମିତା ସାହୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ାର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଛାତ୍ର ସୌମ୍ୟରଞ୍ଜନ କର ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ସାଗରାମ କିସ୍କୁଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିକ୍ଷକ ଶରତଚନ୍ଦ୍ର ମହାନ୍ତ ଧନ୍ୟବାଦ ଦେଇଥିଲା ବେଳେ ବିଜୟ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ହିମେଶ ଓରାମ ଓ ବାଳିକା ବିଭାଗରେ ବର୍ଷା ପ୍ରିୟଦର୍ଶିନୀ ମହାନ୍ତ ଚାମ୍ପିଅନ ହୋଇଥିଲେ। ଉଦଯାପନୀ ଉତ୍ସବରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀମତୀ ସାହୁ ପିଲାମାନଙ୍କର ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ ଏବଂ କ୍ରୀଡା ଶିକ୍ଷକଙ୍କଠାରୁ କ୍ରୀଡ଼ା ପତାକା ଗ୍ରହଣ କରିଥିଲେ। ଶିକ୍ଷକ ସତ୍ୟଜିତ କୁମାର ଦେହୁରୀ, ବିଜୟ କୁମାର ମହାନ୍ତ, ହରିହର ମହାନ୍ତ, ରବିନାରାୟଣ ନାଥ ଶର୍ମା ଓ ବ୍ରଜବନ୍ଧୁ ମାଝୀ ଏବଂ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ମିନୁ ମୁଦି, ସତ୍ୟଭାମା ଦେହୁରୀ ଓ ଇନ୍ଦୁମତୀ ଓରାମ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।

## ● ପିଏମଶ୍ରୀ ଉଚ୍ଚବିଦ୍ୟାଳୟ



ତେଲକୋଇ: ତେଲକୋଇ ବ୍ଲକ ଅନ୍ତର୍ଗତ ଶିରିଗିଡା ପଞ୍ଚାୟତର ମୁଖ୍ୟାଳୟଠାରେ ଥିବା ପିଏମଶ୍ରୀ ଶିରିଗିଡା ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱନାଥ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ହରିହର ପ୍ରଧାନ ଯୋଗ ଦେଇଥିଲା ବେଳେ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନମୋହନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବାସୁଦେବ ମହାନ୍ତ, ସମ୍ମାନିତ ଅତିଥି ଭାବେ ଗଣମାଧ୍ୟମ ପ୍ରତିନିଧି ଈଶ୍ୱର ବାରିକ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ରୀଡ଼ାରେ ବଡ଼ ପ୍ରତିଭା ରହିଥିବା ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପଙ୍କଜିନି ଦାସ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ହୃଦାନନ୍ଦ ମହାନ୍ତ, ସବିତା ମାଝୀ, ରବିନ୍ଦ୍ର ମୁଣ୍ଡା, ଇପ୍ସିତା ମହାପାତ୍ର, ସୌଭାଗ୍ୟ ଶଙ୍କର ଜେନା, ବିଦ୍ୟାଧର ଦାସ, ସୁଶାନ୍ତ ଦେହୁରୀ, ବିନତୀ ନାୟକ, ବିନୋଦିନୀ ସାମଲ, ସୁମିତ୍ରା ବିଶ୍ୱାଳ, ଜିତେନ୍ଦ୍ର ପ୍ରଧାନ, ଆଲୋକ ରଂଜନ ଦାସ, ଶେଷଦେବ ରାଉତ, ଅଜୟ ଗିରି, ସରୋଜ ବିଶ୍ୱାଳ, ଭାରତୀ ନାୟକ ଓ ସବିତା ନାୟକ ପ୍ରମୁଖ ୫ ଦିନ ଧରି କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ।

## ବ୍ରାହ୍ମଣ ମହାସଭାର ଦ୍ୱିବାର୍ଷିକୀ ସମ୍ମିଳନୀ ପ୍ରସ୍ତୁତି ଚୂଡ଼ାନ୍ତ



ଆନନ୍ଦପୁର,୪ା୧୨ (ସମିସ): ଆନନ୍ଦପୁର ବ୍ରାହ୍ମଣ ମହାସଭାର ଦ୍ୱିତୀୟବାର୍ଷିକ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକରେ ସର୍ବଭାରତୀୟ ସଭାପତି ଡ ବିପିନି ବିହାରୀ ମିଶ୍ର ଓ ରାଜ୍ୟ ସଭାପତି ଡ ସଦାନନ୍ଦ ଦୀକ୍ଷିତ ଯୋଗଦେବା ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଫକୀରପୁରସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଆୟୋଜକ କମିଟିର ଉପଦେଷ୍ଟା ନରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏନେଇ ଅନୁଷ୍ଠିତ ଏକ ବୈଠକରେ ସଙ୍ଘ ଉପଦେଷ୍ଟା ଶରତ କୁମାର ମିଶ୍ର ଆୟୋଜକ କମିଟି ସଦସ୍ୟ ବୁଦ୍ଧଦେବ ପଣ୍ଡା ହରମୋହନ ପାଢ଼ୀ ସଙ୍ଘ ସଂଯୋଜକ ମଦନ ମୋହନ ମିଶ୍ର ସହସମ୍ପାଦକ ଆଇନଜୀବୀ ଭାଗୀରଥି ଦାଶ ଆଲୋଚନା କରିଥିଲେ। ଏଥିରେ ୧୬ ଶାସନ, ୩୨ ପଡ଼ା ଶାସନ ଓ ୬୪ଟି ଉପଶାସନର ବହୁ ମାନ୍ୟଗଣ୍ୟ କର୍ମକାଣ୍ଡବିତ୍ ବୈଦିକ ସଂସ୍କୃତି, ରୀତିନୀତି, ପରମ୍ପରା, ଯଜ୍ଞ, ଅନୁଷ୍ଠାନ, ବେଦଶାସ୍ତ୍ର, ଶ୍ରୀମଦ୍ ଭଗବତ ଉପରେ ଆଲୋଚନା କରିବେ। ବ୍ରାହ୍ମଣ ସମାଜର ସୁରକ୍ଷା, ଭବିଷ୍ୟତ ପିଢ଼ିଙ୍କୁ କର୍ମକାଣ୍ଡରେ ପ୍ରବୀଣ କରିବାକୁ ବିଭିନ୍ନ ଶାସନର ପ୍ରତିନିଧିମାନେ ଏଥିରେ ଯୋଗଦାନ କରି ନିଜ ମତ ରଖିବେ ବୋଲି ଆବାହକ ମଦନ ପାଣି ଜଣାଇଛନ୍ତି। ବୈଠକରେ ସଂଯୋଜକ ମଦନ ମୋହନ ମିଶ୍ର, ବୁଦ୍ଧଦେବ ପଣ୍ଡା, ହରମୋହନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ମା’ଜଗତଜନନୀ ସେବା ଟ୍ରଷ୍ଟର ସେବାକାର୍ଯ୍ୟ




ଚମ୍ପୁଆ,୪ା୧୨(ସମିସ): ଚମ୍ପୁଆ ଅଞ୍ଚଳରେ ଶୀତ ବଢିଥିବା ଦୃଷ୍ଟିରୁ ମା’ ଜଗତଜନନୀ ସେବା ଟ୍ରଷ୍ଟ ପକ୍ଷରୁ ୨୧ଟି ପଞ୍ଚାୟତ ଏବଂ ଏନଏସି ଅନ୍ତର୍ଗତ ଗରିବ ଶ୍ରେଣୀର ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଚମ୍ପୁଆ ବିଧାୟକ ତଥା ଟ୍ରଷ୍ଟ ମୁଖ୍ୟ ସନାତନ ମହାକୁଡଙ୍କ ତତ୍ତ୍ୱାବଧାନରେ ଟ୍ରଷ୍ଟ ସଦସ୍ୟ ଗଣେଶ ଖିଲାର, ପାଣ୍ଡବ ଖିଲାର ଏବଂ ଅନ୍ୟାନ୍ୟ ସଦସ୍ୟ ୧୮ଟି ପଞ୍ଚାୟତରେ ବସ୍ତ୍ରଦାନ କରିସାରିଛନ୍ତି। ପ୍ରାୟ ୩୦ ହଜାର କମ୍ବଳ ବଣ୍ଟନ ଲକ୍ଷ୍ୟ ରହିଥିବା ବେଳେ ଅନ୍ୟ ପଞ୍ଚାୟତଗୁଡ଼ିକରେ ଖୁବଶୀଘ୍ର ଏହି ଶୀତବସ୍ତ୍ର ଯୋଗାଇ ଦିଆଯିବ ବୋଲି ସଦସ୍ୟ ଶ୍ୟାମ ଖିଲାର ସୂଚନା ଦେଇଛନ୍ତି।

# ପ୍ରତିଶ୍ରୁତିରେ ଅଟକିଛି ପୋଲ ନିର୍ମାଣ କାର୍ଯ୍ୟ



କୁଆଁମରା,୪।୧୨(ସମିସ): ଗ୍ରାମର ବିକାଶ ଘଟିଲେ ଦେଶର ବିକାଶ ଘଟିବ ବୋଲି ସରକାର ଭାଷଣବାଜି ଦେଉଥିବାବେଳେ ତାହା ଅନେକ ସ୍ଥାନରେ କାଗଜକଲମ ଓ ପ୍ରତିଶ୍ରୁତିରେ ଅଟକି ରହିଛି। ଏପରି ଚିତ୍ର ଦେଖିବାକୁ ମିଳିଛି ଖୁଣ୍ଟା ବ୍ଲକସ୍ଥିତ ବଡ଼ପଥରା ଅଞ୍ଚଳରେ। ବଡ଼ପଥରା ପଞ୍ଚାୟତରୁ ଭୋଲାଗଡ଼ିଆ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଦୂର୍ଗାସାହି ନିକଟରେ ଏକ ନାଳ ଉପରେ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦୁଇ ପଞ୍ଚାୟତର ଲୋକେ ଦାବି କରି ଆସୁଛନ୍ତି। ତେବେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ପୋଲ ନିର୍ମାଣ ପାଇଁ ବିଜେପି ପକ୍ଷରୁ ପାଞ୍ଚ ବର୍ଷ ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ଦୁଇ ଦୁଇ ଥର ବିଜେପି ଉକ୍ତ ଆସନରୁ ବିଜୟଲାଭ କରିଥିଲେ ମଧ୍ୟ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ଅଟକି ରହିଛି। ଖାଲି ଏତିକି ନୁହେଁ ପ୍ରତିଶ୍ରୁତି ମଧ୍ୟରେ ଟୁଙ୍କି ପର୍ଯ୍ୟଟନସ୍ଥଳୀ ରାସ୍ତାର ଉନ୍ନତୀକରଣ, ରଙ୍ଗମାଟିଆସ୍ଥିତ ଜିତେନ୍ ସାହିର ଉଜ୍ଜଳ ଆଲୋକ ବ୍ୟବସ୍ଥା, କମ୍ୟୁନିଟି ହଲ୍ ନିର୍ମାଣ ପ୍ରଭୃତି ୬ ବର୍ଷ ପରେ ବି ବିଧାୟକ ଏହାକୁ କାର୍ଯ୍ୟକାରୀ ନ କରିବା ଅତ୍ୟନ୍ତ ପରିତାପର ବିଷୟ।

ତେବେ ଦୂର୍ଗାସାହି ନିକଟରେ ପ୍ରବାହିତ ନାଳରେ ବର୍ଷା ଋତୁ ୪ ମାସ ଦୁଇ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼େ। ଉକ୍ତ ନାଳରେ ସର୍ବଦା ବର୍ଷା ଦିନେ ୫/୬ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଯୋଗୁଁ ଯାତାୟାତ ସମ୍ଭବ ହୋଇପାରେ ନାହିଁ। କୌଣସି କାମରେ ଯିବାକୁ ହେଲେ ଲୋକମାନଙ୍କୁ ୫/୬ କିଲୋମିଟର ବୁଲି ଯିବାକୁ ପଡ଼ିଥାଏ। ତେବେ ବହଳଦା, ରଙ୍ଗମାଟିଆ, ଡବକ, ନୂଆଗାଁ, ଶ୍ରୀରାମପୁର ପ୍ରଭୃତି ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ସେହିଭଳି ଆଜି ପର୍ଯ୍ୟନ୍ତ ଉଜ୍ଜଳ ଆଲୋକ ବ୍ୟବସ୍ଥା ନ ଥିବାରୁ ସଞ୍ଜ ନଇଁଲେ ଗ୍ରାମ ଲୋକେ ପଦାକୁ ବାହାରନ୍ତି ନାହିଁ। ଶିମିଳିପାଳ ପାଦଦେଶରେ ଏହି ଗ୍ରାମଗୁଡ଼ିକ ଅବସ୍ଥିତ ଥିବାରୁ ବିଶେଷ କରି ସରୀସୃପ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଭୟ ଥାଏ। ତେବେ ନିର୍ବାଚନ ପହଞ୍ଚିଲେ ମାଳମାଳ ନେତା ପହଞ୍ଚୁଥିବାବେଳେ ନିର୍ବାଚନ ସରିଲେ ୫ ବର୍ଷ କାହାରି ଦେଖା ନ ଥାଏ। ତେବେ ରାଜନୈତିକ ଆନ୍ତରିକତା ଅଭାବ ଓ ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଯୋଗୁଁ ଅଞ୍ଚଳର ବିକାଶରେ ପ୍ରତିବନ୍ଧକ ସାଜିଛି ବୋଲି କହିଛନ୍ତି ରାମଚନ୍ଦ୍ର ଟୁଡୁ, ଜହର ହାଁସଦା, କୁଆଁର ହେମ୍ବ୍ରମ, ରଘୁନାଥ ହେମ୍ବ୍ରମ, ମହାତ୍ମା ଟୁଡୁ ପ୍ରମୁଖ।

## ବାଇକ୍‌ରୁ ଖସି ମହିଳା ମୃତ

ବହଳଦା,୪।୧୨(ସମିସ): ତିରିଂ ଥାନା ଅଞ୍ଚଳର ସିଗଦି ନିକଟସ୍ଥ ଗାଲୁଡିହି ଗ୍ରାମର ଜନୈକା ମହିଳା ତିରିଂ ଥାନା ତଥା ବହଳଦା ବ୍ଲକ୍ ଅନ୍ତର୍ଗତ ଅସନା ଗ୍ରାମପଞ୍ଚାୟତ ଫଟାଟାଙ୍ଗର ଗ୍ରାମକୁ ଏକ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଯାଇ ଫେରୁଥିବାବେଳେ ବାଇକ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ତାଙ୍କୁ ଏକ ଅଟୋ ଯୋଗେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳା ଜଣକ ଗାଲୁଡିହି ଗ୍ରାମର ଟିଙ୍ଗରି ବଦ୍ରା (୫୫) ବୋଲି ଜଣାପଡ଼ିଛି।

## ଶଶୁର ଘର ସମ୍ମୁଖରେ ଜ୍ୱାଇଁର ଆତ୍ମହତ୍ୟା

କୁଆଁମରା,୪।୧୨(ସମିସ): ଜଣେ ଯୁବକ ଶଶୁର ଘରକୁ ଆସି ଖୁଣ୍ଟା ଥାନାଠାରୁ ମାତ୍ର ଅଳ୍ପ ଦୂରରେ ଥିବା ଏକ ଗଛର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଅନ୍ତର୍ଗତ ସାହାଡ଼ାହାର ଗ୍ରାମର କୈଳାସ ରାଉତଙ୍କ ପୁଅ ଈଶ୍ୱର(୩୫)। ଈଶ୍ୱର କିଛିଦିନ ତଳେ ତାଙ୍କ ସ୍ତ୍ରୀଙ୍କ ସହ ଶଶୁର ଘର ଖୁଣ୍ଟାକୁ ବୁଲିବାକୁ ଆସିଥିଲେ। କୌଣସି କାରଣକୁ ନେଇ ବୁଧବାର ରାତିରେ ଶଶୁର ଘରୁ ହଠାତ୍ ପଳାଇ ଆସି ଖୁଣ୍ଟା ବ୍ଲକ୍ ସମ୍ମୁଖରେ ଥିବା ଏକ ଗଛରେ ପ୍ଲାଷ୍ଟିକ୍ ରଶି ବେକରେ ବାନ୍ଧି ଈଶ୍ୱର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଶଶୁର ଘର ଲୋକେ ତାଙ୍କୁ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର ସଠିକ୍ କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଚାଲିଥିବା ପୁଲିସ କହିଛି। ଏ ନେଇ ୮୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଧାନ ବିଲ ନଷ୍ଟ କଲା ଦନ୍ତା

ମୋରଡ଼ା,୪।୧୨(ସମିସ): ବେତନଟୀ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଉକ୍ତ ରେଞ୍ଜ ତଥା ବଡ଼ାମପୁର ବିଟ୍ ଅଧୀନ ସାନମାଣିଦା ପଞ୍ଚାୟତର ପିଙ୍ଗୁଡ଼ି ବଇଁଚା ଗ୍ରାମରେ ଥିବା ବିଭିନ୍ନ ଧାନ ବିଲରେ ଏକ ଦନ୍ତା ହାତୀ ପଶି ଧାନ ଖାଇ ନଷ୍ଟ କରୁଥିବାର ଚାଷୀମାନେ ଚିନ୍ତାରେ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ବର୍ତ୍ତମାନ ଧାନକଟା ଚାଲିଥିବାରୁ ହାତୀକୁ ଦେଖି ଚାଷୀମାନେ ଭୟଭୀତ ହୋଇ ଧାନ ବିଲ ଛାଡ଼ି ଦୌଡ଼ି ପଳାଉଥିବାର ଦେଖିବାକୁ ମିଳିଛି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀ ଉପରେ ନଜର ରଖିଛି।

## ନାବାଳିକା ଛାତ୍ରୀକୁ ଦୁଷ୍କର୍ମ; ଅଭିଯୁକ୍ତ ଫେରାର୍, କିରାଣି ଗିରଫ

ରାସଗୋବିନ୍ଦପୁର,୪।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନସ୍ଥ ଦେବଶୂଳ ପଞ୍ଚାୟତ ଅନ୍ତର୍ଗତ ଏକ ବିଦ୍ୟାଳୟରେ ପଢୁଥିବା ଜନୈକା ନାବାଳିକା ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ନିଜର ଅଜା ଘରେ ରହି ପାଠ ପଢୁଥିବା ମୋରଡ଼ା ବ୍ଲକ୍ ଅଞ୍ଚଳର ନାବାଳିକାକୁ ବିଶ୍ୱଜିତ୍ ମହାନାୟକ ନାମକ ଯୁବକ ସ୍କୁଲ କିରାଣି ଡାକୁଛନ୍ତି ଅନ୍‌ଲାଇନ୍ ଛାତ୍ରବୃତ୍ତି ଫର୍ମ ପୂରଣ କରିବା ପାଇଁ। ତେଣୁ ତୁ ମୋ ସହିତ ଚାଲ୍ ଫର୍ମ ପୂରଣ କରି ଆସିବୁ। ଝିଅର ଆଇଙ୍କ କହିବା କଥାକି ଉକ୍ତ ଯୁବକ ଗାଁର ଛୁଆ ହିସାବରେ ଆମ ଘରକୁ ଯିବାଆସିବା କରେ। ସେହି ବିଶ୍ୱାସରେ ସନ୍ଧ୍ୟା ୭ଟାରେ ଫର୍ମ ପୂରଣ ପାଇଁ ଛାଡ଼ିଥିବା କହିଛନ୍ତି। କିନ୍ତୁ ନାତୁଣୀ ଦେଢ଼ ଘଣ୍ଟା ଧରି ନ ଫେରିବାରୁ ଅଜା ସ୍କୁଲ କିରାଣି ଓ ହଷ୍ଟେଲ ଦାୟିତ୍ୱରେ ଥିବା ଆଶିଷ ଦାଶଙ୍କୁ ନାତୁଣୀ ବିଷୟରେ ପଚାରିଥିଲେ। ଫର୍ମପୂରଣ କରିସାରି, ନେଇଆସିଥିବା ପିଲା ସହିତ ଘରକୁ ଚାଲି ଯାଇଥିବା କଥା କିରାଣି କହିଥିଲେ। ଘଟଣାଟି ୨୯ ତାରିଖ ସନ୍ଧ୍ୟାରେ ଘଟିଥିବାବେଳେ ପୀଡ଼ିତା ଛାତ୍ରୀର ଅଜା ଓ ଆଇ ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ୱାର୍ଡ ସଭ୍ୟ ଓ ସରପଞ୍ଚ ଗ୍ରାମସଭା ମାଧ୍ୟମରେ ବୁଝାମଣା କରି ସମାଧାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପୀଡ଼ିତା ତା'ର ଅଭିଭାବକ ସହିତ ଆସି ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ କେସ୍ ନଂ ୪୯୦/୨୫ ମୂଳେ ଏକ ମାମଲା ରୁଜୁ କରି କିରାଣିକୁ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦେଇଛନ୍ତି। ମୁଖ୍ୟ ଆସାମୀ କୁହାଯାଉଥିବା ବିଶ୍ୱଜିତ୍ ମହାନାୟକ ଫେରାର୍ ହୋଇଯାଇଛି।

## ସ୍କୁଲ ପରିସରରୁ ଉଠିପାରୁନି ହାଣ୍ଡିଆ ଦୋକାନ

ମହୁଲଡିହା,୪।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ଠାକୁରମୁଣ୍ଡା ମଧ୍ୟ ଇଂରାଜୀ ବିଦ୍ୟାଳୟ ତଥା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଦୈନିକ ହାଣ୍ଡିଆ ହାଟ ବସୁଛି। ଦୈନିକ ସ୍କୁଲକୁ ଛାତ୍ରଛାତ୍ରୀ ଯାଉଥିବାବେଳେ ମଦପିଇ ଅସାମାଜିକ ଲୋକେ ହାଣ୍ଡିଆ ନିଶାରେ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଜିତ କୁମାର ଲୁଗୁନ ହାଣ୍ଡିଆ ହାଟ ଉଠାଇବା ପାଇଁ ଅଗଷ୍ଟ ୧ ତାରିଖରେ ତାଗିଦ୍ କରିଥିଲେ। ସେତେବେଳେ ହାଣ୍ଡିଆ ଦୋକାନୀ ୧ ସପ୍ତାହ ସମୟ ମାଗିଥିଲେ। ମାତ୍ର ଇତି ମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉଠିପାରିଲା ନାହିଁ ହାଣ୍ଡିଆ ହାଟ।



ଠାକୁରମୁଣ୍ଡା ଏମ୍‌ଇ ସ୍କୁଲ ଜାଗାରେ ହାଣ୍ଡିଆ ହାଟ ଦୈନିକ ଚାଲିଥିବା ସମସ୍ତଙ୍କୁ ଜଣା। ହାଣ୍ଡିଆ ହାଟକୁ ସୁରକ୍ଷା ଦେବାକୁ ଆଇଟିଡିଏ ନିର୍ମିତ ହଷ୍ଟେଲ ସ୍କୁଲ ପରିସରରେ ନିର୍ମାଣ କରାଯାଇ ଅନାବଶ୍ୟକ ପାଚେରି ନିର୍ମାଣ କରାଗଲା। ଭିତରେ ପାଚେରି କରାଗଲା, ଅଥଚ ସ୍କୁଲ ନିଜସ୍ୱ ଜମି ଥିବା ସତ୍ତ୍ୱେ ହାଣ୍ଡିଆ ହାଟ ପାଇଁ ଛାଡ଼ି ଦିଆଯାଇଛି। ଏହି ଜାଗାରେ ହଷ୍ଟେଲ ନିର୍ମାଣ କରାଯାଇପାରିଥା'ନ୍ତା। ଏମିତି ବି କସ୍ତୁରବା ଏବଂ ଅନ୍ୟ ଏକ ୧୦୦ ବେଡ୍ ହଷ୍ଟେଲ ସ୍କୁଲରେ ରହିଛି। ଗୋଟାଏ ସ୍କୁଲ ପାଚେରି ଭିତରେ ଥିବାବେଳେ ଅନ୍ୟଟି ପାଚେରି ବାହାରେ ରହିଛି। ମୁଷ୍ଟିମେୟ ଲୋକ କାହା ସାହସରେ ହଷ୍ଟେଲ କଡ଼ରେ ହାଣ୍ଡିଆ ହାଟ ଖୋଲିଛନ୍ତି। ସ୍କୁଲ ପରିସରରେ ହାଣ୍ଡିଆ ଭାଟି ଉଠାଇବା ଦିଗରେ ଥାନା ଓ ଅବକାରୀ ବିଭାଗ ପ୍ରୟାସ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

**● ମୟୂରଭଞ୍ଜ ମହୋତ୍ସବର ୪ର୍ଥ ସନ୍ଧ୍ୟା**

## ସାନ୍ତାଳୀ ନୃତ୍ୟ, ଗୀତରେ ଦୁଲକିଲା ମଞ୍ଚ



ବାରିପଦା,୪।୧୨(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ୪ର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ସମ୍ମାନିତ ଅତିଥି ଭାବେ ବିଜେପି ନେତା ଜୀବନ ସାହୁ ଓ ଫାଗୁ ହାଁସଦା ପ୍ରମୁଖ ଯୋଗଦେଇ ଆୟୋଜକଙ୍କ ଭୂୟଶୀ ପ୍ରଶଂସା ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଅତିସ୍ ବରଣ ପତି, ସଭାପତି ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ କହିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ। ପ୍ରାରମ୍ଭରେ ସାଇ ନୃତ୍ୟ ଅନୁଷ୍ଠାନ, ବାଲଡିହା ଖଣ୍ଡିଆ ସ୍କୁଲ ବିଦ୍ୟାର୍ଥୀ, ଶିବନ ଟିମ୍ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଆକର୍ଷଣ ଗାୟକ ଭଞ୍ଜ କଏଲ ମଙ୍ଗଲ ହାଁସଦା, ପାରାୟଣି, ଗୋପିନାଥ ସିଂ ଓ ଟିମ୍‌ଙ୍କ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଉପସ୍ଥାପିକା ସ୍ନେହାଶ୍ରୀ, ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚମ ସନ୍ଧ୍ୟାରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ କୃଷ୍ଣା ବାଉରା ଓ ସାଥୀଙ୍କ କାର୍ଯ୍ୟକ୍ରମ ରହିଛି।

## ସ୍ପୋର୍ଟସ୍ କମ୍ପ୍ଲେକ୍ସ ଅନୁଧ୍ୟାନ କଲେ ପ୍ରତିନିଧି ଦଳ

ରାଇରଙ୍ଗପୁର,୪।୧୨(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ାବିତ୍‌ମାନଙ୍କ ପ୍ରତିଭା ବିକାଶ ପାଇଁ ରାଇରଙ୍ଗପୁରରେ ଜାତୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ପ୍ରଶାସନିକ ପ୍ରତିନିଧି ଦଳ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟକ୍ଷମ କରିବା ନେଇ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ। ଉକ୍ତ ଦଳରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜମି ଅଧିଗ୍ରହଣ ଅଧିକାରୀ, ରାଇରଙ୍ଗପୁର ତହସିଲଦାର ସମେତ ଅନ୍ୟମାନେ ପରିଦର୍ଶନ କରି ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ



ପହଞ୍ଚିଥିବାବେଳେ ଖୁବ୍‌ଶୀଘ୍ର ଲୋକାର୍ପଣ ହେବାକୁ ଯାଉଛି। ସ୍ପୋର୍ଟସ୍ କମ୍ପ୍ଲେକ୍ସ ଦ୍ୱାରା ଗ୍ରାମୀଣ ଯୁବଶକ୍ତିଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିବ। କିନ୍ତୁ ସ୍ପୋର୍ଟସ୍ କମ୍ପ୍ଲେକ୍ସକୁ ବର୍ତ୍ତମାନ ପର୍ଯ୍ୟନ୍ତ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇପାରିନାହିଁ। ବଇଦାପୋଷିସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସକୁ ସଂଯୋଗ ରାସ୍ତା ପାଇଁ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ୨କୋଟି ୭୦ଲକ୍ଷ ଟଙ୍କା ମଗାଯାଇଛି। କିନ୍ତୁ ତାହା ଅନୁମୋଦନ ମିଳିନାହିଁ। ତାହାକୁ ଅନୁମୋଦନ କରି ରାସ୍ତା ନିର୍ମାଣ ପ୍ରକ୍ରିୟା ନେଇ ଅନୁଧ୍ୟାନ କରିଛନ୍ତି। ଏହାସହିତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ଓ ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରତିନିଧି ଦଳ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ରାଜନଗର ଓ ଭୀମକୁଣ୍ଡରେ ବ୍ୟାରେଜ୍ ବିଚାରାଧୀନ

ଡୁରୁମୁଙ୍ଗା, ୪।୧୨(ସମିସ): ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପାଟଣା ବ୍ଲକର ନୂଆପଡାଠାରେ ବୈତରଣୀ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦୀର୍ଘଦିନର ଦାବି ପ୍ରସଙ୍ଗରେ ବିଧାନସଭାରେ ୧୫୮୯ ଅଣତାରକା ପ୍ରଶ୍ନ ଉଠାଇଥିଲେ। ଏହାଛଡା ୨୦୨୦ରୁ ଆଜି ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କେଉଁ କେଉଁ ପ୍ରକଳ୍ପ ପାଇଁକେତେ ଅର୍ଥ ବ୍ୟୟ କରାଯାଇଛି ସେନେଇ ଉତ୍ତର ଚାହିଁ ଥିଲେ। ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ବ୍ୟାରେଜ ପାଇଁ କୌଣସି ଉତ୍ତର ରଖି ନଥିବା ବେଳେ ପାଟଣା ବ୍ଲକର ରାଜନଗର ଓ ଭୀମକୁଣ୍ଡଠାରେ ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବ ଥିବା ସୂଚନା ଦେବା ସହ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଘଟଗାଁ ବ୍ଲକର ୧୧୦୩ ହେକ୍ଟର, ସାହାରପଡା ବ୍ଲକର ପ୍ରାୟ ୧୨୪୧.୫୦ହେକ୍ଟର, ପାଟଣା ବ୍ଲକର ୧୧୬୮୧.୫୦ ହେକ୍ଟର ଏବଂ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ପ୍ରାୟ ୬୬୩୫ ହେକ୍ଟର ଜମିକୁ ଜଳଯୋଗାଣ କରାଯିବ। ଏନେଇ ଲକ୍ଷ୍ୟ ରଖାଯାଇ ଚୂଡାନ୍ତ ପ୍ରକଳ୍ପ ରିପୋର୍ଟ କାର୍ଯ୍ୟ ଚାଲୁଥିବା ସୂଚନା ଦେଇଛନ୍ତି। ଏହାଛଡା ବିଭିନ୍ନ ପ୍ରକଳ୍ପର ବ୍ୟୟବରାଦର ତଥ୍ୟ ମଧ୍ୟ ବିଧାୟକଙ୍କୁ ଦିଆଯାଇଛି।

## ଇଣ୍ଡସିଣ୍ଡ ବ୍ୟାଙ୍କ୍‌ରୁ ଲକ୍ଷାଧିକ ଟଙ୍କା ଗାଏବ୍ ଅଭିଯୋଗ




ବଡ଼ବିଲ, ୪।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଥିବା ଇଣ୍ଡସିଣ୍ଡ ବ୍ୟାଙ୍କ୍‌ରୁ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ଫିକ୍ସ ଡିପୋଜିଟରୁ ଟଙ୍କା ଗାଏବ। ଏନେଇ ବ୍ୟାଙ୍କ୍ ଅଧିକାରୀ କୌଣସି ଉତ୍ତର ଦେବାକୁ ଅସମର୍ଥ। ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବାକୁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବଡ଼ବିଲ ଅଞ୍ଚଳର ଚନ୍ଦରେଶ ସାହୁଲିଆଙ୍କୁ ତାଙ୍କର ଠିକଣା ଅପଡେଟ କରିବାକୁ ଫୋନପେ ମାଧ୍ୟମରେ ୧୦ ଟଙ୍କା ପଠେଇବାକୁ କେହିଜଣେ କହିଥିଲେ। ତେବେ ସେ ୧୦ ଟଙ୍କା ପଠେଇବା ପରେ ତାଙ୍କ ଏକାଉଣ୍ଟରୁ ଆଠ ପର୍ଯ୍ୟାୟରେ ନ ଲକ୍ଷ ଟଙ୍କା ସାଇବର ଲୁଟେରା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁଣି ହରଦେବ ସିଂ ନାମକ ଜଣେ ବ୍ୟକ୍ତିଙ୍କୁ ଏକ ମେସେଜ ଆସିଥିଲା। ସେ ମେସେଜଟି ପଢିଲା ପରେ ଫୋନକୁ ରଖିଦେଇଥିଲେ। ତାପରେ ହାକରମାନେ ପର୍ଯ୍ୟାୟକ୍ରମେ ତାଙ୍କ ଫିକ୍ସ ଡିପୋଜିଟ ଥିବା ପ୍ରାୟ ୧୧ ଲକ୍ଷ ଟଙ୍କା କାଢି ନେଇଥିଲେ। ସେମାନେ ଥାନା ଓ ବ୍ୟାଙ୍କରେ ବାରମ୍ବାର ଅଭିଯୋଗ କଲା ପରେ ବି କୌଣସି ପ୍ରକାର ସାହାଯ୍ୟ ମିଳୁ ନଥିବା ଅଭିଯୋଗ କରିଛନ୍ତି।

## ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀଙ୍କ ନୌସେନା ଦିବସ



ବେତନଟୀ,୪।୧୨(ସମିସ): ବେତନଟୀ ବ୍ଲକ୍‌ରେ ବସବାସ କରୁଥିବା ଅବସରପ୍ରାପ୍ତ ପ୍ରତିରକ୍ଷା ବିଭାଗ କର୍ମଚାରୀଙ୍କ ଦ୍ୱାରା ନୌସେନା ଦିବସ ଗୁରୁବାର ପାଳିତ ହୋଇଯାଇଛି। ୧୯୭୧ ମସିହାରୁ ଆଜିର ଦିନରେ ଏହି ନୌସେନା ଦିବସ ପାଳିତ ହୋଇଆସୁଥିବାବେଳେ ବେତନଟୀ ବ୍ଲକ୍‌ରେ ଗଠିତ ପୂର୍ବତନ ସୈନିକ ସଙ୍ଘ ଆନୁକୂଲ୍ୟରେ ଏହି ଦିବସ ଆନନ୍ଦ ଉଲ୍ଲାସର ସହିତ ଏକାଠି ୮୯ ପରିସରରେ ସଂଘର ସଭାପତି ଦୈତାରୀ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ରାଜାରାମ ସିଂ ସଂଘୀୟ ପତାକା ଉତ୍ତୋଳନ କରିବା ପରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିବା ସହ ନାରା ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଜନାର୍ଦ୍ଦନ ମହାନ୍ତ ନୌସେନା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟ ଅମୂଲ୍ୟ କୁମାର ମିଶ୍ରଙ୍କ ସମେତ ସମସ୍ତ ପୂର୍ବତନ ଦେଶ ରକ୍ଷାକାରୀ, ବୀର ନାରୀ, ବୀର ମାତା ପ୍ରମୁଖ ଯୋଗଦେଇଥିବା ବେଳେ ସଙ୍ଘର ସାଧାରଣ ସମ୍ପାଦକ ନରହରି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମରାମତି ହେଲା ଛେନାପଦି-ପଞ୍ଚୁଗୋଛିଆ ପୁରୁଣା ରାସ୍ତା



ହାଟଡ଼ିହୀ,୪।୧୨(ସମିସ):ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଛେନାପଦି ଛକଠାରୁ ପଞ୍ଚୁଗୋଛିଆ ଯାଏଁ ଲମ୍ବିଥିବା ରାସ୍ତାଟି ଅନେକ ଦିନ ଧରି ଖରାପ ହୋଇପଡ଼ିଥିଲା। ରାସ୍ତାର ଭଗ୍ନ ଅବସ୍ଥା ଏବଂ ବଡ଼ ବଡ଼ ଖାଲଖମା ଯୋଗୁଁ ଲୋକମାନେ ଯା'ଆସ କରିବାରେ ହଇରାଣ ହେଉଥିଲେ। ବିଶେଷ କରି ବର୍ଷାଦିନରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ଏପରିକି ପଞ୍ଚୁଗୋଛିଆଠାରୁ ଭୁବନେଶ୍ୱର ଯାଉଥିବା ଦୁଇ ଦୁଇଟି ଘରୋଇ ବସ୍ ଚଳାଚଳ ସହ ଗ୍ରାମାଞ୍ଚଳକୁ ଆସୁଥିବା ମୁଖ୍ୟମନ୍ତ୍ରୀ ବସ ଆସିବାରେ ନାନାଦି ପ୍ରକାରର ଅସୁବିଧା ହେଉଥିଲା। ଏହି ରାସ୍ତା ଉପରେ ସୁଲଣ ଓ ପଞ୍ଚୁଗୋଛିଆ ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗ୍ରାମରୁ ହଜାର ହଜାର ଲୋକେ ପ୍ରତିଦିନ ଯାତାୟତ କରିଥା'ନ୍ତି। ଏଭଳି ସମସ୍ୟା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ରାସ୍ତାର ନବୀକରଣ ଲୋକଙ୍କ ମନରେ ଅସରନ୍ତି ଖୁସି ଭରିଦେଇଛି। ଅନେକ ଦିନ ପରେ ଉତ୍ତମ ଚଳାଚଳ ପାଇଁ ବାଟ ଫିଟି ପାରିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାକାର୍ଯ୍ୟ ହେଉଥିଲା ବେଳେ ସରକାରୀ ଅଟକଳ ପରିମାଣ ପାଖାପାଖି ୬୪ଲକ୍ଷ ଟଙ୍କା ରହିଛି। ଟେଣ୍ଡର ଅନୁସାରେ ମୋଟ୍ ୧୨ କିମି ରାସ୍ତାରୁ ୩ କିମି ୮ଶହ ମିଟର ରାସ୍ତା ପିଚୁ ଏବଂ ଅବାଶିଷ୍ଟାଂଶ କଂକ୍ରିଟ ରାସ୍ତା ହେବ ବୋଲି ନିର୍ଦ୍ଦେଶ ରହିଛି। ଦୁଇଦିନ ତଳେ ରାସ୍ତାକାର୍ଯ୍ୟ ନିମ୍ନମାନର ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସମ୍ପୃକ୍ତ ଠିକାଦାରଙ୍କୁ ପଚାରିବାରୁ ଏସବୁ ବିରୋଧୀଙ୍କ କାର୍ଯ୍ୟ ବୋଲି କହିଛନ୍ତି। ରାସ୍ତାରେ ପିଚୁ ପଡ଼ିବାଠାରୁ ସେଟ୍ ହେବା ଯାଏଁ ଅନ୍ତତଃପକ୍ଷେ ଏକ ସପ୍ତାହ ସମୟ ଆବଶ୍ୟକ ପଡିଥାଏ; ଯେ କୌଣସି କାମରେ ପିଚୁ ପଡିବା ଦିନ ହିଁ ଉଠେଇଲେ ପିଚୁ ଉଠିଯିବା ସ୍ୱାଭାବିକ। ଏଣୁ କାମର ମାନ ଉପରେ ଧ୍ୟାନ ଦିଆଯାଇ କାମ ହେଉଛି। କାମ ଆଦୌ ଖରାପ ନୁହଁ ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ରଜତ ସେଠୀ କହିଛନ୍ତି।

## ସ୍କୁଲ ବସ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର

କେନ୍ଦୁଝର, ୪।୧୨(ସମିସ): ଟାଉନ ଥାନା ଅନ୍ତର୍ଗତ କରଞ୍ଜିଆ ବସଷ୍ଟାଣ୍ଡ ନିକଟରେ ରବିନ୍ଦ୍ର ବିଦ୍ୟା ନିକେତନ ବିଦ୍ୟାଳୟର ଏକ ସ୍କୁଲ ବସ ଧକ୍କାରେ ବାଇକରେ ଯାଉଥିବା ଦମ୍ପତି ଆହତ ହୋଇଛନ୍ତି। ଏହାକୁ ନେଇ କିଛି ସମୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟାଉନ ବସଟିକୁ ଜବତକରି ଡ୍ରାଇଭର ଅର୍ଜୁନ ମହାନ୍ତକୁ ଅଟକ ରଖିଛି। ଆହତଦ୍ୱୟ ହେଉଛନ୍ତି ପାଟଣା ବ୍ଲକ ଅନ୍ତର୍ଗତ ଜଡିଚାତର ଗ୍ରାମର ପରମାନନ୍ଦ ଦାସ(୫୫) ଓ ମମତା ଦାସ(୪୭)। ସେମାନେ ଏକ ବାଇକରେ ଫେରିବା ସମୟରେ ଅପରାହ୍ନ ପ୍ରାୟ ୩ଟା ବେଳେ କରଞ୍ଜିଆ ବସଷ୍ଟାଣ୍ଡ ନିକଟରେ ଥିବା ଭି-୨ ସଫିଂ ମଲକୁ ଯାଉଥିଲେ। ସେହି ସମୟରେ କେନ୍ଦୁଝର ସହରରୁ ରବିନ୍ଦ୍ର ବିଦ୍ୟା ନିକେତନ ସ୍କୁଲ ଅଭିମୁଖେ ଯାଉଥିବା ଓଡି୦୯-ଏନ-୫୪୭୫ ନମ୍ବର ବସଟି ଧକ୍କା ଦେଇଥିଲା। ଭୟରେ ଡ୍ରାଇଭର ଭି-୨ ମଲ ଭିତରକୁ ପଶି ଯାଇଥିଲା। ଆହତଙ୍କୁ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆହତ ପରମାନନ୍ଦ ଦାସ ଜଡିଚାତର ଗ୍ରାମ ସବ୍ ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଭାବେ କାମ କରୁଛନ୍ତି। ଟାଉନ ପୋଲିସ ସ୍କୁଲ ବସଟିକୁ ଜବତ୍ କରି ତଦନ୍ତ କରୁଛି।


## ଦୁଇ ବାଇକ୍ ଧକ୍କାରେ ୫ ଗୁରୁତର

ଡୁରୁମୁଙ୍ଗା, ୪।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳ ବାରତୁଣିଆ ସ୍କୁଲ ଛକ ନିକଟରେ ଗୁରୁବାର ସକାଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧାଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବ୍ୟକ୍ତିମାନେ ହେଲେ ବରାଟିପିରା ଗ୍ରାମର ଦାସ ମୁଣ୍ଡା ଏବଂ ବିଜାନାଳୀ ଗ୍ରାମର ରାଜା ମୁଣ୍ଡାଙ୍କ ସହ ବାରତୁଣିଆ ଗ୍ରାମର ବିଜୟ ଭୂଷଣ ମହାନ୍ତ, ତାଙ୍କ ଜେଜେମା ଲକ୍ଷ୍ମୀ ମହାନ୍ତ। ବରାଟିପିରା ଗ୍ରାମର ୩ ଜଣ ସାଙ୍ଗ ଗୋଟେ ବାଇକ୍ ଯୋଗେ ବାରଟୁଣିଆ ଗାଁରୁ ଫେରୁଥିବା ସମୟରେ ବାରଟୁଣିଆ ଗ୍ରାମର ଲକ୍ଷ୍ମୀ ମହାନ୍ତ ଓ ଭୂଷଣ ମହାନ୍ତ ସାଙ୍ଗ ହୋଇ ନିଜ ଗ୍ରାମରକୁ ଯାଉଥିଲେ। ଏହି ସମୟରେ ଉଭୟ ବାଇକ୍ ଦୁର୍ଘଟଣା ଘଟିଥିଲା। ୫ ଜଣ ବାଇକ୍‌ରୁ ଛିଟିକି ପଡି ରାସ୍ତା ଉପରେ ପଡି ରହିଥିଲେ। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ୪ ଜଣ ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ପୁଣିଥରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ପାଟଣା ରେଞ୍ଜରେ ମହାବଳ ବାଘର ଫଟୋ ଭାଇରାଲ୍


ଡୁରୁମୁଙ୍ଗା, ୪।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ସନ୍ନିକଟ ବଣମହୁଲଡିହା ଗାଁ ନିକଟରେ ୨ଟି ମହାବଳ ବାଘ ବୁଲୁଥିବା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କିଛିଦିନ ହେବ ଏହି ବାଘ ରହିଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାକୁ





ନେଇ ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର ଗୁଜବ ବୋଲି କହିଛନ୍ତି।

## ବୃଦ୍ଧି ପାଇବେ ଉଜ୍ଜ୍ୱଳା ହିତାଧିକାରୀ: ଆଇଓସିଏଲ




କେନ୍ଦୁଝର, ୪।୧୨(ସମିସ): ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ) ଅଧୀନରେ ୨୫ ଲକ୍ଷ ଅତିରିକ୍ତ ନିଶୁଳ୍କ ଏଲପିଜି ଅନୁମୋଦିତ ହୋଇଥିବା କେନ୍ଦୁଝର ଶ୍ରୀକ୍ଷେତ୍ର ଇଣ୍ଟରନ୍ୟାସନାଲ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଓସିଏଲର ଓଡ଼ିଶା ଦାଇତ୍ୱରେ ଥିବା ଅଧିକାରୀମାନେ ସୂଚନା ପ୍ରଦାନ କରିଛନ୍ତି। ଏପର୍ଯ୍ୟନ୍ତ ଯୋଜନା ଅଧୀନରେ କେନ୍ଦୁଝର ଜିଲ୍ଲାର ୨ ଲକ୍ଷ ମହିଳା ଉପକୃତ ହୋଇଥିବା କୁହାଯାଇଛି। ଏବେ ଏହି ଯୋଜନାରେ ନୂତନ ଭାବେ ସାମିଲ ହେବାକୁ ଆବେଦନ ପ୍ରକ୍ରିୟା ଚାଲୁଥିବା ଜଣାପଡିଛି। ଯୋଗ୍ୟ ଆବେଦନକାରୀଙ୍କୁ ଜମାବିହୀନ ସିଲିଣ୍ଡର, ପ୍ରେସର ରେଗୁଲେଟର, ସୁରକ୍ଷା ହୋଜ, ଡୋମେଷ୍ଟିକ୍ ଗ୍ୟାସ କନ୍‌ଜ୍ୟୁମର୍ କାର୍ଡ, ପ୍ରଶାସନିକ ଶୁଳ୍କ ଛାଡ ସହ ନିଶୁଳ୍କ ଗ୍ୟାସ ଚୁଲ୍ହା ଏବଂ ପ୍ରଥମ ରିଫିଲ୍ ମଧ୍ୟ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଆବଶ୍ୟକତା ଅନୁଯାୟୀ, ୧୪.୨ କିଲୋଗ୍ରାମ, ୫ କିଲୋଗ୍ରାମ ସିଙ୍ଗଲ ସିଲିଣ୍ଡର କିମ୍ବା ୫ କିଲୋଗ୍ରାମର ଡବଲ ସିଲିଣ୍ଡର ବିକଳ୍ପ ଚୟନ କରିପାରିବେ। ଗରିବ ପରିବାରର ବୟସ୍କମାନେ ଯେଉଁ ପରିବାରରେ ପୂର୍ବରୁ କୌଣସି ଏଲପିଜି ସଂଯୋଗ ନଥାଏ ସେମାନେ ଆବେଦନ କରିପାରିବେ। ଆବଶ୍ୟକ କାଗଜପତ୍ର, କେୱାଇସି ଫର୍ମ (ଫଟୋ ସହ), ଠିକଣା ପ୍ରମାଣ (ଆଧାର ଠିକଣା ଯଦି ବର୍ତ୍ତମାନ ଠିକଣାସହିତ ମେଳ ନଖାଏ) ପରିବାର ଗଠନ ଦଲିଲ (ରାସନ କାର୍ଡ/ରାଜ୍ୟ ସରକାର ଦଲିଲ) ଆବେଦକ ଏବଂ ପରିବାରର ସମସ୍ତ ବୟସ୍କ ସଦସ୍ୟଙ୍କ ଆଧାର, ବ୍ୟାଙ୍କ ଖାତା ବିବରଣୀ, ଘୋଷଣାପତ୍ର, ପ୍ରବାସୀ ପରିବାରମାନଙ୍କ ପାଇଁ ପିଓଏ ଏବଂ ଆବଶ୍ୟକ କାଗଜପତ୍ର ସହ ନିକଟସ୍ଥ ଏଲପିଜି ବିତରକଙ୍କ ପାଖକୁ ଯାଇ କିମ୍ବା ଅନଲାଇନରେ ନିକଟସ୍ଥ (କମନ୍ ସର୍ଭିସ ସେଣ୍ଟର) ମାଧ୍ୟମରେ ଆବେଦନ କରିପାରିବେ। ଜାତି ପ୍ରମାଣପତ୍ର ଆବଶ୍ୟକତା ନଥିବାବେଳେ ଆବେଦନ କରିବାକୁ ଆଧାରର ବାୟୋମେଟ୍ରିକ ପ୍ରମାଣିକରଣ ଜରୁରୀ ବୋଲି ସୂଚନା ମିଳିଛି। ଗୁରୁବାର କେନ୍ଦୁଝରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇଣ୍ଡିଆନ ଅଏଲ କର୍ପୋରେସନର ରାଜ୍ୟ ମୁଖ୍ୟ ପ୍ରବନ୍ଧକ କମଲ ଶୀଲ, କମ୍ପାନୀର ଏଲପିଜି ମୁଖ୍ୟ ମହାପ୍ରବନ୍ଧକ ନାରୋ ଟୁଣ୍ଡୁପ, କେନ୍ଦୁଝର ଜିଲ୍ଲା ମୁଖ୍ୟ ବେସାମାରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, କମ୍ପାନୀର କର୍ପୋରେଟ ସଞ୍ଚାର ଯୋଜନା ସମନ୍ୱୟ ମହାପ୍ରବନ୍ଧକ ସୁସ୍ମିତା ତ୍ରିପାଠୀ, ଆଇଓସିଏଲର ସମ୍ବଲପୁର ମଣ୍ଡଳୀୟ ଏଲପିଜି ବିକ୍ରୟ ମୁଖ୍ୟ ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଉଧାର ଟଙ୍କା ଫେରିପାଇବେ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ଭାବିଚିନ୍ତି କାମ କରନ୍ତୁ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ପାରିବାରିକ ଜୀବନ ସୁଖମୟ ହେବ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତି ହୋଇପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବନ୍ଧୁଙ୍କ ସହଯୋଗ ମିଳିପାରେ। ମହିଳାମାନେ ପିଲାଙ୍କ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ଅବିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିପାରେ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନୂତନ ଯାନବାହନ କିଣିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଜମି ତଥା ଯାନବାହନ କିଣିପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ଆଳସ୍ୟ ଅନୁଭବ କରିପାରନ୍ତି। ପ୍ରେମରେ ବିଫଳ ହୋଇପାରନ୍ତି।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିପାରନ୍ତି।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ। ଭବିଷ୍ୟତ ପାଇଁ ଚିନ୍ତା ବଢ଼ିବ। ନୂଆ ଯୋଜନା କରିପାରନ୍ତି। ବନ୍ଧୁଙ୍କ ସହ ଦୂରଯାତ୍ରା କରିପାରନ୍ତି। ଆଶା ପୂରଣ ହେବ।

**ମୀନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଧାର କରଜରୁ ଦୂରେଇ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଦୀର୍ଘ ଦିନରୁ ଲାଗିରହିଥିବା ପାରିବାରିକ ସମସ୍ୟାର ସମାଧାନ ହେବ।

## ଆଜିର ଦିନରେ

- ୧୯୪୬- ଭାରତରେ ହୋମଗାର୍ଡ ସଂଗଠନର ସ୍ଥାପନା।
- ୧୯୭୧: ଭାରତ ବାଂଲାଦେଶକୁ ଦେଶ ଭାବେ ମାନ୍ୟତା ପ୍ରଦାନ କଲା।
- ୧୯୯୯- ଯୁକ୍ତା ମୁଖୀ ବିଶ୍ୱ ସୁନ୍ଦରୀ ଟାଇଟଲ୍ ଜିତିଲେ।
- ୨୦୧୩- ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲ୍‌ସନ ମଣ୍ଡେଲାଙ୍କ ପରଲୋକ।
- ୨୦୧୬- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ନିଧନ।



# ବିଶ୍ୱ ମୃତ୍ତିକା ଦିବସ

ମାଟି ବିନା ଜୀବ ଜଗତର କଳ୍ପନା ଅସମ୍ଭବ। ମାଟି ସହ ମଣିଷ ଓତଃପ୍ରୋତ ଭାବେ ଜଡ଼ିତ। ମାଟିରୁ ଆମକୁ ୯୫ ପ୍ରତିଶତ ଖାଦ୍ୟ ମିଳେ । ମାଟି ରହିଲେ ହିଁ ଇକୋସିଷ୍ଟମରେ ସମନ୍ୱୟ ସମ୍ଭବ । ମୃତ୍ତିକା ସଂରକ୍ଷଣ ଦିଗରେ ସଚେତନତା ସୃଷ୍ଟି ପାଇଁ ଖାଦ୍ୟ ଓ ଶସ୍ୟ ସଂଗଠନ (FAO) ପକ୍ଷରୁ ପ୍ରତିବର୍ଷ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରାଯାଏ । ମୃତ୍ତିକାର ଜୈବିକ ଗୁଣକୁ ବଜାୟ ରଖି ଚାଷୀ କିପରି ଉନ୍ନତ ମାନର ଚାଷ କାର୍ଯ୍ୟ କରିପାରିବ ଏହାହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଜଳ ବିନା ମଣିଷ ଜୀବନର କଳ୍ପନା ଅସମ୍ଭବ ସେହିପରି ମାଟି ବା ମୃତ୍ତିକା ବିନା ମଧ୍ୟ ଜୀବନର କଳ୍ପନା କରାଯାଇ ପାରିବ ନାହିଁ । ଆଜିର ଦିନରେ କିଭଳି ମୃତ୍ତିକା ପ୍ରଦୂଷଣକୁ ରୋକାଯାଇ ପାରିବ ଏହି ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି । ଭାରତ ଏକ କୃଷି ପ୍ରଧାନ ଦେଶ । ସେଥିପାଇଁ ମୃତ୍ତିକାର ସୁରକ୍ଷା ନିହାତି ଜରୁରି । ବର୍ତ୍ତମାନ ସମୟରେ ଚାଷୀମାନେ ଅଧିକ ଚାଷ ପାଇଁ ଆଧୁନିକ ଶୈଳୀକୁ ଆପଣାଇଥାନ୍ତି । ଏଥିପାଇଁ ସେମାନେ କୃଷି କାର୍ଯ୍ୟରେ ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକ ଆଦି ବ୍ୟବହାର କରୁଛନ୍ତି। ଏହାଦ୍ୱାରା ମାଟିର ଉର୍ବରତା ହ୍ରାସ ପାଉଛି। ଏହାର ପ୍ରଭାବ ସମସ୍ତ ମାନବଜାତି ଏବଂ ପଶୁପକ୍ଷୀଙ୍କ ଉପରେ ପଡୁଛି । ଏହାକୁ ରୋକିବା ଉଦ୍ଦେଶ୍ୟରେ ଏହି ଦିନକୁ ପାଳନ କରାଯାଏ। ୨୦୧୩ ମସିହା ୨୦ ଡିସେମ୍ବରରେ ସଂଯୁକ୍ତ ରାଷ୍ଟ୍ରର ଖାଦ୍ୟ ଓ କୃଷି ସଂଗଠନ ୫ ଡିସେମ୍ବରକୁ 'ବିଶ୍ୱ ମୃତ୍ତିକା ଦିବସ' ରୂପେ ପାଳନ କରିବାପାଇଁ ନିଷ୍ପତ୍ତି ନେଇଥିଲେ। ଏହି ସଂଗଠନର ପ୍ରସ୍ତାବକ୍ରମେ ୨୦୧୩ରେ ଜାତିସଂଘର ସାଧାରଣ ପରିଷଦ ଏହାକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିଥିଲା ଏବଂ ୨୦୧୪ ଡିସେମ୍ବର ୫ରେ ପ୍ରଥମ ମୃତ୍ତିକା ଦିବସ ପାଳନ କରାଯାଇଥିଲା। ପ୍ରାକୃତିକ ପ୍ରକ୍ରିୟାରେ ଶୀଳାର ଅବକ୍ଷୟ ହୋଇ କାଳକ୍ରମେ ଏହା ମାଟିରେ ପରିଣତ ହୋଇଥାଏ। ମାତ୍ର ଏକ ଇଞ୍ଚ ମାଟି ସୃଷ୍ଟି କରିବା ପାଇଁ ୧୦୦୦ ବର୍ଷରୁ ଅଧିକ ବର୍ଷ ସମୟ ଲାଗିଥାଏ। ଭୂପୃଷ୍ଠ ଉପରେ ନରମ ହାଲୁକା ଆସ୍ତରଣକୁ ମୃତ୍ତିକା କୁହାଯାଏ। ଜୀବନ ପାଇଁ ମାଟିର ଅବଦାନ ବହୁ ଗୁରୁତ୍ୱପୂର୍ଣ୍ଣ। ଏଥପାଇଁ ମାଟିକୁ ମା' ସହ ତୁଳନା କରାଯାଏ। ମନୁଷ୍ୟର ମୌଳିକ ଆବଶ୍ୟକତା ଯେପରିକି ଖାଦ୍ୟ , ବସ୍ତ୍ର, ବାସଗୃହ ଆଦିର ପ୍ରଧାନ ଉତ୍ସ ଭାବେ ମୃତ୍ତିକାକୁ ଧରାଯାଏ। ତେଣୁ ମୃତ୍ତିକାର ସଂରକ୍ଷଣ ନିହାତି ଆବଶ୍ୟକ । ନଚେତ ଜୀବ ଜଗତର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ଏଥିରେ ସନ୍ଦେହ ନାହିଁ ।

# ଫାଇଟର୍ ପାଇଲଟ୍ ଭୂମିକାର ରଣବୀର-ଭିକି

ଚଳିତବର୍ଷ ସବୁଠୁ ଚର୍ଚ୍ଚିତ ଫିଲ୍ମ ମଧ୍ୟରେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ରହିଛି। ଫିଲ୍ମଟି ସାମାଜିକ ଗଣମାଧ୍ୟମରେ ମଧ୍ୟ ବେଶ୍ ଚର୍ଚ୍ଚାରେ ରହିଛି। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ରଣବୀର କପୁର ଓ ଭିକି କୌଶଲଙ୍କର ଏକ ଭିଡିଓ ଭାଇରାଲ ହୋଇଛି। ଭାଇରାଲ ହୋଇଥିବା ଭିଡିଓରେ ରଣବୀର ଓ ଭିକି ଏୟାରଫୋର୍ସ ୟୁନିଫର୍ମରେ ନଜର ଆସିଛନ୍ତି। ସେମାନଙ୍କ ପଛପଟରେ MiG-21 ଫାଇଟର ଜେଟ୍ ରହିଛି। ତେବେ ରଣବୀର ଓ ଭିକିଙ୍କ ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଏଥିରୁ ରଣବୀର ଓ ଭିକି ଫିଲ୍ମରେ ପାଇଲଟ୍ ଭୂମିକାରେ ଅଭିନୟ କରିବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ସଞ୍ଜୟ ଏହି ଫିଲ୍ମର ସୁଟିଂ ଆସନ୍ତା ମାର୍ଚ୍ଚ ସୁଦ୍ଧା ସାରିବାକୁ ଚାହୁଁଛନ୍ତି। ସେ ସ୍ୱାଧୀନତା ଦିବସ ଅବସରରେ ଏହି ଫିଲ୍ମଟିକୁ ରିଲିଜ୍ କରିବାକୁ ଯୋଜନା କରିଛନ୍ତି। ଏଥିରେ ରଣବୀର ଓ ଭିକିଙ୍କ ସହ ଆଲିଆ ଭଟ୍ଟ ଲିଡ୍ ରୋଲରେ ନଜର ଆସିବେ। ୨୦୦ କୋଟିର ବଜେଟ୍‌ର ନିର୍ମିତ ଏହି ଫିଲ୍ମ ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ଏକ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ।



## ଅଜବ ପରମ୍ପରା

# ବିବାହ ଦିନ ଲଣ୍ଡା ହୁଏ କନିଆ



ବିବାହକୁ ନେଇ ପ୍ରତ୍ୟେକ ସମାଜରେ ଭିନ୍ନ ଭିନ୍ନ ରୀତିନୀତି ରହିଛି। ଏହି କ୍ରମରେ ଚୀନ୍‌ର ଲାହୁ ଜନଜାତିରେ ବିବାହ ଦିନ କନିଆ ଲଣ୍ଡା ହେବା ପରମ୍ପରା ରହିଛି। ଏହି ରୀତିନୀତି କେବଳ ଏକ ପରମ୍ପରା ନୁହେଁ, ବରଂ ଏହା ସେମାନଙ୍କ ପରିଚୟ, ସମର୍ପଣ ଏବଂ ଜୀବନ-ମୃତ୍ୟୁ ସହ ଗଭୀର ଦର୍ଶନ ସହିତ୍ ଜଡ଼ିତ ବୋଲି ଏହି ଜନଜାତିର ଲୋକେ କୁହନ୍ତି। ଚୀନ୍‌ର ଦକ୍ଷିଣ-ପଶ୍ଚିମ ପ୍ରାନ୍ତରେ ଏହି ଜନଜାତି ବସବାସ କରନ୍ତି। ଏମାନଙ୍କ ଜନସଂଖ୍ୟା ୫ ଲକ୍ଷ ହେବ। ସ୍ଥାନୀୟ ଭାଷାରେ ଲାହୁ ଶବ୍ଦର ଅର୍ଥ ହେଉଛି ବାଘ। ଏହି ଜନଜାତିରେ ବିବାହ ଦିନ କନିଆ ଲଣ୍ଡା ହୋଇଥାଏ। ଏଠାରେ ପ୍ରଚଳିତ ଲୋକବିଶ୍ୱାସ ଅନୁସାରେ, ଏହା ପୁରୁଣା ଜୀବନକୁ ବିଦାୟ ଦେଇ ଏକ ନୂଆ ଜୀବନର ଆରମ୍ଭକୁ ସୂଚାଇଥାଏ। କନିଆ ଲଣ୍ଡା ହେବା ଦ୍ୱାରା ଜୀବନସାଥୀ ପ୍ରତି ସେ ପୂର୍ଣ୍ଣଭାବେ ସମର୍ପିତ ବୋଲି ଏହା ସୂଚାଇଥାଏ। ଏହାକୁ ପବିତ୍ରତାର ପ୍ରତୀକ ଭାବେ ମଧ୍ୟ ଦେଖାଯାଏ। ତେବେ ଆଗରୁ ଲାହୁ ସମ୍ପ୍ରଦାୟରେ ଉଭୟ ପୁରୁଷ ଏବଂ ମହିଳା ଉଭୟଙ୍କୁ ବିବାହ ପୂର୍ବରୁ ଲଣ୍ଡା କରାଯାଉଥିଲା। ଏହା ସେମାନଙ୍କ ପରିଚୟର ପ୍ରତୀକ ଥିଲା। ଏଭଳି କରି ସେମାନେ ସେମାନଙ୍କ ସଂସ୍କୃତି ପରମ୍ପରାକୁ ନେଇ ଗର୍ବ ଅନୁଭବ କରୁଥିଲେ। ଜନ୍ମ ଏବଂ ମୃତ୍ୟୁ ପରସ୍ପର ପରିପୂରକ। ଜୀବନର ଶେଷ ସମୟ ଜନ୍ମ ଭଳି ପବିତ୍ର ବୋଲି ଏହି ଜନଜାତିର ଲୋକେ ଭାବନ୍ତି। ସେଥିପାଇଁ ଏହି ଜନଜାତିରେ କାହାର ମୃତ୍ୟୁ ହେଲେ, ଅନ୍ତିମ ସଂସ୍କାରରେ ଦମ୍ପତିଙ୍କୁ ଏକାଠି ଆସିବା ବାଧ୍ୟତାମୂଳକ। ବିଶ୍ୱାସ ରହିଛି ଯେ, ଯଦି ଜଣେ ସାଥି ବିନା ଅନ୍ତିମ ସଂସ୍କାରରେ ଯୋଗ ଦେଉଛନ୍ତି ତେବେ ସେ ନକାରାତ୍ମକ ଶକ୍ତି ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଦମ୍ପତି ଏକାଠି ସାଥି ହୋଇ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଦ୍ୱାରା ଏହା ସନ୍ତୁଳନ ଏବଂ ସୁରକ୍ଷାର ପ୍ରତୀକ ହୋଇଥାଏ। ୧୯୫୦ ମସିହା ପରେ ଲାହୁ ସମ୍ପ୍ରଦାୟର ଲୋକେ ସେମାନଙ୍କ ନିୟମରେ କିଛି ପରିବର୍ତ୍ତନ ଆଣିଥିଲେ । ଏବେ ଯଦିଓ ଅବିବାହିତ ମହିଳାଙ୍କୁ କେଶ ବଢ଼ାଇବାକୁ ଅନୁମତି ରହିଛି, କିନ୍ତୁ ବିବାହ ଦିନ ଲଣ୍ଡା ହେବା ପରମ୍ପରା ଆଜି ବି ବଜାୟ ରହିଛି। ଏହି ପ୍ରଥା କେବଳ ଧାର୍ମିକ ନୁହେଁ, ବରଂ ସଂସ୍କୃତି, ସମ୍ମାନ ଏବଂ ପରିଚୟର ପ୍ରତୀକ ବୋଲି ଏଠାକାର ଲୋକେ ବିଶ୍ୱାସ କରନ୍ତି।



## ସଞ୍ଜୀବନୀ

# ମାଢ଼ି ରୋଗକୁ ଅଣଦେଖା କଲେ ବିପଦ



**ମୁଖ ଗହ୍ୱରର ସ୍ୱଚ୍ଛତା ଦାନ୍ତ, ମାଢ଼ି ତଥା ଶରୀରକୁ ସୁସ୍ଥ ରଖିପାରେ। ସୁସ୍ଥ ମାଢ଼ି ଶକ୍ତ ଦାନ୍ତର ଭିତ୍ତିଭୂମି। ଏବେ କିନ୍ତୁ ମାଢ଼ି ରୋଗ ସାଧାରଣ ରୋଗ ଭାବେ ଉଭା ହୋଇଛି। ଲକ୍ଷଣବିହୀନ ଅବସ୍ଥା ଯାହା ଦନ୍ତ କ୍ଷୟ, ମଧୁମେହ, ହୃଦ୍‌ରୋଗ ଏବଂ ଗର୍ଭଧାରଣରେ ଜଟିଳତା ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେଣୁ ମାଢ଼ି ରୋଗ ସହ ଜଡ଼ିତ କାରଣ ଏବଂ ବିପଦକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ। ପ୍ରାରମ୍ଭିକ ଚିହ୍ନଟ ଜଟିଳତାର ଆଶଙ୍କାକୁ ହ୍ରାସ କରିଥାଏ।**

**କାରଣ ଏବଂ ବିପଦ କାରକ:** ପ୍ଲାକ୍ ଜମିବା ମାଢି ରୋଗର ମୁଖ୍ୟ କାରଣ। ଏହାର ଚିକିତ୍ସା ନ କରାଗଲେ, ଏହା ଟାର୍ଟାରରେ ପରିଣତ ହୁଏ। ମାଢ଼ିରେ ସମସ୍ୟା ସୃଷ୍ଟି କରି ଜିଞ୍ଜିଭାଇଟିସ୍ ଏବଂ ଶେଷରେ ପିରିଓଡ଼ଂଟାଇଟିସ୍ ସୃଷ୍ଟି କରେ। ମାଢ଼ି ରୋଗ ବିପଦ କାରକ ମଧ୍ୟରେ ଧୂମପାନ, ମଧୁମେହ, ଏବଂ ଖରାପ ମୁଖ ସ୍ୱଚ୍ଛତା ରହିଛି। ଜିଞ୍ଜିଭାଇଟିସ୍ ମାଢ଼ି ରୋଗର ପ୍ରାରମ୍ଭିକ ଅବସ୍ଥା ଯାହା ପ୍ରଦାହ, ରକ୍ତସ୍ରାବ ଏବଂ ଫୁଲିଯାଇଥିବା ମାଢ଼ିରୁ ଜଣାପଡ଼ିଥାଏ। ଏହା ମାଢ଼ି ରୋଗର ଗମ୍ଭୀର ରୂପ ନେଇ ଦନ୍ତକ୍ଷୟ, ସଂକ୍ରମଣ, ଦନ୍ତ ହାଡ଼ କ୍ଷୟ ସମସ୍ୟା ସୃଷ୍ଟି କରିପାରେ। ମଧୁମେହ ମଧ୍ୟ ମାଢ଼ି ରୋଗର ଆଶଙ୍କା ବଢ଼ାଏ। ସେହିରି ବଂଶାନୁକ୍ରମିକ ପ୍ରବୃତ୍ତି କେତେକ ବ୍ୟକ୍ତିଙ୍କ ମଧ୍ୟରେ ଏହାର କାରଣ ହୁଏ।

**ଆୟୁର୍ବେଦିକ ଉପଚାର:** ଲବଙ୍ଗ ଏବଂ ନିମ ଭଳି ଉପାଦାନରେ ଜୀବାଣୁ ବିରୋଧୀ ଏବଂ ପ୍ରଦାହ ବିରୋଧୀ ଗୁଣ ଅଛି। ଏହା ମାଢ଼ି ରୋଗରୁ ସୁରକ୍ଷା ଦିଏ। ଲବଙ୍ଗର ଯନ୍ତ୍ରଣା ନିବାରକ ଗୁଣ ପ୍ରଦାହକୁ ଶାନ୍ତ କରେ। ନିମ ଜୀବାଣୁ ବୃଦ୍ଧିକୁ ରୋକିପାରେ। ଲବଙ୍ଗ ଓ ନିମରୁ ପ୍ରସ୍ତୁତ ଆୟୁର୍ବେଦିକ ପେଷ୍ଟ ମାଢ଼ିକୁ ସୁସ୍ଥ ରଖେ।

**ପ୍ରତିରୋଧ ପାଇଁ ଉପାୟ:** ପରୀକ୍ଷିତ ଆୟୁର୍ବେଦ ପେଷ୍ଟରେ ପ୍ରତିଦିନ ବ୍ରସ୍ କରିବା ଏବଂ ପ୍ଲାକ୍ ଦୂର ପାଇଁ ଫ୍ଲସିଂ କରିବା ଜରୁରି। ମାଢ଼ିର ଧାର ସଫା କରିବା ସହ ସଠିକ୍ ବ୍ରସିଂ କୌଶଳ ଆବଶ୍ୟକ। ଯେଉଁଠି ଟୁଥବ୍ରସ୍ ପହଞ୍ଚି ପାରେନି, ସେଠାରେ ଫ୍ଲସିଂ ଦାନ୍ତ ମଧ୍ୟରୁ ପ୍ଲାକ୍ ଦୂର କରେ। ନିୟମିତ ଦନ୍ତ ଚେକଅପ୍ ଜରୁରି। ଏହା ଟାର୍ଟାର ଜମାକୁ ଦୂର କରିବା ସହ ଦନ୍ତଚିକିତ୍ସକଙ୍କୁ ମାଢ଼ି ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରେ। ମାଢ଼ିର ସୁସ୍ଥତା ପାଇଁ ସନ୍ତୁଳିତ ଖାଦ୍ୟ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଫଳ ଏବଂ ଶାଗ ଖାଦ୍ୟ ମାଢ଼ି ତନ୍ତୁ ପାଇଁ ଜରୁରି ପୋଷକ ଯୋଗାଏ। ମାଢ଼ି ସଂକ୍ରମଣ ରୋକିବାକୁ ହର୍ବାଲ୍ ମାଉଥୱାସ୍ ବ୍ୟବହାର କରିପାରିବେ। ଧୂମପାନ ଏବଂ ମଦ୍ୟପାନ ଛାଡ଼ିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଡାକ୍ତର ସୋନିଆ ଦତ୍ତା
ଦନ୍ତ ବିଶେଷଜ୍ଞ

## କର୍କଟର ନୂତନ ଚିକିତ୍ସା
# ଟାର୍ଗେଟେଡ୍ ଥେରାପି

**ଆମ ଶରୀରର ପ୍ରତ୍ୟେକ ଜୀବକୋଷ ଏକ ନିର୍ଦ୍ଦିଷ୍ଟ ସମୟରେ ବଢ଼େ। ନଷ୍ଟ ହୋଇଥାଏ। ମାତ୍ର ଶରୀର କୋଷ ଗୁଡ଼ିକର ଅନିୟନ୍ତ୍ରିତ ଅଭିବୃଦ୍ଧିକୁ କର୍କଟ କୁହାଯାଏ। ଦେଶରେ ଗତ କିଛି ବର୍ଷ ମଧ୍ୟରେ ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ କର୍କଟ ଦେଖାଯାଉଛି। କର୍କଟ କୋଷକୁ ନଷ୍ଟ କରିବାକୁ କେମୋ ଥେରାପି, ରେଡିଓ ଥେରାପି, ବ୍ରାକି ଥେରାପି ଆଦି ଦିଆଯାଇଥାଏ। ଏହି କ୍ରମରେ କର୍କଟ ପାଇଁ ଟାର୍ଗେଟେଡ୍ ଥେରାପି ମଧ୍ୟ ବେଶ ପ୍ରଭାବୀ।**



ଟାର୍ଗେଟେଡ୍ ଥେରାପି ଏକ ଉନ୍ନତ ଚିକିତ୍ସା ପଦ୍ଧତି। କେମୋଥେରାପିଠାରୁ ଏହା ପୂରା ଭିନ୍ନ। ଏହି ଥେରାପି କର୍କଟ କୋଷରେ ବିଶିଷ୍ଟ ଆନୁବଂଶିକ ତଥା ମ୍ୟୁଟେସନ୍ ପରିବର୍ତ୍ତନକୁ ଲକ୍ଷ୍ୟ କରିଥାଏ। ଏହା ସୁସ୍ଥ କୋଷକୁ ବିଶେଷ କ୍ଷତି ପହଞ୍ଚାଏ ନାହିଁ। କେବଳ କର୍କଟ କୋଷରେ ଥିବା ସ୍ୱତନ୍ତ୍ର ପ୍ରୋଟିନ୍ ବା ଅଣୁକୁ ନଷ୍ଟ କରିବାରେ ଏହା ସାହାଯ୍ୟ କରିଥାଏ। ଟାର୍ଗେଟେଡ୍ ଥେରାପିରେ ସ୍ୱତନ୍ତ୍ର ପ୍ରକାର ଔଷଧ ବ୍ୟବହାର କରାଯାଏ। ଯାହା ଫଳରେ କର୍କଟ ବୃଦ୍ଧି କରୁଥିବା କୋଷର ବିକାଶ ଧୀମା ହୋଇଥାଏ। ଜାତୀୟ କର୍କଟ ସଂସ୍ଥାର ରିପୋର୍ଟ ଅନୁସାରେ, ଟାର୍ଗେଟେଡ୍ ଥେରାପି ଯୋଗୁଁ ୨୦ରୁ ୨୪% ରୋଗୀଙ୍କ ବୟସ ୫ବର୍ଷ ଯାଏଁ ବୃଦ୍ଧି ହୋଇପାରେ। ଟାର୍ଗେଟେଡ୍ ଥେରାପି ଟ୍ୟୁମରକୁ ରକ୍ତ ଯୋଗାଣରେ ହସ୍ତକ୍ଷେପ କରି ବୃଦ୍ଧି ହେବାକୁ ଦିଏନି। ଶରୀରକୁ ନିଜସ୍ୱ ପ୍ରତିରକ୍ଷା ପ୍ରଣାଳୀକୁ କର୍କଟ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ।

ବିଶେଷ କରି ଗମ୍ଭୀର କର୍କଟ ରୋଗରେ ଏହି ଥେରାପି ଦିଆଯାଇଥାଏ। ପାରମ୍ପରିକ ଥେରାପି ତୁଳନାରେ ଏଥିରେ କମ୍ ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ। ଟାର୍ଗେଟେଡ୍ ଥେରାପି ନେବା ଦ୍ୱାରା ରୋଗୀ ବହୁତ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କେମୋ ଥେରାପି ସହିତ ଟାର୍ଗେଟେଡ୍ ଥେରାପି ମଧ୍ୟ ନିଆଯାଇ ପାରିବ।



## କୋଲେଷ୍ଟ୍ରଲକୁ ନିୟନ୍ତ୍ରିତ ରଖେ
# ହଳଦିଆ ଡ୍ରାଗନ୍‌ଫ୍ରୁଟ୍

**ଡ୍ରାଗନଫ୍ରୁଟ୍ ଭିଟାମିନ୍ ବି୬, ବି୯, ଇ, କେ, ଫାଇବର ଏବଂ ଆଣ୍ଟି ଅକ୍ସିଡାଣ୍ଟରେ ଭରପୂର। ସ୍ୱାସ୍ଥ୍ୟ ପାଇଁ ଏହା ବହୁତ ଉପକାରୀ। ଲାଲ୍ ଡ୍ରାଗନଫ୍ରୁଟ୍ ପରି ହଳଦିଆ ଡ୍ରାଗନଫ୍ରୁଟ କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ।**

- ହଳଦିଆ ଡ୍ରାଗନଫ୍ରୁଟ୍‌ରେ ଥିବା ଫାଇବର କ୍ଷତିକାରକ କୋଲେଷ୍ଟ୍ରଲ (ଏଲ୍‌ଡିଏଲ୍)କୁ କମ୍ କରେ। ଭଲ କୋଲେଷ୍ଟ୍ରଲ (ଏଚ୍‌ଡିଏଲ୍) ସ୍ତର ନିୟନ୍ତ୍ରଣରେ ରଖିପାରେ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ହୃଦୟକୁ ସୁସ୍ଥ ରଖିବା ସହ ରକ୍ତସଫା କରିପାରେ। ଏପରିକି ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ଆଶଙ୍କାକୁ କମ୍ କରେ ।
- ଏଥିରେ କମ୍ କ୍ୟାଲୋରୀ ଏବଂ ଫାଇବର ଥିବାରୁ ଏହା ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରେ। ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। କୋଷ୍ଠକାଠିନ୍ୟ ଦୂର କରେ।
- ଏହି ଫଳରେ ଥିବା ଭିଟାମିନ୍ ସି ଶରୀରର ରୋଗପ୍ରତିରୋଧକ କ୍ଷମତାକୁ ମଜଭୁତ କରେ। ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିଥାଏ। ଜଳୀୟଅଂଶ ପୂରା କରିବାରେ ବେଶ୍ ସହାୟକ ହୋଇଥାଏ।

## ସୂର୍ଯ୍ୟକିରଣ ଅଭାବ ପୂରା କରିବ
# ଭିଟାମିନ୍-ଡି' ଡ୍ରପ୍

**ଶୀତଋତୁରେ ଥଣ୍ଡାରୁ ସୁରକ୍ଷା ପାଇବାକୁ ଲୋକେ ଶୀତ ପୋଷାକ ବ୍ୟବହାର କରନ୍ତି। କୋଠରିରେ ଘଣ୍ଟା ଘଣ୍ଟା ରୁହନ୍ତି। ଏହା ଦ୍ୱାରା ପ୍ରାକୃତିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସି ପାରନ୍ତିନି। ଫଳରେ ଶରୀରରେ ଭିଟାମିନ୍ -ଡି'ର ଅଭାବ ହୁଏ। ଭିଟାମିନ୍-ଡି' ଅଭାବ ପୂରଣ କରିବାକୁ ଡି୩ ସପ୍ଲିମେଣ୍ଟ ସେବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।**

ଭିଟାମିନ୍ -ଡି' ଅସ୍ଥିକୁ ଶକ୍ତ କରିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ପ୍ରାକୃତିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆମ ଚର୍ମ ଆସିଲେ, ନିର୍ଦ୍ଦିଷ୍ଟ କୋଷଗୁଡିକ ଭିଟାମିନ୍-ଡି' କଣିକା ତିଆରି କରିଥାନ୍ତି। ହେଲେ ଆଧୁନିକ ଜୀବନଶୈଳୀ ତଥା ଶୀତଋତୁରେ ବନ୍ଦ କୋଠରିରେ ଏ.ସିରେ ରହିବା, ଭିଟାମିନଯୁକ୍ତ ଖାଦ୍ୟ ନ ଖାଇବା, ସୂର୍ଯ୍ୟକିରଣ ସଂସ୍ପର୍ଶରେ ନ ଆସିବା ଆଦି କାରଣରୁ ଥକ୍କାପଣ, ଅଳସୁଆ, ସମସ୍ୟା ଦେଖାଦିଏ। ତେଣୁ ଖାଦ୍ୟପେୟରେ ଭିଟାମିନ୍-ଡି'ଯୁକ୍ତ ଖାଦ୍ୟ ଯଥା ସାଲମନ୍, ଟୁନା, ଅଣ୍ଡାର ଧଳା ଅଂଶ, ପ୍ରାମାଣିକ ଦୁଗ୍ଧ ଆଦି ସାମିଲ କରି ପାରିବେ। ୨୦ରୁ ୩୦ ମିନିଟ୍ କଅଁଳିଆ ଖରାରେ ସମୟ ବିତାଇବା ଆବଶ୍ୟକ।

**ନାନୋଡ୍ରପ୍ ସପ୍ଲିମେଣ୍ଟ:** ଭିଟାମିନ୍-ଡି' ମାତ୍ରାଧିକ ଅଭାବ ଥିଲେ ଡି୩ (କୋଲେକାଲ୍‌ସିଫେରଲ) ସପ୍ଲିମେଣ୍ଟ ସାହାଯ୍ୟ ନେଇ ପାରିବେ।



ନାନୋଡ୍ରପ୍ ରୂପେ ଆସୁଥିବା ସପ୍ଲିମେଣ୍ଟ ପ୍ରଭାବୀ। ଏହା ଶର୍କରାମୁକ୍ତ। ମଧୁମେହରେ ପୀଡ଼ିତ ଏହାକୁ ଖାଇପାରିବେ। ଏହାକୁ ସଠିକ ମାତ୍ରାରେ ବ୍ୟବହାର କଲେ ଅସ୍ଥି ଶକ୍ତ ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଏ।

### ୪ ଦିନ ପରେ ବାରବାଟୀ ମୁକାବିଲା

# ଆଜିଠାରୁ କାଉଣ୍ଟରରେ ଟିକଟ ବିକ୍ରି

କଟକ,୪।୧୨(ସମିସ):

**ସକାଳ ୯ଟାରେ ଖୋଲିବ 'ବକ୍ସ ଅଫିସ୍'**

**ମାତ୍ର ୧୦,୦୦୦ ଟିକଟ ବିକ୍ରୟ ହେବ**

**ଚାହିଦାରେ ଗ୍ୟାଲେରୀ ନଂ-୧ ଓ ୩ ଟିକଟ୍**

**ଅଗ୍ନିନିରାପତ୍ତାକୁ ଗୁରୁତ୍ୱ; ଫାୟାର ବଲ୍ ମଗାଇଲା ଓସିଏ**




ଶୁକ୍ରବାର ଅଫଲାଇନ୍‌ରେ ଟିକଟ ବିକ୍ରି ହେବ। ମୋଟ୍ ୧୦ହଜାର ଟିକଟ କାଉଣ୍ଟରକୁ ଆସିବ। ସକାଳ ୯ଟାରେ ବକ୍ସ ଅଫିସ ଖୋଲିବାକୁ ସମୟଧାର୍ଯ୍ୟ ହୋଇଥିବା ବେଳେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟିକଟ ବିକ୍ରି ଜାରି ରହିବ। ପ୍ରାୟତଃ ଗୋଟିଏ ଦିନରେ କାଉଣ୍ଟର ଟିକଟ ଶେଷ ହୋଇଯାଏ। ନିର୍ଦ୍ଧାରିତ ସଂଖ୍ୟକ ଟିକଟ ବିକ୍ରି ନହୋଇ ପାରିଲେ ଶନିବାର ମଧ୍ୟ ବକ୍ସ ଅଫିସ ଖୋଲାଯିବ। ତେବେ ଗୁରୁବାର ସନ୍ଧ୍ୟାରୁ ଷ୍ଟାଡିୟମ ନିକଟରେ କ୍ରିକେଟପ୍ରେମୀଙ୍କ ଭିଡ ଲାଗିଥିବା ବେଳେ ପୁଲିସ ସେମାନଙ୍କୁ ଘଉଡାଉଥିବା ଦେଖିବାକୁ ମିଳିଛି। ରାଜ୍ୟର କୋଣଅନୁକୋଣରୁ ଟିକଟ ଆଶାୟୀ ଏବେ ବାରବାଟୀ ନିକଟରେ ଡେରା ଜମାଇଛନ୍ତି।

ବାରବାଟୀରେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲାକୁ ଆଉ ୪ ଦିନ ବାକି। ଚଳିତଥର ଅନଲାଇନ୍‌ରେ ମାତ୍ର ୨ହଜାର ଟିକଟ ବିକ୍ରି ହୋଇଛି। ଏଣୁ ବକ୍ସ ଅଫିସରୁ ଟିକଟ ପାଇବାକୁ ନେଇ ଉତ୍କଣ୍ଠା ବଢ଼ିଛି। ଚଳିତଥର ବ୍ୟାରିକେଡ ବ୍ୟବସ୍ଥାରେ ସୁଧାର ଅଣାଯାଇଛି। ସର୍ପେଣ୍ଟାଇନ୍(ଜିକଜ୍ୟାକ୍) ଶୈଳୀରେ ବ୍ୟାରିକେଡ ବନ୍ଧା ଯାଇଛି। ଶୃଙ୍ଖଳିତ ଢ଼ଙ୍ଗରେ ବକ୍ସ ଅଫିସ ଟିକଟ ବିକ୍ରି କରାଯିବାକୁ ପୁଲିସ ଏବଂ ଓସିଏ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି। କିଛିଦିନ ପୂର୍ବେ ଆଇଆଇଟି ପ୍ରତିନିଧି ଷ୍ଟାଡିୟମ ଅନୁଧ୍ୟାନ କରିଥିଲେ। ଷ୍ଟାଡିୟମରେ ହୋଇଥିବା ନବୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ପ୍ରତିନିଧି ଦଳ ଆଜି ଷ୍ଟ୍ରକଚରାଲ ସେଫ୍ଟି ସାର୍ଟିଫିକେଟ ପ୍ରଦାନ କରିଛି। ଏହି ରିପୋର୍ଟ ରାଜ୍ୟ ସରକାରଙ୍କୁ ମଧ୍ୟ ଦିଆଯାଇଛି। ଅନ୍ୟପକ୍ଷରେ ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ନେଇ ଓସିଏ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟ କନସଲଟାଣ୍ଟ ଇଂ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ଆସନ୍ତା ୭ ତାରିଖରେ ବାରବାଟୀରେ ଅଗ୍ନିଶମ ବିଭାଗ ଏବଂ ଓସିଏ ପକ୍ଷରୁ ମିଳିତ ଭାବେ ମକଡ୍ରିଲ କରାଯିବ। ସନ୍ଧ୍ୟା ୮ଟାରୁ ୧୦ଟା ପର୍ଯ୍ୟନ୍ତ ଷ୍ଟାଡିୟମକୁ ଅନ୍ଧାର କରାଯିବ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ବ୍ୟତୀତ ଓସିଏ ପକ୍ଷରୁ ୧୫୦ ଫାୟାରମ୍ୟାନ୍ ନିଯୁକ୍ତ କରାଯାଇଥିବା ଶ୍ରୀ ମହାପାତ୍ର ଜଣାଇଛନ୍ତି। ରାଜ୍ୟ କ୍ରିକେଟ ସଂଘ ପକ୍ଷରୁ ଫାୟାର ବଲ୍ ଏବଂ ଏରୋସଲ୍ ଅଣାଯାଇଛି। ଅଗ୍ନିକାଣ୍ଡ ଘଟିଲେ ଦୂରରୁ ଫାୟାର ବଲ୍ ଏବଂ ଏରୋସଲ୍ ଫିଙ୍ଗା ଯାଇ ନିଆଁକୁ ଆୟତ କରାଯାଇପାରିବ। ଏରୋସଲ୍ ୬୦୦ବର୍ଗଫୁଟ ଅଞ୍ଚଳରେ ନିଆଁକୁ ନିୟନ୍ତ୍ରଣ କରି ପାରିବ ବୋଲି ସେ ଜଣାଇଛନ୍ତି।

**ଟିକଟ୍ ମୂଲ୍ୟ**

| | |
|---|---|
| ଗ୍ୟାଲେରୀ ନଂ-୧ | ୧୧୦୦ଟଙ୍କା |
| ଗ୍ୟାଲେରୀ ନଂ-୨ | ୯୦୦ଟଙ୍କା |
| ଗ୍ୟାଲେରୀ ନଂ-୩ | ୧୧୦୦ଟଙ୍କା |
| ଗ୍ୟାଲେରୀ ନଂ-୪ | ୯୦୦ଟଙ୍କା |
| ଗ୍ୟାଲେରୀ ନଂ-୫ | ୧୨୦୦ଟଙ୍କା |
| ଗ୍ୟାଲେରୀ ନଂ-୭ | ୭୦୦ଟଙ୍କା |
| ସ୍ପେଶିଆଲ ଏନକ୍ଲୋଜର | ୬ ହଜାର ଟଙ୍କା |
| ଏସି ବକ୍ସ | ୮ ହଜାର ଟଙ୍କା |
| ନ୍ୟୁ ପ୍ୟାଭିଲିୟନ | ୧୦ ହଜାର ଟଙ୍କା |
| କର୍ପୋରେଟ ବକ୍ସ | ୨୦ ହଜାର ଟଙ୍କା |



### ମ୍ୟାଚ୍ ଲାଗି ପ୍ରସ୍ତୁତି









## ଡିଏସ୍‌ପି ଭାବେ ଦାୟିତ୍ୱ ନେଲେ ରିଚା



**ସିଲିଗୁଡ଼ି, ୪।୧୨ (ଏଜେନ୍ସି):** ବିଶ୍ୱକପ୍ ବିଜୟିନୀ ଭାରତୀୟ ମହିଳା କ୍ରିକେଟ୍ ଦଳର ସଦସ୍ୟା ରିଚା ଘୋଷ ପଶ୍ଚିମବଙ୍ଗ ପୁଲିସରେ ଡେପୁଟୀ ସୁପରିଟେଣ୍ଡେଣ୍ଟ ଅଫ୍ ପୁଲିସ (ଡିଏସ୍‌ପି) ର୍‌ୟାଙ୍କରେ ଯୋଗଦେଇଛନ୍ତି। ତାଙ୍କୁ ବର୍ତ୍ତମାନ ସିଲିଗୁଡ଼ିର ଆସିଷ୍ଟାଣ୍ଟ କମିଶନର ଅଫ୍ ପୁଲିସ (ଏସିପି) ଭାବେ ଦାୟିତ୍ୱ ଦିଆଯାଇଛି। ସିଲିଗୁଡ଼ି କମିଶନରେଟ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଚାକିରିରେ ଯୋଗଦେବା ଅବସରରେ ୨୨ ବର୍ଷୀୟା ରିଚାଙ୍କ ସହ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଭାରତ ଗତ ମହିଳା ଦିନିକିଆ ବିଶ୍ୱକପ୍‌ର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇ ପ୍ରଥମଥର ଲାଗି ଚାମ୍ପିଅନ ହୋଇଥିଲା। ରିଚା ଟୁର୍ଣ୍ଣାମେଣ୍ଟରେ ୧୩୩.୫୨ ଷ୍ଟ୍ରାଇକରେଟ୍‌ରେ ୨୩୫ ରନ ସଂଗ୍ରହ କରିଥିଲେ। ଏହି ସଫଳତା ପରେ ପଶ୍ଚିମବଙ୍ଗ ସରକାର ରିଚାଙ୍କୁ ଡିଏସ୍‌ପି ପଦରେ ଚାକିରି ପ୍ରଦାନ କରିଥିଲେ।

### ରବୀନ୍ଦ୍ର-୧୭୬, ଲାଥମ-୧୪୫

## ନ୍ୟୁଜିଲାଣ୍ଡ କବ୍‌ଜାରେ ଦ୍ୱିତୀୟ ଟେଷ୍ଟ





**ଖ୍ରୀଷ୍ଟଚର୍ଚ୍ଚ,୪।୧୨(ଏଜେନ୍ସି):** ରାଚିନ ରବୀନ୍ଦ୍ରଙ୍କ ୧୭୬ ଓ ଟମ୍ ଲାଥମଙ୍କ ୧୪୫ ରନ୍ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଚାଲିଥିବା ଦ୍ୱିତୀୟଟେଷ୍ଟ ଘରୋଇ ନ୍ୟୁଜିଲାଣ୍ଡ କବ୍‌ଜାରେ ରହିଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ୬୪ ରନ୍‌ରେ ଆଗୁଆ ରହିଥିବା ନ୍ୟୁଜିଲାଣ୍ଡ ତୃତୀୟ ଦିନ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୪ ୱିକେଟରେ ୪୧୭ ରନ୍ ସଂଗ୍ରହ କରିନେଇଛି। ରାଚିନ ଓ ଲାଥମଙ୍କୁ ଛାଡ଼ିଦେଲେ ଡେଭନ କନୱେ ୩୭ ରନ୍ କରି ତୃତୀୟ ଟପ୍ ସ୍କୋରର ହୋଇଛନ୍ତି। ଖେଳ ଆଉ ଦୁଇଦିନ ବାକିଥିଲାବେଳେ ନ୍ୟୁଜିଲାଣ୍ଡ ମୋଟରେ ୪୮୧ ରନ୍‌ରେ ଆଗୁଆ ରହି ଏହି ଟେଷ୍ଟକୁ ନିଜ କବ୍‌ଜାରେ ରଖିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଜିତି ଘରୋଇ ଦଳ ୧-୦ରେ ଆଗୁଆ ରହିଛି।

### ଏଫ୍‌ଆଇଏଚ୍ ପୁରୁଷ ଜୁନିଅର ହକି ବିଶ୍ୱକପ୍

## ଆଜି ଭାରତ-ବେଲଜିୟମ୍ କ୍ୱାର୍ଟର ଫାଇନାଲ

**ଚେନ୍ନାଇ,୪।୧୨(ଏଜେନ୍ସି):** ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ଜୁନିଅର ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମୁକାବିଲା ଆସନ୍ତାକାଲି ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଖେଳାଯିବ। ଏହା ମଧ୍ୟରେ ଭାରତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ହକି ଦେଶ ଭାବେ ବିବେଚିତ ବେଲଜିୟମ ସହ ମୁକାବିଲା ହେବ। ଏହି ଦଳ ବିପକ୍ଷରେ ଭାରତର ପ୍ରଦର୍ଶନ ଭଲ ନୁହେଁ। ଭାରତ ମଧ୍ୟ ଓମାନ, ଚିଲି ଓ ସ୍ୱିଜରଲାଣ୍ଡ ଭଳି ଦେଶକୁ ହରାଇ ଗ୍ରୁପ୍ ଟପ୍ପର ହେବା ସହ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। କିନ୍ତୁ ଦଳର ଅସଲ ପରୀକ୍ଷା ଏହିଠାରୁ ଆରମ୍ଭ ହେବ। ଚଳିତ ଟୁର୍ଣ୍ଣାମେଣ୍ଟରେ ବେଲଜିୟମ ଆକ୍ରମଣାତ୍ମକ ହକି ଖେଳି ୨୨ଟି ଗୋଲ ସ୍କୋର କରିଛି। ଉଭୟ ଫିଲ୍ଡ ଓ ପେନାଲ୍ଟି କର୍ଣ୍ଣରରୁ ଗୋଲ ଦେଇଛି ବେଲଜିୟମ। ଏପରିକି ସ୍ପେନ୍ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳି ଏହି ଦଳ କ୍ୱାର୍ଟର ଫାଇନାଲ ମୁକାବିଲା ଲାଗି ପ୍ରସ୍ତୁତି କରିନେଇଛି।

ଅନ୍ୟ ପକ୍ଷରେ ଗ୍ରୁପ୍‌ରେ ଭାରତ ୨୯ଟି ଗୋଲ ଦେଇଥିଲେ ମଧ୍ୟ ଗୋଟିଏ ଗୋଲ ବରଣ କରିନାହିଁ। କିନ୍ତୁ ଦଳ କୌଣସି ଶକ୍ତିଶାଳୀ ଦେଶ ବିପକ୍ଷରେ ଖେଳିନାହିଁ। ଗ୍ରୁପ୍‌ର ପ୍ରତିଦ୍ୱନ୍ଦ୍ୱୀ ଓ କ୍ୱାର୍ଟର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଦଳର ଦକ୍ଷତା ମଧ୍ୟରେ ଅନେକ ଫରକ ରହିଛି। ଏଣୁ ଭାରତକୁ ଏହି ମୁକାବିଲା ଜିତିବାକୁ ହେଲେ ଆମକୁ ଆମ ଖେଳରେ ଉନ୍ନତି ଆଣିବାକୁ ହେବ ବୋଲି ହେଡ୍ କୋଚ୍ ପିଆର ଶ୍ରୀଜେଶ କହନ୍ତି। ବିଶେଷ କରି ସର୍କଲ ଏଣ୍ଟ୍ରିରେ ପ୍ରବେଶ ପରେ ହେଉ କିମ୍ବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବା ଆମ ଲାଗି ନିହାତି ଆବଶ୍ୟକ। ଏଥିରେ ଆମେ ଦୁର୍ବଳ ରହିଛୁ। ଓଡ଼ିଶା ଖେଳାଳି ରୋଶନ କୁଜୁରଙ୍କ ନେତୃତ୍ୱରେ ଆମ ମିଡ୍ ଫିଲ୍ଡ ସୁଦୃଢ଼ ରହିଛି। କିନ୍ତୁ ରକ୍ଷଣଭାଗରେ ଦୃଢ଼ତା ନାହିଁ। ଅଧିନାୟକ ରୋହିତ, ତାଲେମ ପ୍ରିୟୋବ୍ରତ, ଅମିର ଅଲିଙ୍କୁ ନେଇ ରକ୍ଷଣଭାଗ ଗଠିତ। ଗୋଲରକ୍ଷକ ପ୍ରିନ୍ସ ଦୀପ୍ ସିଂହ ଓ ବିକ୍ରମଜିତ ସିଂହଙ୍କ ଉପରେ ମଧ୍ୟ ଗୁରୁ ଦାୟିତ୍ୱ ରହିଛି। ଏମାନଙ୍କ ପାରଦର୍ଶିତା ବିନା ଭାରତ କ୍ୱାର୍ଟର ଫାଇନାଲର ଏରୁଣ୍ଡିବନ୍ଧ ଡେଇଁବା ସମ୍ଭବ ନୁହେଁ।

**କ୍ୱାର୍ଟର ଫାଇନାଲ ଖେଳସୂଚୀ**

**ଚେନ୍ନାଇ-ଡିସେମ୍ବର ୫, ୨୦୨୫**

| ପ୍ରତିଦ୍ୱନ୍ଦ୍ୱୀ | ଖେଳ ଆରମ୍ଭ |
|---|---|
| ସ୍ପେନ୍- ନ୍ୟୁଜିଲାଣ୍ଡ | ୧୨ଟା ୩୦ |
| ଫ୍ରାନ୍ସ- ଜର୍ମାନୀ | ଅପରାହ୍ନ ୩ଟା |
| ନେଦରଲାଣ୍ଡସ-ଆର୍ଜେଣ୍ଟିନା | ସନ୍ଧ୍ୟା ୫ଟା୩୦ |
| ଭାରତ- ବେଲଜିୟମ | ରାତି ୮ଟା |

### ନ୍ୟାସନାଲ ରାଇଫଲ ସଂଘ ନିର୍ବାଚନ

## କଳିକେଶ ସଭାପତି, ଗୌରୀ ଯୁଗ୍ମ ସମ୍ପାଦକ




**ଭୁବନେଶ୍ୱର, ୪।୧୨ (ସମିସ):** ଓଡ଼ିଶାର କଳିକେଶ ନାରାୟଣ ସିଂଦେଓ ଏବଂ ଗୌରୀ ମହାନ୍ତି ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ)ର ସଭାପତି ଓ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଏନ୍‌ଆର୍‌ଏଆଇର ନିର୍ବାଚନ ଅନୁଷ୍ଠିତ ହୋଇଛି। ପୂର୍ବରୁ କଳିକେଶ ସଭାପତି ଭାବେ ଓ ପୱନ ସିଂହ ସାଧାରଣ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲା। ସଂଘର ଅନ୍ୟ ପଦବୀ ଲାଗି ଆଜି ନିର୍ବାଚନ ଅନୁଷ୍ଠିତ ହୋଇଥିଲେ। ଏଥିରେ ବରିଷ୍ଠ ଉପସଭାପତି ଭାରେ ତେଲଙ୍ଗାନାର ଅମିତ ସାଙ୍ଗି, ଉପସଭାପତି ଭାବେ କନୱର ସୁଲତାନ ସିଂହ ଓ ସୁଷମା ସିଂ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଓଡ଼ିଶାର ଗୌରୀ ମହାନ୍ତି ପ୍ରଥମଥର ଜାତୀୟ ସଂଘରେ ନିର୍ବାଚିତ ହୋଇଛନ୍ତି। କଳିକେଶ ୨୦୨୯ ଯାଏ ସଭାପତି ରହିବେ। ଖେଳାଳିଙ୍କ ପ୍ରତିନିଧିଭାବେ କାର୍ଯ୍ୟକାରୀ କମିଟିକୁ ଗଗନ ନାରଙ୍ଗ, କୁନ୍ତି ମଲିକ, ଜୋରାବର ସିଂହ ସାନ୍ଧୁ ଓ ଇଲାଭେନିଲ ଭାଲାରିଭାନ୍।

## ଟି-୨୦ରେ ୬୦୦ ୱିକେଟ ନେବାରେ ନାରାୟଣ ୩ୟ ବୋଲର

**ଶାରଜା, ୪।୧୨ (ଏଜେନ୍ସି):** ବିଶ୍ୱର ୩ୟ ବୋଲର ଭାବେ ୱେଷ୍ଟଇଣ୍ଡିଜର ରହସ୍ୟମୟୀ ସ୍ପିନର ସୁନିଲ ନାରାୟଣ ଟି-୨୦ କ୍ରିକେଟ୍‌ରେ ୬୦୦ ୱିକେଟ୍ ନେବାର ରେକର୍ଡ କରିଛନ୍ତି। ୟୁଏଇରେ ଚାଲିଥିବା ଇଣ୍ଟରନ୍ୟାସନାଲ ଲିଗ୍-୨୦ (ଆଇଏଲଟି୨୦) ଅବସରରେ ନାରାୟଣ ଏହି ସଫଳତା ପାଇଛନ୍ତି। ଆବୁଧାବି ନାଇଟ୍ ରାଇଡର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ନାରାୟଣ ପ୍ରତିପକ୍ଷ ଶାରଜା ୱାରିୟର୍ସ ବ୍ୟାଟର୍ ଟମ୍ ଆବେଲ୍‌ଙ୍କୁ ଆଉଟ୍ କରି ଏହି ମାଇଲଖୁଣ୍ଟ ଛୁଇଁଥିଲେ। ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ନାରାୟଣ ବର୍ତ୍ତମାନ ସୁଦ୍ଧା ୫୬୮ଟି ମ୍ୟାଚ୍ ଖେଳି ୬.୧୬ ଇକୋନୋମିରେ ୬୦୦ଟି ୱିକେଟ୍ ହାସଲ କରିଛନ୍ତି। ଯେଉଁଥିରେ ସେ ଥରେ ୫ ୱିକେଟ୍ ସଫଳତା ଏବଂ ୧୨ଥର ୪ ୱିକେଟ୍ ସଫଳତା ପାଇଛନ୍ତି। ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ସର୍ବାଧିକ ୱିକେଟ୍ ନେବାରେ ରଶିଦ ଖାନ (୬୮୧) ଓ ଡ୍ୱେନ ବ୍ରାଭୋ (୬୩୧) ଯଥାକ୍ରମେ ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।

### ସୟଦ ମୁସ୍ତାକ ଅଲି ଟି-୨୦

## ୧ ରନ୍‌ରେ ରେଳବାଇକୁ ହରାଇଲା ଓଡ଼ିଶା


**ସୌମ୍ୟଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ**



**ଲକ୍ଷ୍ନୌ, ୪।୧୨ (ଏଜେନ୍ସି):** ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଏକ ରୋମାଞ୍ଚକ ମ୍ୟାଚରେ ଗୁରୁବାର ଓଡ଼ିଶା ୧ ରନରେ ଶକ୍ତିଶାଳୀ ରେଳବାଇକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା (ଅପରାଜିତ ୭୫ ରନ ଓ ୩ଟି ୱିକେଟ୍) ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ଦଳକୁ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ବିଜୟ ଭେଟି ଦେଇଥିଲେ। ଫଳରେ ଓଡ଼ିଶା ୫ ମ୍ୟାଚରୁ ୮ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ଏ'ର ୭ମ ସ୍ଥାନକୁ ଉଠିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୩୮ ରନ ମଧ୍ୟରେ ୪ଟି ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଦୁଇ ଓପନର୍ ଆଦିତ୍ୟ ରାଉତ (୨୧ ରନ), ଗୌରବ ଚୌଧୁରୀ (୫), ଶୁଭ୍ରାଂଶୁ ସେନାପତି (୧) ଓ ଅଧିନାୟକ ବିପ୍ଳବ ସାମନ୍ତରାୟ (୧) ଶସ୍ତାରେ ଆଉଟ୍ ହୋଇଥିଲେ। ତେବେ ୱିକେଟ୍‌କିପର ଆଶୀର୍ବାଦ ସ୍ୱାଇଁଙ୍କ ସହ ଯୁବ ଅଲ୍‌ରାଉଣ୍ଡର ସୌମ୍ୟ ଏହାପରେ ସ୍ଥିତି ସମ୍ଭାଳିଥିଲେ। ଉଭୟ ୫ମ ୱିକେଟ୍‌ରେ ୧୨ ଓଭରରେ ୧୦୫ ରନର ଭାଗୀଦାରି ଗଢ଼ିଥିଲେ। ଫଳରେ ଓଡ଼ିଶା ୫ ୱିକେଟ୍‌ରେ ୧୬୯ ରନର ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା। ସୌମ୍ୟ ୪୦ଟି ବଲ୍‌ରେ ୭୫ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଯେଉଁଥିରେ ସେ ୩ଟି ଚୌକା ଓ ୬ଟି ଛକା ମାରିଥିଲେ। ଆଶୀର୍ବାଦ ୪୭ ବଲରେ ୪୮ ରନ କରି ଆଉଟ୍ ହୋଇଥିଲେ। ଜବାବରେ ରେଳବାଇ ଅକ୍ଷତ ପାଣ୍ଡେ (୩୪ ବଲରେ ୬୦ ରନ)ଙ୍କ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ଇନିଂସର ଶେଷ ବଲରେ ୧୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶେଷ ଓଭରରେ ବିଜୟ ଲାଗି ୧୭ ରନ ଆବଶ୍ୟକ ହେଉଥିଲା। ସୌମ୍ୟ ଏହି ଓଭରଟି ପକାଇ ୧୫ ରନ ଦେଇଥିଲେ। ଏପରିକି ଶେଷ ବଲରେ ୪ ରନ ଆବଶ୍ୟକ ହେଉଥିବାବେଳେ ୩ୟରନ ପ୍ରୟାସରେ ରାଜ ଚୌଧୁରୀ ରନ ଆଉଟ୍ ହୋଇଯାଇଥିଲେ। ସୌମ୍ୟ ସର୍ବାଧିକ ୩ଟି ଏବଂ ରାଜେଶ ମହାନ୍ତି ଓ ପ୍ରୟାସ ସିଂଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।

### ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ

## ସେମିରେ ତନ୍‌ଭୀ, ସ୍ୱାତୀ-ନିମିଶା







**ଭୁବନେଶ୍ୱର, ୪।୧୨ (ସମିସ):**

ଓଡ଼ିଶାର ଦମ୍‌ଦାର ଖେଳାଳି ତନ୍‌ଭୀ ପତ୍ରୀ, ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କ ଯୋଡି କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତନ୍‌ଭୀ ଉଭୟ ବିଭାଗର ଏକକ ଏବଂ ସ୍ୱାତୀ- ନିମିଶାଙ୍କ ଯୋଡି ୧୫ ବର୍ଷରୁ କମ୍ ବାଳିକା ବିଭାଗର ଯୁଗଳ କାଟାଗୋରୀର ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ସମସ୍ତ ସେମିଫାଇନାଲ ଓ ୬ ତାରିଖ ଶନିବାର ଫାଇନାଲ ମ୍ୟାଚ୍ ଖେଳାଯିବ।

ଓଡ଼ିଶାର ତାରକା ଖେଳାଳି ତନ୍‌ଭୀ ଆଜି ପ୍ରଥମେ ୧୫ ବର୍ଷରୁ କମ୍ କ୍ୱାର୍ଟର ଫାଇନାଲ ଖେଳିଥିଲେ। ଏଥିରେ ସେ ୨୧-୧୪, ୨୧-୧୪ରେ ଉତ୍ତରପ୍ରଦେଶର ଅଗ୍ରୀମା ସିଂଙ୍କୁ ପରାସ୍ତ କରି ସେମିକୁ ଉନ୍ନିତ ହୋଇଥିଲେ। ସେମିରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦ, ହାମସିନୀ ଚନ୍ଦରମ ଓ ପଞ୍ଜାବର ଇନାୟତ ଗୁଲାଟି। ସେହିପରି ୧୭ ବର୍ଷରୁ କମ୍ ବାଳିକା ଏକକ କ୍ୱାର୍ଟର ଫାଇନାଲରେ ତନ୍‌ଭୀ ୨୧-୧୫, ୨୧-୧୨ରେ କେରଳର ହିଥା ମାରିଆ ଜୋଶ୍‌ଙ୍କୁ ହରାଇ ଦ୍ୱିତୀୟ ଇଭେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏହି ବିଭାଗରେ ତାମିଲନାଡୁର ଦୀକ୍ଷା ଏସ୍‌ଆର୍, ଦିଲ୍ଲୀର ରକ୍ଷିକା ନନ୍ଦୀ ମଧ୍ୟ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।

୧୫ ବର୍ଷରୁ କମ୍ ବାଳିକା ବିଭାଗ ଯୁଗଳ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇଛନ୍ତି ଓଡ଼ିଶାର ଯୋଡି ସ୍ୱାତୀ ନାୟକ ଓ ନିମିଶା ଓଝା। କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ଯୋଡି ଶ୍ରେୟା କାନ୍ଦିବିଲା ଓ ଶ୍ରୀ ନାଗଲକ୍ଷ୍ମୀଙ୍କ ଯୋଡିଙ୍କୁ ୨୨-୨୦, ୧୪-୨୧ ଓ ୨୧-୧୧ରେ ପରାସ୍ତ କରି ସ୍ୱାତୀ- ନିମିଶା ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୧୫ ବର୍ଷରୁ କମ୍ ବାଳକ ଏକକରେ ତେଲଙ୍ଗାନାର ଶ୍ରୀଚୈତନ୍ୟ ସୌର୍ଯ୍ୟ, କର୍ଣ୍ଣାଟକର ପୁଷ୍କର ସାଇ, ଦିଲ୍ଲୀର ହର୍ଷିତ କ୍ଷତ୍ରୀ ଓ ରାଜସ୍ଥାନର ଅଂଶୁମାନ ଚୌଧୁରୀ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ ରଖିଛନ୍ତି। କ୍ୱାର୍ଟରରେ ଟପ୍ ସିଡ୍ ପଞ୍ଜାବର ୱାଜିର ସିଂହଙ୍କୁ ହରାଇଥିଲେ ଶ୍ରୀଚୈତନ୍ୟ। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଟପ୍ ସିଡ୍ ପଞ୍ଜାବର ଜଗସେର ସିଂହ ଖାଙ୍ଗରା, ଆସାମର ବର୍ଣ୍ଣିଲ ଆକାଶ ଚେଙ୍ଗମାଇ, ପଞ୍ଜାବର ବିରାଜ ଶର୍ମା, ମହାରାଷ୍ଟ୍ରର ଦେବ ରୂପରେଲିଆ କ୍ୱାର୍ଟର ଫାଇନାଲ ମୁକାବିଲାରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଏମାନଙ୍କ ଭାଗ୍ୟ ପରୀକ୍ଷା ହେବ।

**'ନନ୍ଦିଘୋଷ ଟିଭି'**

ନନ୍ଦିଘୋଷ

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS